

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-189 ♦SUNDAY ♦4 JANUARY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୮୯ ♦ରବିବାର ♦୪ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)



ପ୍ରତିଘର ପାଠାଗାର

## ସମକାଳୀନ ଓଡ଼ିଆ କାହାଣୀ ଜଗତର ସବୁଠୁ ଚର୍ଚ୍ଚିତ ୩୦ ଗଳ୍ପ ପୁସ୍ତକ, ଅଧାମୂଲ୍ୟରେ*

ଆଧୁନିକ ଓଡ଼ିଆ କ୍ଲାସିକ୍ | ମନ ଚହଲେଇଦେବା ଭଳି କାହାଣୀ | ୩୦ଟି ପୁସ୍ତକରେ ୫୦୦ରୁ ଅଧିକ ଗଳ୍ପ | ସୁଯୋଗ ସୀମିତ ସମୟ ପାଇଁ

20 ପେନ୍ ଇନ୍ ବୁକ୍ସ · PEN IN BOOKS · twenty years of excellence

- ହୃଦୟ ଫୃଦୟ — ଲେଖକ ଅଜୟ ସ୍ୱାଇଁ — ମୂଲ୍ୟ ୧୯୯ ଟଙ୍କା
- ଅଧିମୋକ୍ଷ — ଲେଖକ ଗୌରହରି ଦାସ — ମୂଲ୍ୟ ୨୯୯ ଟଙ୍କା
- ସାରସର ଶେଷ ସ୍ୱର — ଲେଖକ ଅରୁଣ କୁମାର ସାହୁ — ମୂଲ୍ୟ ୨୩୯ ଟଙ୍କା
- ଯେତେସବୁ ଗୋପନୀୟ — ଲେଖକ ସୁରେଶ ଛୋଟରାୟ — ମୂଲ୍ୟ ୨୪୯ ଟଙ୍କା
- ମହାମନ୍ତ୍ର — ଲେଖକ କ୍ଷୀରୋଦ ଦାସ — ମୂଲ୍ୟ ୨୧୯ ଟଙ୍କା
- କୋକିଶିଆଳିର ଘର — ଲେଖକ ଜୀବନ କୃଷ୍ଣ ମହାପାତ୍ର — ମୂଲ୍ୟ ୪୪୯ ଟଙ୍କା
- ମଉନ ମଇନା — ଲେଖକ ଘନବିହାରୀ ମହାରଣା — ମୂଲ୍ୟ ୨୯୯ ଟଙ୍କା
- ବିସର୍ଜନ — ଲେଖକ ଶୁଭାଂଶୁ ପଣ୍ଡା — ମୂଲ୍ୟ ୨୪୯ ଟଙ୍କା
- ସେଇ ଲାଲ କଢ଼ି — ଲେଖକ ମୋନାଲିସା ମିଶ୍ର — ମୂଲ୍ୟ ୩୧୯ ଟଙ୍କା
- ଚିରକୁଟ — ଲେଖକ ଘନଶ୍ୟାମ ପାଣିଗ୍ରାହୀ — ମୂଲ୍ୟ ୨୪୯ ଟଙ୍କା
- କଦମ୍ବବନ — ଲେଖକ ସୁବ୍ରତ କୁମାର ସେନାପତି — ମୂଲ୍ୟ ୨୧୯ ଟଙ୍କା
- ଜହ୍ନପା — ଲେଖକ ବିଭୁ ହୋତା — ମୂଲ୍ୟ ୨୪୯ ଟଙ୍କା
- ବନ୍ଦୀ — ଲେଖକ ମିଯୋଗ ପାତ୍ର — ମୂଲ୍ୟ ୧୯୯ ଟଙ୍କା
- ମାୟା ସବୁଜ — ଲେଖକ ତୃପ୍ତି ରଞ୍ଜନ ଦାସ — ମୂଲ୍ୟ ୧୯୯ ଟଙ୍କା
- ଚାର୍ବାକ — ଲେଖକ ସ୍ୱାଗତ କୁମାର ପଣ୍ଡା — ମୂଲ୍ୟ ୨୧୯ ଟଙ୍କା
- ମିଛ ଝରଣାର ପାଣି — ଲେଖକ ଅଶୋକ କୁମାର ମିଶ୍ର — ମୂଲ୍ୟ ୨୯୯ ଟଙ୍କା
- ପାର୍ଥେନିୟମ — ଲେଖକ ଶୈଳେନ୍ଦ୍ର ଜେନା — ମୂଲ୍ୟ ୧୯୯ ଟଙ୍କା
- ଜିଅନ୍ତା କମ୍ବଳ — ଲେଖକ ହିପୁ ସଲ୍‌କ କ୍ରିଷିଲ୍ ନାଥନ — ମୂଲ୍ୟ ୨୪୯ ଟଙ୍କା
- କୁଏଞ୍ଜୁ — ଲେଖକ ରଞ୍ଜନ ପ୍ରଧାନ — ମୂଲ୍ୟ ୨୧୯ ଟଙ୍କା
- ନିଆରା କଥା — ଲେଖକ ହାଡ଼ିବନ୍ଧୁ ମହାଖୁଡ଼ — ମୂଲ୍ୟ ୧୯୯ ଟଙ୍କା
- ଚିଠି — ଲେଖକ ଛନ୍ଦା ମିଶ୍ର — ମୂଲ୍ୟ ୨୨୯ ଟଙ୍କା
- ବ୍ୟତିକ୍ରମ — ଲେଖକ ଶକ୍ତି ମହାନ୍ତି — ମୂଲ୍ୟ ୨୪୯ ଟଙ୍କା
- ଅଚିହ୍ନା ଝିଅ ପାଇଁ ଛତାଟିଏ — ଲେଖକ ମନୋରଞ୍ଜନ ବେହୁରା — ମୂଲ୍ୟ ୩୨୯ ଟଙ୍କା
- ପ୍ରହେଳିକା — ଲେଖକ ପ୍ରିୟଦର୍ଶିନୀ ପଣ୍ଡା — ମୂଲ୍ୟ ୨୩୯ ଟଙ୍କା
- ନିଛି ସେପାରିର ସଂଗୀତ — ଲେଖକ ଲକ୍ଷ୍ମଣ କୁମାର — ମୂଲ୍ୟ ୧୯୯ ଟଙ୍କା
- କଥା କୋଡ଼ିଏ — ଅନୁବାଦ ବଙ୍ଗାଳୀ ନନ୍ଦ — ମୂଲ୍ୟ ୨୪୯ ଟଙ୍କା
- ସ୍ମୃତି କାନଭାସରୁ କିଛି — ଲେଖକ ସୁଷମା ଚୌଧୁରୀ — ମୂଲ୍ୟ ୨୧୯ ଟଙ୍କା
- ଶେଷ ଦିନ — ଲେଖକ ସୋମନାଥ ବିଶୋୟୀ — ମୂଲ୍ୟ ୧୯୯ ଟଙ୍କା
- ମାୟାମୁଗ୍ଧ — ଲେଖକ ଶଶାଙ୍କ ପ୍ରିୟସଖା — ମୂଲ୍ୟ ୨୩୯ ଟଙ୍କା
- ଗୋଧୂଳି ଲଗ୍ନର ତାରା — ଲେଖକ ଅରୁଣ କୁମାର ଦାଶ — ମୂଲ୍ୟ ୨୪୯ ଟଙ୍କା

#PratiGharaPathagara #peninbooks

ପେନ୍ ଇନ୍ ବୁକ୍ସ

facebook.com/peninbooks · instagram.com/peninbooks_ · twitter.com/peninbooks · youtube.com/@PENINBOOKS · peninbooks.com

ଡାକ ଖର୍ଚ୍ଚ ସହ ୩୦ଟି ଗଳ୍ପ ପୁସ୍ତକ
**୩୯୯୯ ଟଙ୍କା**
ଆଜି ହିଁ ୟୁପିଆଇରେ ପଇଠ କରନ୍ତୁ ନିଜ ଦୁଆର ମୁହଁରେ ପୁସ୍ତକ ପାଆନ୍ତୁ

ପୁସ୍ତକ ମଗାଇବା ପଦ୍ଧତି

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ତାହାଣ ପାଖ କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୩,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ। ସ୍ପିଡ୍‌ପୋଷ୍ଟ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ପଠାଯିବ।
- ଯୋଜନାଟି ୧୭ ଜାନୁଆରୀ ୨୦୨୬, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୩,୯୯୯/- ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

ଜିତନ୍ତୁ ଏକ ଲକ୍ଷ ଟଙ୍କାର ମାଗଣା ପୁସ୍ତକ

78469 81182

Odia Media Private Limited · odiamedia@icici

## ବିଚାର ବିବାଦ ବିଧାନ

ରାଜୁତି, ରାଜନୀତି ଓ ରାଷ୍ଟ୍ରଗଠନ ସମ୍ବନ୍ଧରେ ୭ଟି ସ୍ୱତନ୍ତ୍ର ଗ୍ରନ୍ଥ ଏକତ୍ର
୩,୧୯୩ ଟଙ୍କାର ପୁସ୍ତକ ମାତ୍ର ୧,୯୯୯ ଟଙ୍କାରେ

- ଆର୍‌ଏସ୍‌ଏସ୍ ୩୬୦° (RSS 360°) — ରତନ ଶାରଦା — ରାଷ୍ଟ୍ର ଓ ସମାଜ ଗଠନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବୈଚାରିକ ଅବଦାନ — ମୂଲ୍ୟ ୫୯୯/-
- ତିନି ଦଶନ୍ଧିର ଓଡ଼ିଶା ୧୯୯୧ - ୨୦୨୦ — ଚିରରଞ୍ଜନ ଚିରଞ୍ଜିତ — ୧୯୯୧ରୁ ୨୦୨୦ ପର୍ଯ୍ୟନ୍ତ ଓଡ଼ିଶାର ରାଜନୈତିକ ବିଶ୍ଳେଷଣ — ମୂଲ୍ୟ ୫୯୯/-
- ନିର୍ବାଚନ ୨୦୨୪ — ଚୌଧୁରୀ ଅମିତାଭ ଦାସ — ୨୦୨୪ ଓଡ଼ିଶା ନିର୍ବାଚନର ରାଜନୀତି, ସମୀକରଣ, ଭିତିରି କଥା ଓ ଫଳାଫଳ — ମୂଲ୍ୟ ୩୯୯/-
- ମୋଦୀତନ୍ତ୍ର: ପଣାପାଲିରେ ରାଜ୍ୟ ଓ ରାଜନୀତି — ସୁଧାଂଶୁ ପାତ୍ର — ପରାଜୟରୁ ବିଜୟ ଆଡ଼କୁ ବିଜେପିର ଯାତ୍ରାରେ ନରେନ୍ଦ୍ର ମୋଦୀଙ୍କ ଭୂମିକା — ମୂଲ୍ୟ ୩୯୯/-
- ପଚିଶ ବର୍ଷର ନବୀନ ଓଡ଼ିଶା — ୨୫ ବର୍ଷର ରାଜନୀତିରେ ନବୀନ ପଟ୍ଟନାୟକଙ୍କ ସଫଳତା ଓ ଉପଲବ୍ଧି — ମୂଲ୍ୟ ୪୯୯/-
- ସ୍ୱରାଜ — ଅରବିନ୍ଦ କେଜରିୱାଲ — ଅରବିନ୍ଦ କେଜରିୱାଲଙ୍କ କଳ୍ପିତ ନୂଆ ଭାରତ ଓ ରାଜନୈତିକ ସଂକଳ୍ପ — ମୂଲ୍ୟ ୨୯୯/-
- ଗାନ୍ଧୀ ଫେରୁଛନ୍ତି — ସୁଧାଂଶୁ ପାତ୍ର — ରାଜନୀତିରେ ସଫଳ ହେବ କି ରାହୁଲଙ୍କ ନୂଆ ପ୍ରୟୋଗ? ଏକ ଅନୁଶୀଳନ — ମୂଲ୍ୟ ୩୯୯/-

ନିର୍ଦ୍ଦିଷ୍ଟ ପୁସ୍ତକ ବିଷୟରେ ଅଧିକ ଜାଣିବାକୁ ଓ ପୁସ୍ତକଟି କିଣିବାକୁ ଚାହୁଁଥିଲେ, ମୋବାଇଲ କ୍ୟାମେରାରେ ପୁସ୍ତକ ସଂଲଗ୍ନ କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ରାଜନୀତି ବିଷୟରେ ଆଲୋଚନା କରିବା, ନେତାଙ୍କୁ ଗାଳିଦେବା ଅଥବା ଆଖିବୁଜି ସମର୍ଥନ କରିବା, ସାମାଜିକ ଗଣମାଧ୍ୟମ ଓ ଖଟିରେ ମତ ଦେବା, ଅଥଚ ରାଜନୀତି ଓ ଶାସନତନ୍ତ୍ରର ଭିତିରି କଥା ଜାଣିବା ନାହିଁ କି ପଢ଼ିବା ନାହିଁ - ଏ କେମିତିକା କଥା?
ରାଜନୀତି ଓ ରାଷ୍ଟ୍ରନୀତିରେ ଆଗ୍ରହ ରଖୁଥିବା ବ୍ୟକ୍ତିଙ୍କ ପାଇଁ ଏହି ୭ଟି ପୁସ୍ତକ ପଢ଼ିବା ଓ ସାଇତିବା ଜରୁରୀ।

ପୁସ୍ତକ ମଗାଇବା ପଦ୍ଧତି

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ତାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୧,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ସ୍ପିଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ପଠାଯିବ।*
- ଯୋଜନାଟି ୧୭ ଜାନୁଆରୀ ୨୦୨୬, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୧,୯୯୯ ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

UPI ID - odiamedia@icici

77354 81182

### ବିଂଶତମ ମହୋଦଧି ଆଳତି

# ବେଦଧ୍ୱନିରେ ଉଚ୍ଛୁଳିଲା ମହୋଦଧି ତଟ



ପୁରୀ,୩।୧(ସମିସ): ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ଗୁରୁବାର ସନ୍ଧ୍ୟାରେ ବିଂଶତମ ମହୋଦଧି ଆଳତି ଅନୁଷ୍ଠିତ ହୋଇଯାଇଛି। ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ତୀର୍ଥରାଜ ମହୋଦଧିଙ୍କୁ ନୈବେଦ୍ୟ ଅର୍ପଣ ସହ ଆଳତି କରିଥିଲେ। ହଜାର ହଜାର ଭକ୍ତଙ୍କ ସମାବେଶ ସାଙ୍ଗକୁ ଘଣ୍ଟଘଣ୍ଟାର ନାଦ ଓ ବେଦ ଧ୍ୱନିରେ ଉଚ୍ଛୁଳି ପଡ଼ିଥିଲା ମହୋଦଧି ତଟ। ଏହି ଆଳତିର ଅପୂର୍ବ ଦୃଶ୍ୟକୁ ସତେଯେମିତି ଉପଭୋଗ କରିବା ପାଇଁ ସମୁଦ୍ରର ଲହଡ଼ିଗୁଡ଼ିକ ବେଳାଭୂମିରେ ମଥାନତ କରିଥିଲେ। ଏହି ଦିବ୍ୟ ଆଳତି ପୂର୍ବରୁ ସମବେତ ଜନତାଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ।

ସେ କହିଥିଲେ, ବିଶାଳ ଭୂଖଣ୍ଡ ଭାରତକୁ କେହି କେବେ ଦିଶାହୀନ କରିପାରିବେ ନାହିଁ। ଯେବେ ବି ସେମିତି ସ୍ଥିତି ଆସିଛି, ଭଗବାନଙ୍କ ପ୍ରେରଣାରେ ସିଦ୍ଧ ସନ୍ଥ ମନିଷୀମାନେ ଅବତାର ନେଇଛନ୍ତି। ଭଗବତ କୃପାରୁ ଆମକୁ ମଣିଷ ଜନ୍ମ ମିଳିଛି। ଶୁଦ୍ଧ ସାତ୍ତ୍ୱିକ ଗୁଣ ସମ୍ପନ୍ନ ବ୍ୟକ୍ତି ସମସ୍ତଙ୍କ ହିତ ଆଚରଣ କରିଥା'ନ୍ତି। ଶ୍ରୀମଦ୍ ଭାଗବତରେ ମୁକ୍ତି ପରିଭାଷିତ ହୋଇଛି। ମୁକ୍ତି ଏକ ଉତ୍ପାଦ ନୁହେଁ, ଏହା ନିତ୍ୟ ସିଦ୍ଧ ସ୍ୱରୂପ। ସେବା, ସଦ୍‌ଭାବ ଓ ସଂଘର ବଳକୁ ଆପଣାଇ ନିଜ ଜୀବନରେ ଦିବ୍ୟତାର ଆବାହନ କର ବୋଲି ଗୁରୁଜୀ କହିଛନ୍ତି। ଏହି ଅବସରରେ ଜଗତ୍‌ଗୁରୁ ମହୋଦଧି ତଟ ସୁରା ଓ ସୁନ୍ଦରୀଙ୍କ କେନ୍ଦ୍ର ନ ହେଉ। ଏପରିକି, ବେଳାଭୂମିରେ ଧର୍ମକୁ ବିରୁଦ୍ଧ କଲା ଭଳି କାମ ନ ହେଉ ବୋଲି ଆହ୍ୱାନ ଦେଇଛନ୍ତି।

ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଲେ, ଶ୍ରୀପୁରୁଷୋତ୍ତମ କ୍ଷେତ୍ର ହେଉଛି ମହାପ୍ରଭୁଙ୍କ ନିଜ ସ୍ୱରୂପ। ତେଣୁ ଏହି କ୍ଷେତ୍ରକୁ ଯେପରି ଆମିଷ ଓ ଅନୀତିମୁକ୍ତ ରଖିବା, ତାହା ପାଳନ କରିବାକୁ ହେବ। ପିଲାଦିନେ ଆମେ ଯେଉଁ ଶିକ୍ଷା ଗ୍ରହଣ କରୁ, ତାହାଦ୍ୱାରା ଆମ ବ୍ୟକ୍ତିତ୍ୱ ଓ ଚରିତ୍ର ନିର୍ମାଣ ହୋଇଥାଏ। ମାତ୍ର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ରାମାୟଣ, ଭାଗବତ, ହାଭାରତ, ବେଦର ସ୍ଥାନ ନାହିଁ। ଏବେ ଯଦି ବେଦଶାସ୍ତ୍ରକୁ ପାଠ୍ୟ ଅନ୍ତର୍ଭୁକ୍ତ କରାଯାଏ ତେବେ ଉତ୍ତମ ଚରିତ୍ର, ଆଦର୍ଶ ବ୍ୟକ୍ତିତ୍ୱ ଓ ଉତ୍ତମ ରାଷ୍ଟ୍ର ନିର୍ମାଣ ହୋଇପାରିବ।

ଅନ୍ୟମାନଙ୍କ ମଧ୍ୟରେ ବିଜେପି ସଭାପତି ମନମୋହନ ସାମଲ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଡ. ସମ୍ବିତ ପାତ୍ର, ଅମର ଶତପଥୀ, ମହନ୍ତ ଅସୀମାନନ୍ଦ ଦାସ, ଜଗଦୀଶ ପ୍ରସାଦ ଖାଡେଙ୍ଗା, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମହେଶ କୁମାର ସାହୁ, ବରିଷ୍ଠ ସେବାୟତ ଜନାର୍ଦ୍ଦନ ପାଟଯୋଶୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମାତୃପ୍ରସାଦ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ ମଠ ମହନ୍ତ, ବିଦ୍ୱାନ, ଜ୍ଞାନୀଗୁଣି, ନେତାମନ୍ତ୍ରୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

### ଜନ୍ମ ଶତବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

# ଜାନକୀବଲ୍ଲଭ ଅନେକଙ୍କ ପାଇଁ ପ୍ରେରଣାଦାୟୀ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୩।୧(ସମିସ): ରାଜ୍ୟ ରାଜନୀତିରେ ଜାନକୀବଲ୍ଲଭ ଅନେକଙ୍କ ପାଇଁ ପ୍ରେରଣାଦାୟୀ ଗୁରୁ। କୌଣସି ସମସ୍ୟାରେ ବିଚଳିତ ନହୋଇ କର୍ମମୟ ଜୀବନରେ ଆଗକୁ ବଢ଼ି ଚାଲିବା, ଜାନକୀ ବଲ୍ଲଭଙ୍କ ଜୀବନୀରୁ ସମସ୍ତେ ଶିକ୍ଷାଲାଭ କରିବା ଉଚିତ। ନିରନ୍ତର କର୍ମ ଓ ଧୈର୍ଯ୍ୟ ହେଉଛି ସଫଳତାର ଅନ୍ୟ ନାମ। ଶନିବାର ଭୁବନେଶ୍ୱରର କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ଯୁବବର୍ଗଙ୍କୁ ଉଦ୍ୟୋଗୀ କରିବା ପାଇଁ ୧୯୮୦ ମସିହାରେ ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକ ରାଜ୍ୟରେ ପ୍ରଥମଥର ପାଇଁ ବ୍ୟାପକ ଶିଳ୍ପାୟନର ଉଦ୍ୟମ କରିଥିଲେ। ସେତେବେଳେ ହଜାର ଦିନରେ ହଜାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ସେ ଯେଉଁ ଆହ୍ୱାନ ଦେଇଥିଲେ, ତାହା ସେ ସମୟରେ ଯୁବବର୍ଗଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟି କରିଥିଲା। ଆମ ସରକାର ଜନକୀ ବାବୁଙ୍କ ସ୍ୱପ୍ନକୁ ପୂରଣ କରିବାକୁ ଯାଉଛି। ପୁଣିଥରେ ରାଜ୍ୟରେ ଶିଳ୍ପ ବିପ୍ଳବ ପୁନର୍ଜୀବୀତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ ଯେ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବହୁବିଧ କାର୍ଯ୍ୟ କରି ସେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଯୋଗଦାନ କରିଛନ୍ତି। ତାଙ୍କ ପରି ଧୈର୍ଯ୍ୟ, ଯଥାର୍ଥ ସାଙ୍ଗଠନିକ ଦକ୍ଷତା, ନିଷ୍ଠା, ଜନସେବକ ଭୂମିକାକୁ ଅବ୍ୟାହତ ରଖିପାରିଲେ ଜଣେ ନେତୃତ୍ୱକୁ ଦୀର୍ଘଜୀବୀ କରିପାରିବା ବୋଲି ଜାନକୀବଲ୍ଲଭ ପ୍ରମାଣ କରିଯାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ବରିଷ୍ଠ କଂଗ୍ରେସ ନେତା ତଥା ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶତବାର୍ଷିକୀ କମିଟିର ଅଧ୍ୟକ୍ଷ ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଜାନକୀବାବୁ ଓଡ଼ିଆ ଅସ୍ମିତାର ପଥ ପ୍ରଦର୍ଶକ ଥିଲେ। ଜାନକୀ ବାବୁ ପ୍ରଥମ ମୁଖ୍ୟମନ୍ତ୍ରୀ ଯିଏ ଓଡ଼ିଶାରେ ସ୍ଥିର ଶାସନ ଦେଇପାରିଥିଲେ। ଏଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୀରପ୍ପା ମୋଇଲି, ସାଂସଦ ରଣଦୀପ ସୂର୍ଜେୱାଲା, ସପ୍ତଗିରି ଉଲ୍ଲାକା, ଏଆଇସିସି ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ କଂଗ୍ରେସ ବିଧାୟକ ଦଳନେତା ନରସିଂହ ମିଶ୍ର, ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ହରେକୃଷ୍ଣ ଶତପଥୀ ପ୍ରମୁଖ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ।

## ଜାନକୀ ବାବୁଙ୍କ ଜୀବନ ସାହିତ୍ୟ, ସଂସ୍କୃତି ଓ ରାଜନୀତିର ତ୍ରିବେଣୀ ସଙ୍ଗମ: ନବୀନ



ଭୁବନେଶ୍ୱର, ୩।୧ (ଓମିସ): ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଯୋଗଦେଇ ବିଶିଷ୍ଟ ଜନନେତା ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଛନ୍ତି।

ନବୀନ କହିଛନ୍ତି, "ଜାନକୀବାବୁଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ତାଙ୍କର ଅମର ଆତ୍ମା ପ୍ରତି ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି। ସେ ୬୦ ବର୍ଷରୁ ଅଧିକ ସମୟ ଧରି ଓଡ଼ିଶାର ଜନଜୀବନ ସହ ଜଡ଼ିତ ଥିଲେ। ଜଣେ ଛାତ୍ର ନେତା, ସାମ୍ବାଦିକ, ଲେଖକ ଓ ରାଜନୀତିଜ୍ଞ ଭାବେ ଓଡ଼ିଶା ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖି ଯାଇଛନ୍ତି। ତାଙ୍କର ଜୀବନ ସାହିତ୍ୟ, ସଂସ୍କୃତି ଓ ରାଜନୀତିର ତ୍ରିବେଣୀ ସଙ୍ଗମ ଥିଲା। ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ତାଙ୍କର ଗଭୀର ଅନୁରାଗ ଥିଲା। ସଂସ୍କୃତ ଭାଷା ଓ ସାହିତ୍ୟରେ ତାଙ୍କର ବିଶେଷ ଦକ୍ଷତା ଥିଲା। ଦୀର୍ଘ ୧୪ ବର୍ଷ ଜାନକୀ ବାବୁ ମୁଖ୍ୟମନ୍ତ୍ରୀ ଭାବରେ ଓଡ଼ିଶାର ସେବା କରିଛନ୍ତି। କୃଷି, ଜଳସେଚନ, ଭିତ୍ତିଭୂମି, ଶିକ୍ଷା ଓ ଆଇଟି କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ଥିଲା। ମୁଁ ମୁଖ୍ୟମନ୍ତ୍ରୀ ଥିଲା ବେଳେ ଜାନକୀ ବାବୁ ୨୦୦୪ରୁ ୨୦୦୯ ଯାଏଁ ବିଧାନସଭାରେ ବିରୋଧୀ ଦଳ ନେତା ଥିଲେ। ବିରୋଧୀ ଦଳ ନେତା ଭାବରେ ବିଧାନସଭାରେ ବିଭିନ୍ନ ପ୍ରସଙ୍ଗରେ ତାଙ୍କର ଗଭୀର ବିଶ୍ଳେଷଣ ଏବଂ ସୁଚିନ୍ତିତ ମତାମତ ଉପସ୍ଥାପନ ରାଜ୍ୟର ସାମାଜିକ, ରାଜନୈତିକ ତଥା ଅର୍ଥନୈତିକ ଦୃଶ୍ୟପଟ୍ଟ ପ୍ରତି ତାଙ୍କର ଗଭୀର ଜ୍ଞାନକୁ ପ୍ରତିଫଳିତ କରୁଥିଲା। ସାଂଗଠନିକ ଦକ୍ଷତା ଓ ଧୈର୍ଯ୍ୟ ତାଙ୍କର ବଡ଼ ଶକ୍ତି ଥିଲା। ମୁଁ ପୁଣିଥରେ ଜାନକୀ ବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧା ନିବେଦନ ସହ ଶତବାର୍ଷିକୀ କମିଟିର ଉଦ୍ୟମ ପାଇଁ ସାଧୁବାଦ ଜଣାଉଛି।"

### ଓସିଏସ୍ ପରୀକ୍ଷାରେ ଓଏଏସ୍, ଓଏଫ୍ଏସ୍, ଓଆରଏସ ପଦ ନ ରହିବା ପ୍ରସଙ୍ଗ

# ସରକାରଙ୍କ ଅପାରଗପଣିଆ ଶିଖର ଛୁଇଁଲାଣି: ବିଜେଡି

ଭୁବନେଶ୍ୱର, ୩।୧(ସମିସ): ଓସିଏସ୍ ପରୀକ୍ଷା ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ଓଏଏସ୍, ଓଏଫ୍ଏସ୍ ଏବଂ ଓଆର୍ଏସ୍ ପଦ ନ ରହିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ। ଶନିବାର ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଛନ୍ତି, ରାଜ୍ୟରେ ଏକ ଅପାରଗ ସରକାର ଚାଲିଛି। ତେଣୁ, ବାରମ୍ବାର ଏହିଭଳି ତ୍ରୁଟି ବିଚ୍ୟୁତି ନିୟମିତ ଭାବେ ଦେଖିବାକୁ ମିଳୁଛି।

ନବୀନ ସରକାରଙ୍କ ୨୪ ବର୍ଷର ଶାସନରେ ପ୍ରତିବର୍ଷ ଓଏଏସ୍, ଓଏଫ୍ଏସ୍ ଏବଂ ଓଆର୍ଏସ୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଉଥିଲା। ପ୍ରଥମଥର ପାଇଁ ଏହି ପଦ ବିନା ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଅପାରଗପଣିଆ ଶିଖର ଛୁଇଁଲାଣି। ଗତ ୧୮ ମାସର ବିଜେପି ଶାସନରେ ୨୦ଟି ପରୀକ୍ଷାରେ ବିଭ୍ରାଟ ଦେଖିବାକୁ ମିଳିଲାଣି। ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ଜାତୀୟ ସ୍ତରରେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଚାକିରି ଆଶାୟୀମାନେ ହତାଶ ହୋଇପଡ଼ିଛନ୍ତି। ରାଜ୍ୟ ସରକାର ପରିସ୍ଥିତିରେ ସୁଧାର ଆଣିବା ପରିବର୍ତ୍ତେ ନିଜ ପିଠି ଥାପୁଡ଼ଉଛନ୍ତି। ସରକାର ରାଜ୍ୟର ମେଧାବୀ ଯୁବକମାନଙ୍କ ଭବିଷ୍ୟତ



ସହ ନ ଖେଳିବାକୁ ଚିନ୍ମୟ ଚେତାବନୀ ଦେଇଛନ୍ତି। ଓଏଏସ୍, ଓଏଫ୍ଏସ୍ ଏବଂ ଓଆରଏସ୍ ପଦ ବାହାର ନ କରିବା ରାଜ୍ୟ ସରକାରଙ୍କ ବିଫଳତାକୁ ପଦାରେ ପକାଉଛି। ସାଧାରଣ ପ୍ରଶାସନ ବିଭାଗର ଏହି ବେପରୁଆ ମନୋଭାବ ପାଇଁ ଏବଂ ମୁଖ୍ୟମନ୍ତ୍ରୀ ଏହି ବିଭାଗର ଦାୟିତ୍ୱରେ ଥିବାରୁ ସେ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି।

ସେହିପରି ଇପ୍ସିତା କହିଛନ୍ତି, ତରବରିଆ ଭାବେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଏକ ପ୍ରେସ୍ ବିବୃତ୍ତି ଜାରି କରାଯାଇ ନିଯୁକ୍ତି ପ୍ରକ୍ରିୟାରେ ଏହି ପଦଗୁଡ଼ିକୁ ସାମିଲ କରିବା ପାଇଁ ଅନୁରୋଧ କରାଯାଇଛି ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀ କ'ଣ ଏତେ ଅସହାୟ ଯେ ତାଙ୍କୁ ଏହି ପଦ ସାମିଲ କରିବା ଲାଗି ଅନୁରୋଧ କରିବାକୁ ପଡୁଛି ବୋଲି ଇପ୍ସିତା ପ୍ରଶ୍ନ କରିଛନ୍ତି। ସେହିପରି ବିଜେପି ସରକାର ୪୦ ହଜାର ନିଯୁକ୍ତି ଦେଇଥିବା କହୁଥିବା ବେଳେ ବାସ୍ତବରେ ପରୀକ୍ଷା ବିଭ୍ରାଟ ଉତ୍କଟ ହୋଇଛି। ୨୦ଟି ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ହେବା ଦ୍ୱାରା ଆଶାୟୀଙ୍କ ମନୋବଳ ଭାଙ୍ଗିଯାଇଛି। ନବୀନ ସରକାରଙ୍କ ସମୟରେ ୧୭ ହଜାର ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଥିଲା ବେଳେ ବିଜେପି ସରକାର କେବଳ ନିଯୁକ୍ତିପତ୍ର ବାଣ୍ଟି ବାହାସ୍ଫୋଟ ମାରୁଛି ବୋଲି ସେ କଟାକ୍ଷ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ

# ଓସିଏସ୍ ପରୀକ୍ଷାରେ ସାମିଲ ହେଲା ଓଏଏସ୍, ଓଆର୍ଏସ୍ ପଦ

ଭୁବନେଶ୍ୱର, ୩।୧ (ସମିସ): ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷାରେ ସଂଯୋଗ ହୋଇଛି ଓଡ଼ିଶା ପ୍ରାଶାସନିକ ସେବା (ଓଏଏସ୍) ପଦ। ଗତ ୩୧ ତାରିଖରେ ଓସିଏସ୍ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ତହିଁରେ ଗୋଟିଏ ମଧ୍ୟ ଓଏଏସ୍ ପଦ ନଥିଲା। ଏପରିକି, ଓଏଫ୍ଏସ୍ ଓ ଓଆରଏସ୍ ପଦ ବାହାରି ନଥିଲା। ଏହାକୁ ନେଇ ଆଶାୟୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିରୋଧ କରାଯାଇଥିଲା। ଫଳରେ ଏସବୁ ପଦ ସମେତ ମୋଟ ୧୫୧ଟି ଅଧିକ ପଦ ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି)କୁ ସରକାର ଅବଗତ କରିଛନ୍ତି। ଓପିଏସସିର ପୂର୍ବ ବିଜ୍ଞପ୍ତିରେ ସମୁଦାୟ ୩୧୪ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଓଡିଶା ପ୍ରଶାସନିକ ସେବା(ଓଏଏସ୍), ଓଡ଼ିଶା ରାଜସ୍ୱ ସେବା(ଓଆରଏସ୍), ଓଡ଼ିଶା ପରିବହନ ସେବା(ଓଟିଏସ୍) ଓ ଓଡ଼ିଶା ମଙ୍ଗଳ ସେବା(ଓଡବ୍ଲ୍ୟୁଏସ୍) ଆଦି କେତେକ କ୍ୟାଡର୍‌ରେ ଆଦୌ ପଦ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ଜାଣିବା ପରେ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଏହାର ସମୀକ୍ଷା କରିବା ସହ ଖାଲି ପଦ ପୂରଣ ପାଇଁ ନିର୍ଦ୍ଦେଶ ଦେଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ନୂତନ ଭାବେ ୧୪ଟି ଓଏଏସ୍, ୧୧୩ଟି ଓଆରଏସ୍, ୧୬ଟି ଓଟିଏସ୍ ଓ ୮ଟି ଓଡବ୍ଲ୍ୟୁଏସ୍ ପଦ ପୂରଣ ହେବ। ଅଧିକ ୧୫୧ଟି ପଦ ପୂରଣ କରିବା ପାଇଁ ଓପିଏସ୍‌ସିକୁ ସରକାର ଅନୁରୋଧ କରିଛନ୍ତି। ଅର୍ଥାତ ସମୁଦାୟ ୪୬୫ଟି ପଦ ପାଇଁ ନିଯୁକ୍ତି ପ୍ରକ୍ରିୟା କରାଯିବ।

**୧୫୧ଟି ନୂତନ ପଦ ପୂରଣ ପାଇଁ ଓପିଏସସିକୁ ଅନୁରୋଧ କଲେ ସରକାର**


### ■ ମହଙ୍ଗା ପଡ଼ିଲା ବାଲିମାଫିଆଙ୍କ ସହିତ ସମ୍ପର୍କ

# ଜିଲ୍ଲା ଖଣି ଅଧିକାରୀ ସତୀଶ ତରାଇ ନିଲମ୍ବିତ

ଜଗତସିଂହପୁର, ୩।୧ (ସମିସ): କର୍ତ୍ତବ୍ୟରେ ଅବହେଳା ଏବଂ ବାଲି ମାଫିଆଙ୍କ ସହ ସମ୍ପର୍କ ନେଇ ଜଗତସିଂହପୁର ଜିଲ୍ଲା ଖଣି ଅଧିକାରୀ ସତୀଶ କୁମାର ତରାଇଙ୍କୁ ନିଲମ୍ବନ କରିଛି ରାଜ୍ୟ ଇସ୍ପାତ ଓ ଖଣି ବିଭାଗ। ସୂଚନାନୁସାରେ, ୨୦୨୩ ଡିସେମ୍ବରରେ ଶ୍ରୀ ତରାଇ ଜଗତସିଂହପୁର ଜିଲ୍ଲାରେ ଖଣି ଅଧିକାରୀ ଭାବେ ନିଯୁକ୍ତି ପାଇଥିଲେ। ସେ ତାଙ୍କର ସରକାରୀ ଦାୟିତ୍ୱ ଏବଂ କର୍ତ୍ତବ୍ୟ ପାଳନରେ ଅବହେଳା କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ଶ୍ରୀ ତରାଇଙ୍କୁ ବାରମ୍ବାର ତାଗିଦ ସହ କୈଫିୟତ ତଲବ କରାଯାଇଥିଲା। ଶ୍ରୀ ତରାଇ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନଥିବା ବେଳେ ଜିଲ୍ଲାରେ ଚୋରା ବାଲି ଚାଲାଣକୁ ପ୍ରୋତ୍ସାହିତ କରୁଥିବା ପ୍ରଶାସନ ନଜରକୁ ଆସିଥିଲା। ତେଣୁ ଶ୍ରୀ ତରାଇଙ୍କ ଅକ୍ଟୋବର ଦରମା ବନ୍ଦ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଖଣି ବିଭାଗର ନିଷ୍କ୍ରିୟତା ଯୋଗୁଁ ବାଲିମାଫିଆ ସକ୍ରିୟ ହୋଇ ପଡ଼ିଥିଲେ। ଫଳରେ ଗତ ୨୦୨୪ ନଭେମ୍ବର ୨୫ ତାରିଖରେ ତିର୍ତ୍ତୋଲ ତହସିଲ ଅନ୍ତର୍ଗତ କିଲିପାଳ ବାଲିଘାଟରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଜିଲ୍ଲାପାଳ ଜେ. ସୋନାଲ ଏବଂ ଏସ୍‌ପି ଅଙ୍କିତ କୁମାର ବର୍ମାଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା। ଚଢ଼ଉରେ ୪୬ଟି ହାଇୱା ଏବଂ ୩ଟି ଏକ୍ସାଭେଟର୍ ମେସିନ୍ ଜବତ ହୋଇଥିଲା। ଡିସେମ୍ବର ୧୧ରେ ଜୟପୁର ବାଲିଘାଟରେ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ୨୨ଟି ହାଇୱା ଏବଂ ୨ଟି ଏକ୍ସାଭେଟର୍ ଜବତ କରାଯାଇଥିଲା। ଏଥିରୁ ଖଣି ଅଧିକାରୀ ଶ୍ରୀ ତରାଇଙ୍କ ବିରୋଧରେ ହୋଇଥିବା ଅଭିଯୋଗରେ ସତ୍ୟତା ରହିଥିବା ଅନୁଭବ କରି ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ ତାଙ୍କ ବିରୋଧରେ ଜଗତସିଂହପୁର ଥାନାରେ ଏତଲା ଦେଇଥିଲେ।

# ରାଜନଗର ବିଡିଓଙ୍କୁ ବିଜେପି କର୍ମୀଙ୍କ ସଂଘବଦ୍ଧ ଆକ୍ରମଣ ଉଦ୍ୟମ

ରାଜନଗର, ୩।୧(ସମିସ): ରାଜନଗର ବ୍ଲକ୍ କାର୍ଯ୍ୟାଳୟରେ ବିଡିଓ ତିଳୋତ୍ତମା ପୃଷ୍ଟିଙ୍କୁ ୩୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ସଂଘବଦ୍ଧ ଆକ୍ରମଣ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି। ଖୋଦ୍ ବିଜେପି ନେତା ତଥା ବିଜେପିର ସ୍ଥାନୀୟ ବିଧାୟକ ପ୍ରାର୍ଥୀ ଲଳିତ କୁମାର ବେହେରା ଓ ତାଙ୍କ ସମର୍ଥକମାନେ ସଂଘବଦ୍ଧ ଭାବେ ବିଡିଓଙ୍କୁ ଘେରିଯିବା ସହ ଲାପଟପ୍ ଉଠାଇ ମାରିବାକୁ ଉଦ୍ୟମ କରିଛନ୍ତି। ଖାଲି ସେତିକି ନୁହେଁ, ହତ୍ୟା ଧମକ ମଧ୍ୟ ଦେଇଛନ୍ତି। ଏନେଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ସନ୍ଧ୍ୟାରେ ରାଜନଗର ଥାନାରେ



ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ରାଜନଗରରେ ଉତ୍ତେଜନା ଲାଗି ରହିଛି। ଅପରପକ୍ଷେ, ଏହାର ପ୍ରତିବାଦରେ ଆଜି ସରପଞ୍ଚ ସଂଘ ସଭାପତି ଆଶୋକ କୁମାର ମହାନ୍ତିଙ୍କ ନେତୃତ୍ୱରେ ସରପଞ୍ଚ, ସମିତି ସଭ୍ୟମାନେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ବ୍ଲକ କ୍ୟାମ୍ପସରୁ ଶୋଭାଯାତ୍ରାରେ ରାଜନଗର ବଜାର ପରିକ୍ରମା କରି ହଂସୁଆ ସେତୁ ନିକଟରେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ମହିଳା ବିଡିଓଙ୍କୁ ଆକ୍ରମଣ ଉଦ୍ୟମ କରିଥିବା ବିଜେପି ନେତାଙ୍କୁ ଗିରଫ ଦାବିରେ ଆନ୍ଦୋଳନ ଜୋରଦାର ହୋଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସ୍ଥିତି ଅଣାୟତ୍ତ ହେବାରୁ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ରାଜନଗର, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛନ୍ତି। ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଏସପି ସୁଧାକର ସାହୁ, ଏସଡିପିଓ କ୍ଷମାସାଗର ପଣ୍ଡା ଉତ୍ତ୍ୟକ୍ତ ଜନତା ଓ ବିଜେଡି କର୍ମୀଙ୍କ ସହ ଆଲୋଚନା କରିଥିଲେ। ନିଶ୍ଚିନ୍ତ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା।

# ବଢ଼ିବ ବ୍ରହ୍ମପୁର, ଭୁବନେଶ୍ୱର ମହାନଗର ନିଗମର ପରିସୀମା

ଭୁବନେଶ୍ୱର,୩।୧(ସମିସ): ବଢ଼ିବ ରାଜ୍ୟର ଦୁଇ ମହାନଗର ନିଗମର ପରିସୀମା। ଭୁବନେଶ୍ୱର ମହାନଗର ନିଗମ ଏବଂ ବ୍ରହ୍ମପୁର ମହାନଗର ନିଗମରେ ଯୋଡ଼ିହେବେ ଏହାର ସୀମାବର୍ତ୍ତୀ ଗ୍ରାମ। ଏହାସହ ୱାର୍ଡ ସଂଖ୍ୟାରେ ବୃଦ୍ଧି ହେବ ବୋଲି ଅନୁମାନ କରାଯାଉଛି। ଭୁବନେଶ୍ୱର ମହାନଗର ନିଗମରେ ୨୬ଟି ଏବଂ ବ୍ରହ୍ମପୁର ମହାନଗର ନିଗମରେ ୩୪ଗ୍ରାମକୁ ଅନ୍ତର୍ଭୁକ୍ତ କରାଯିବାର ପ୍ରସ୍ତାବ ରହିଛି। ଏ ସଂପର୍କରେ ସୂଚନା ଦେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଭୁବନେଶ୍ୱର ସହରକୁ ସବୁଜସୁନ୍ଦର ଓ ନାଗରିକକୈନ୍ଦ୍ରିକ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ପରିମଳ, ଆଲୋକୀକରଣ, ଜଳଯୋଗାଣ, ସଫେଇ କାର୍ଯ୍ୟ ଆଦି ପାଇଁ ପଦକ୍ଷେପ ନିଆଯାଉଛି। ସେହିପରି ବୌଦ୍ଧଗଡ, ଆସ୍କା, ଭଞ୍ଜନଗର, ଛତ୍ରପୁର, କବିସୂର୍ଯ୍ୟନଗର, ପୋଲସରା ଓ କରଞ୍ଜିଆ ଆଦି ୭ଟି ଅଞ୍ଚଳକୁ ନୂତନ ପୌରପାଳିକା ଭାବେ ଘୋଷଣା କରାଯାଇଛି। ୩୧ ଡିସେମ୍ବର ୨୦୨୫ରେ ନୂଆ ୪ଟି ଏନ୍ଏସିକୁ ମିଶାଇ ସମୁଦାୟ ୨୮ଟି ଏନ୍ଏସି ମାନ୍ୟତା ପାଇଛି। ଏହି ସବୁ ଏନ୍ଏସିରେ ନୂତନ କାର୍ଯ୍ୟାଳୟ ସ୍ଥାପନ ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଯୋଜନା କରାଯାଉଛି। ଏଥିପାଇଁ ୬କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏଥିସହ ପ୍ରତି ଏନ୍ଏସିକୁ ପରିମଳ, ଆଲୋକୀକରଣ ଏବଂ ସଫେଇ କାର୍ଯ୍ୟ ପାଇଁ ଦେଢ଼କୋଟି ଟଙ୍କା ଲେଖାଏଁ ଅର୍ଥରାଶି ମଞ୍ଜୁର କରାଯାଇଥିବା ମନ୍ତ୍ରୀ କହିଛନ୍ତି। ଖାରବେଳ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି, ସରକାର ପୁରୀକୁ ଷଷ୍ଠ ମହାନଗର ନିଗମ ଭାବେ ଘୋଷଣା କରିଛନ୍ତି। ଏହାଦ୍ୱାରା ପୁରୀ ସହରର ଭିତ୍ତିଭୂମି ବିକାଶ ପାଇଁ ଅଧିକ ପାଣ୍ଠି ମିଳିବ ଏବଂ ପରିମଳ ଓ ଅନ୍ୟାନ୍ୟ ସେବାରେ ଉନ୍ନତି ଆସିବ।

# ଜିଲ୍ଲାସ୍ତରୀୟ ଅମଲା କ୍ୟାଡରର ହେବ ପୁନର୍ଗଠନ

ଭୁବନେଶ୍ୱର,୩।୧(ସମିସ): ଜିଲ୍ଲାସ୍ତରରେ ବିଭିନ୍ନ ବିଭାଗ ଅଧିନରେ କାର୍ଯ୍ୟରତ ଅମଲାମାନଙ୍କର କ୍ୟାଡାର ପୁନର୍ଗଠନ ହେବ। ଏଥିପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସାଧାରପଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ମୁଖ୍ୟ, ଆରଡିସି ଏବଂ ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଏହି କ୍ୟାଡର ପୁନର୍ଗଠନ ପ୍ରକ୍ରିୟା ୨ ମାସ ମଧ୍ୟରେ ସାରିବାକୁ କୁହାଯାଇଛି। ଅପରପକ୍ଷେ ଯେଉଁ ବିଭାଗ ଏଯାବତ୍ କ୍ୟାଡର ପୁନର୍ଗଠନ କରିନାହାନ୍ତି, ସେହି ବିଭାଗର କର୍ମଚାରୀମାନେ ମଧ୍ୟ ପଦୋନ୍ନତି ପାଇଁ ବିବେଚିତ ହେବେ। ପୁନର୍ଗଠିତ କ୍ୟାଡର ନିୟମାବଳୀ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ପଦୋନ୍ନତି କମିଟି(ଡିପିସି)ର ସୁପାରିଶ ଆଧାରରେ ଜିଲ୍ଲା ସ୍ତରୀୟ ଅମଲା କ୍ୟାଡର ନିୟମାବଳୀ, ୨୦୧୯କୁ ଭିତ୍ତିକରି କର୍ମଚାରୀଙ୍କ ପଦୋନ୍ନତି ପ୍ରକ୍ରିୟା ସମ୍ପାଦିତ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ ଯେ ଜିଲ୍ଲା ସ୍ତରରେ କାର୍ଯ୍ୟରତ ଅମଲାମାନଙ୍କର ପଦବୀ ପୁନର୍ଗଠନ ପାଇଁ ରାଜ୍ୟ ସରକାର ୨୦୨୪ ମସିହା ମାର୍ଚ୍ଚ ୧୫ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ ଦୀର୍ଘ ଦିନ ଧରି ଅମଲାମାନଙ୍କ ପଦୋନ୍ନତି ସ୍ଥଗିତ ହୋଇ ରହିଥିଲା। ଯଦ୍ୱାରା ଅନେକ ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ଅମଲାମାନଙ୍କର ପଦୋନ୍ନତି ସ୍ଥଗିତ ହୋଇ ରହିଥିବା ବେଳେ ଇତିମଧ୍ୟରେ ଅନେକ ଅମଲା ବିନା ପଦୋନ୍ନତିରେ ଅବସର ମଧ୍ୟ ଗ୍ରହଣ କରି ରାରିଛନ୍ତି। ଓଡ଼ିଶା ରାଜସ୍ୱ ଅମଲା ସଂଘର ନେତୃବୃନ୍ଦ ଏହି ବିଷୟରେ ଅନେକ ଥର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜସ୍ୱ ମନ୍ତ୍ରୀ ଏହି ଦାବିକୁ ବିଚାରକୁ ନେଇ ନୂଆ କ୍ୟାଡର ପୁନର୍ଗଠନ ହେବା ଯାଏଁ ପୁରୁଣା କ୍ୟାଡର ଆଧାରରେ ଯୋଗ୍ୟ କର୍ମଚାରୀଙ୍କ ପଦୋନ୍ନତି ପାଇଁ ସାଧାରଣ ପ୍ରଶାସନ ବିଭାଗ ସହ ଆଲୋଚନା କରିବେ ବୋଲି ଲିଖିତ ଭାବେ ପ୍ରତିଶ୍ରୁତି ପ୍ରଦାନ କରିବେ। ପରେ ଗତ ଡିସେମ୍ବର ୧୨ ତାରିଖରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ବୈଠକର ଆୟୋଜନ ହୋଇଥିଲା। ବୈଠକରେ ରାଜ୍ୟ ସରକାରଙ୍କର ବରିଷ୍ଠ ଅଧିକାରୀଙ୍କ ସହ ଅମଲା ସଂଘ ନେତୃବୃନ୍ଦ ଉପସ୍ଥିତ ରହି ଦାବି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଶେଷକରି ଜିଲ ସ୍ତରୀୟ କାର୍ଯ୍ୟରତ ଅମଲା ମାନଙ୍କର ପଦବୀ ପୁନର୍ଗଠନ, ଦରମାରେ ଥିବା ଅସଙ୍ଗତି ବିଶଷକରି ଗତ ଅଗଷ୍ଟ ୧୧ରୁ ୨୫ ତାରିଖ ମଧ୍ୟରେ ହୋଇଥିବା ଆନ୍ଦୋଳନ ସମୟର ବନ୍ଦ ହୋଇଥିବା ଦରମା ପ୍ରଦାନ କରିବା ସକାଶେ ଆଲୋଚନା ହୋଇଥିଲା। ଏହି ବୈଠକ ପରେ ଗତ ଶୁକ୍ରବାର କ୍ୟାଡର ପୁନର୍ଗଠନ ସହ ସ୍ଥଗିତ ଥିବା ଦରମା ଏବଂ ଦୀର୍ଘ ଦିନ ସ୍ଥଗିତ ଥିବା ଅମଲାମାନଙ୍କର ପଦୋନ୍ନତିକୁ ବିଚାରକୁ ନେବା ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଚିଠି ୧ରେ ନିର୍ଦ୍ଦେଶ ଦିଆଯାଇଛି। ସରକାର ଦାବିକୁ ଗ୍ରହଣ କରିଥିବାରୁ ଅମଲା ସଂଘର ସଭାପତି ତ୍ରିପତି ବାଲାଜୀ ସାହୁ ଏବଂ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର କୃତଜ୍ଞତା ଜଣାଇଛନ୍ତି।

**■ କ୍ୟାଡର ପୁନର୍ଗଠନ ନହେବା ଯାଏଁ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ହେବେ କର୍ମଚାରୀ**

**■ ପୁରୁଣା ନିୟମ ଆଧାରରେ ହେବ ପଦୋନ୍ନତି, ସରକାରଙ୍କୁ ଧନ୍ୟବାଦ ଜଣାଇଲା ରାଜସ୍ୱ ଅମଲା ସଂଘ**



ପୌଷ ପୂର୍ଣ୍ଣମୀରେ 'ସୁପର୍ ମୁନ୍'


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-189 ♦SUNDAY ♦4 JANUARY 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୧୮୯ ♦ରବିବାର ♦୪ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)


# ବେଆଇନ ପଥର ଖଣିରେ ବିସ୍ଫୋରଣ; ୪ ମୃତ

■ ଢେଙ୍କାନାଳ, ୩।୧(ସମିସ): ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ନିମିଧା ଗ୍ରାମ ନିକଟ ଏକ ବେଆଇନ କଳାମୁଗୁନି ପଥର ଖଣିରେ ବିସ୍ଫୋରଣ ଘଟି ଆଜି ୪ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଗୁରୁତର ଆହତ ହୋଇଛନ୍ତି। ମୃତାହତମାନଙ୍କ ପରିଚୟ ମିଳିନାହିଁ। ପୁଲିସ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ପଥର ତଳେ ଆଉ କିଛି ଶ୍ରମିକ ଚାପି ହୋଇ ରହିଥିବା ସନ୍ଦେହ କରାଯାଉଛି। ସେହିପରି, ରାତି ହୋଇଯିବାରୁ କେତେଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି, ତାହାର ସବିଶେଷ ତଥ୍ୟ ହସ୍ତଗତ ହୋଇପାରିନାହିଁ।

ସୂଚନାନୁଯାୟୀ, ନିମିଧା ଗ୍ରାମ ନିକଟରେ ମାନସ ରାଉତ ନାମକ ଜଣେ ବ୍ୟକ୍ତିଙ୍କ ଖଣିରେ ଶନିବାର ଅପରାହ୍ଣ ପ୍ରାୟ ୪ଟାରେ ପ୍ରାୟ ୨୦ ଶ୍ରମିକ କାର୍ଯ୍ୟରତ ଥିଲେ। ଏହି ସମୟରେ ଡିନାମାଇଟ୍ ବିସ୍ଫୋରଣ କରି ପଥର ଫଟାଯାଉଥିଲା। ଦୁର୍ଭାଗ୍ୟକୁ ସେଠାରେ କାର୍ଯ୍ୟରତ ଶ୍ରମିକମାନଙ୍କ ଉପରେ ବଡ଼ବଡ଼ ପଥରଖଣ୍ଡ ପଡ଼ିଥିଲା। ପଥର ତଳେ ଚାପି ହୋଇ ବହୁ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ଗତ ଅଗଷ୍ଟ ମାସରୁ ପ୍ରଦୂଷଣ ବିଭାଗ ଏହି ଖଣିକୁ କ୍ଲୋଜର୍-ନୋଟିସ୍ ଜାରି କରିଥିଲା। କିନ୍ତୁ ଖଣି ମାଲିକ କିଛି ଅସାଧୁ କର୍ମଚାରୀଙ୍କୁ ହାତବାରିସି କରି ଏହି ଖଣିକୁ ବେଆଇନ ଭାବେ ଚଳାଉଥିବା ଜଣାପଡ଼ିଛି। ସେହିପରି,



୬ ଗୁରୁତର; ପ୍ରଶାସନ, ପୁଲିସର ତଦନ୍ତ ଜାରି

ଖଣି ନିକଟରେ ଥିବା ଏକ ଜଳାଶୟକୁ ଖଣି ମାଲିକ ଆବଦ୍ଧ କରି ଏହି ଜଳକୁ ନିଜ ଖଣିରେ ବ୍ୟବହାର କରୁଥିବା ଜଣାପଡ଼ିଛି। ଓଡ଼ାପଡ଼ା, ହିନ୍ଦୋଳ ତହସିଲ ଅଞ୍ଚଳରେ ୪୦୦ରୁ ଊର୍ଦ୍ଧ୍ୱ ବେଆଇନ ଖଣି ଚାଲୁଥିଲେ ମଧ୍ୟ ପ୍ରଶାସନ କିପରି ଜାଣିପାରୁନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖଣି ମାଫିଆମାନଙ୍କୁ ଜିଲ୍ଲା ଖଣି ଅଧିକାରୀ ଅହେତୁକ ଅନୁକମ୍ପା ସହିତ କୋଟି କୋଟି ଟଙ୍କା ଆଦାୟ କରି ଖଣି ଲୁଟ ପାଇଁ ଅନୁମତି ଦେଉଥିବାର ଅଭିଯୋଗ ହୋଇଛି।

ଢେଙ୍କାନାଳ ଜିଲ୍ଲାରେ ଖଣି ଖାଦାନ ଲୁଟ୍ ନେଇ ରୋଜାଲିନ୍ ପୃଷ୍ଟି ସୂଚନା ଅଧିକାର ଆଇନ ଅନୁସାରେ ତଥ୍ୟ ମାଗିଥିଲେ। ଏହାକୁ ନେଇ ତାଳଚେର ଖଣି ବିଭାଗ ଡେପୁଟି ନିର୍ଦ୍ଦେଶକଙ୍କ ସୂଚନା ଅନୁସାରେ ଜିଲ୍ଲାରେ ୨୭ ଜଣଙ୍କ ବ୍ଲାଷ୍ଟିଂ ଅନୁମତି ରହିଥିବା ବେଳେ ମାତ୍ର ଜଣକୁ ଅନୁମତି ପ୍ରଦାନ କରାଯାଇଛି। ସେହିପରି ୧୭ଜଣଙ୍କ ଆବେଦନ ଜିଲ୍ଲାପାଳଙ୍କ ନିକଟରେ ରହିଛି। ଲିଜ୍‌ଧାରୀମାନଙ୍କ ମଧ୍ୟରୁ ୧୯ଜଣଙ୍କୁ ଟ୍ରାଞ୍ଜିଟ୍ ପାସ୍ ଦିଆଯାଇଥିବା ବେଳେ ନିହଲପ୍ରସାଦ ମେଟାଲକ୍ୱାରୀ, ନହଡ଼ା ରୋଡ୍ ମେଟାଲ କ୍ୱାରୀ, ଟୋଲରପଶି ଖରି ଲିଜଧାରୀମାନଙ୍କ ନିକଟରେ ବିସ୍ଫୋରକ ଷ୍ଟୋରେଜ ଅନୁମତି ରହିଛି ଓ ଅନ୍ୟମାନଙ୍କର ଆବେଦନ ବିଚାରାଧୀନ ରହିଛି। ସବିଶେଷ ତଥ୍ୟ ମେ' ୩ ତାରିଖ ଅନୁସାରେ ୨୬ଟି କ୍ୱାରି ପାଇଁ ଖଣି ଅଧିକାରୀ ନିଜର ଆଇନକୁ ଉଲ୍ଲଙ୍ଘନ କରି କୋଟିକୋଟି ଟଙ୍କା ଆଦାୟ କରିଛନ୍ତି। ଏହାର ତଦନ୍ତ ସହିତ ତାଙ୍କ ବିରୁଦ୍ଧରେ ତଦନ୍ତ କରିବାକୁ ଦାବି ହୋଇଛି।


## ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ

# ଟ୍ରମ୍ପ ସେନା କବଜାରେ ରାଷ୍ଟ୍ରପତି ନିକୋଲାସ

■ ୱାସିଂଟନ, ୩।୧ (ଏଜେନ୍ସି): ନୂଆବର୍ଷରେ ଭେନେଜୁଏଲା ଉପରେ ଆକ୍ରମଣ କରି ତାଙ୍କର ସାମରିକ ଅଭିଯାନ ଆରମ୍ଭ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଦ୍ୱିତୀୟ ଥର କ୍ଷମତାସୀନ ହେବାପରେ ଭେନେଜୁଏଲା ଉପରେ ବିଷ ଦୃଷ୍ଟି ପକାଇଥିବା ଟ୍ରମ୍ପ ଆଜି ଆକ୍ରମଣ କରି ନିଜର ଲକ୍ଷ୍ୟ ହାସଲ କରିଥିବା ଦାବି କରିଛନ୍ତି। ଆକ୍ରମଣ କରିବା ପରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଡୁରୋ ଏବଂ ତାଙ୍କ ପତ୍ନୀଙ୍କୁ ନିଜ କବଜାର ରଖିଛନ୍ତି ଆମେରିକା ସେନା।

ତେବେ ନିକୋଲାସ ଦମ୍ପତିଙ୍କୁ କେଉଁଠି ରଖାଯାଇଛି, ତାହା ଜଣାପଡ଼ିନାହିଁ। ଆମେରିକାର ଏଭଳି ଆକ୍ରମଣର ତୀବ୍ର ନିନ୍ଦା କରିଛି ଭେନେଜୁଏଲା ଏବଂ ଅଭିଯୋଗ କରିଛି ଯେ ଜାତିସଂଘର ସମସ୍ତ ନୀତିନିୟମର ଉଲ୍ଲଂଘନ କରିଛନ୍ତି ରାଷ୍ଟ୍ରପତି ଟ୍ରମ୍ପ। ରୁଷ ମଧ୍ୟ ଏହାର ବିରୋଧ କରିବା ସହିତ ଜାତିସଂଘ ସୁରକ୍ଷା ପରିଷଦର ତୁରନ୍ତ ବୈଠକ ଡାକିବା ଲାଗି ଦାବି କରିଛି।

ମିଳିଥିବା ସୂଚନା ଅନୁଯାୟୀ ଆଜି ଭୋର ସମୟରେ ଆମେରିକାର ଯୁଦ୍ଧ ବିମାନ ଭେନେଜୁଏଲା ଉପରେ ଅଚାନକ ଆକ୍ରମଣ କରିବା ଆରମ୍ଭ କରିଦେଇଥିଲେ। ରାଜଧାନୀ କାରାକାସ ସମେତ ଦେଶର ବିଭିନ୍ନ ସାମରିକ ଓ ବେସାମରିକ ପ୍ରତିଷ୍ଠାନ ଉପରେ ପ୍ରଚଣ୍ଡ ବୋମାମାଡ଼



କରିଥିଲେ। ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳ ପ୍ରଚଣ୍ଡ ବିସ୍ଫୋରଣରେ ଥରି ଉଠିଥିଲା। ବିସ୍ଫୋରଣ ସହିତ ନିଆଁ ଓ ଧୂଆଁ ଯୋଗୁଁ ସମଗ୍ର ଅଞ୍ଚଳରେ ଆତଙ୍କଜନିତ ସ୍ଥିତି ସୃଷ୍ଟି ହୋଇଥିଲା। ଲୋକମାନେ ବିଛଣାରୁ ଉଠି ପ୍ରାଣ ବିକଳରେ ଏଣେତେଣେ ଦୌଡ଼ୁଥିବାର ଦେଖାଯାଇଥିଲା।

### ରାଷ୍ଟ୍ରପତି ଭବନରୁ ଦମ୍ପତିଙ୍କୁ ଉଠାଇଆଣିଲା ଆମେରିକୀୟ ସେନା

### ରୁଷର ତୀବ୍ର ପ୍ରତିବାଦ; ଦାବିକଲା ଜାତିସଂଘ ନିରାପତ୍ତା ପରିଷଦର ଜରୁରୀ ବୈଠକ

ଆକାଶମାର୍ଗରୁ ଯୁଦ୍ଧ ବିମାନ ବୋମା ବର୍ଷା କରୁଥିବା ବେଳେ ଆମେରିକାର ସ୍ଥଳ ସେନା (ଡେଲଟା ଫୋର୍ସ) ରାଜଧାନୀରେ ପଶି ଅପରେସନ ଆରମ୍ଭ କରିଥିଲେ। ସେମାନେ ରାଷ୍ଟ୍ରପତି ଭବନରେ ପଶି ରାଷ୍ଟ୍ରପତି ନିକୋଲାସ ଏବଂ ତାଙ୍କ ପତ୍ନୀଙ୍କୁ ଧରିଥିଲେ। ତେବେ କିଛି ଘଣ୍ଟା ମଧ୍ୟରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ଶେଷ ହୋଇଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାରେ ମୃତାହତ ସଂପର୍କରେ କିଛି କୁହାଯାଇ ନାହିଁ। ଆଉ ଏକ ସୂତ୍ରରୁ ପ୍ରକାଶ ଯେ ରାଷ୍ଟ୍ରପତି ନିକୋଲାସ ବଙ୍କର ଭିତରେ ଲୁଚିଥିବା ବେଳେ ଆମେରିକାର ସେନା ତାଙ୍କୁ ଧରିଥିଲେ। ଆମେରିକା ସେନା ନିକୋଲାସ ଦଂପତିଙ୍କୁ କବଜା କରିଥିବା ଟ୍ରମ୍ପ ତାଙ୍କ ସାମାଜିକ ଗଣମାଧ୍ୟମ 'ଟ୍ରୁଥ୍ ସୋସିଆଲ'ରେ ସୂଚନା ଦେଇଥିଲେ। ଏସଂପର୍କରେ ପରବର୍ତ୍ତୀ ସମୟରେ ବିସ୍ତୃତ ବିବରଣୀ ଦିଆଯିବ ବୋଲି କହିଥିଲେ। କିନ୍ତୁ ନିକୋଲାସଙ୍କୁ କେଉଁଠି ରଖାଯାଇଛି, ତାହା ସେ ଜଣାଇନଥିଲେ। କେବଳ ଏତିକି ସେ ଉଲ୍ଲଖ କରିଥିଲେ ଯେ ଆମେରିକା ସେନା ଭେନେଜୁଏଲା ଉପରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହାର ରାଷ୍ଟ୍ରପତି ଓ ତାଙ୍କର ପତ୍ନୀଙ୍କୁ କବଜା କରିଛି। ସେମାନଙ୍କୁ ବିମାନ ଯୋଗେ ଦେଶ ବାହାରକୁ ନିଆଯାଇଛି। ଏହାପରେ ରାଷ୍ଟ୍ରପତିଙ୍କ ମୁଖପାତ୍ର କେବଳ ଏତିକି କହିଥିଲେ ଯେ ନିକୋଲାସଙ୍କ ବିରୋଧରେ ଡ୍ରଗ୍ସ ଓ ନାରକୋଟିକ୍ ଆତଙ୍କବାଦ ମାମଲାର ବିଚାର କରାଯିବ। ସୂଚନାଯୋଗ୍ୟ ଯେ ଟ୍ରମ୍ପ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ଭେନେଜୁଏଲା ଉପରେ ବିଷ ଦୃଷ୍ଟି ପକାଇଥିଲେ। ତାଙ୍କ ଟାର୍ଗେଟରେ ଥିଲେ ରାଷ୍ଟ୍ରପତି ନିକୋଲାସ। ଟ୍ରମ୍ପ ଅଭିଯୋଗ କରିଥିଲେ ଯେ ନିକୋଲାସ ଡ୍ରଗ୍ସ କାରବାର ଚଳାଇଛନ୍ତି ଏବଂ ସେ ବିଶ୍ୱ ପ୍ରତି ଡ୍ରଗ୍ସ ଆତଙ୍କ ସୃଷ୍ଟି କରୁଛନ୍ତି। ଆଉ ଏକ ଅଭିଯୋଗ ଥିଲା ଯେ ଭେନେଜୁଏଲା ରାଷ୍ଟ୍ରପତି ଲକ୍ଷ ଲକ୍ଷ ଲୋକଙ୍କୁ ଆମେରିକା ଭିତରକୁ ବେଆଇନ ଭାବେ ପଠାଉଛନ୍ତି। ୨୦୧୩ ପରେ ଆମେରିକା ଭିତରକୁ ୨୦ ଲକ୍ଷରୁ ଅଧିକ ଭେନେଜୁଏଲା ନାଗରିକ ବେଆଇନ ଭାବେ ପଶି ଆସିଛନ୍ତି। ନିକୋଲାସଙ୍କ ଯୋଗୁଁ ଆମେରିକାରେ ▶ପୃଷ୍ଠା-୭

## କଂସ ବଧ; ମଥୁରା ଆଶ୍ୱସ୍ତ



■ ମଥୁରା ନଗରୀ, ୩।୧ (ସମିସ): ଦଇବ ଲିଖନ କେ କରିବ ଆନ। ଯାହାଙ୍କୁ ମାରିବା ପାଇଁ ଏତେ ଆୟୋଜନ, ଏତେ କୂଟକପଟ; ତାଙ୍କର ଉପସ୍ଥିତି କ୍ଷଣେ ସବୁକିଛି ଓଲଟ ପାଲଟ ହୋଇଗଲା। ଭଣଜାଙ୍କୁ ମାରିବା ପାଇଁ ଧନୁଯାତ୍ରାର ଆୟୋଜନ କରିଥିବା ତ୍ରିପୁର ବିଜୟୀ ମହାପ୍ରତାପୀ କଂସ କୃଷ୍ଣ-ବଳାରାମଙ୍କୁ ଦେଖିବା ମାତ୍ରକେ ମଞ୍ଚ ଉପରେ ଟଳିପଡ଼ିଲେ।

ଦୁରାଚାରୀ ମହାରାଜ କଂସର ମୃତ୍ୟୁ ପରେ ମଥୁରା ନଗରୀରେ ଖେଳିଯାଇଛି ଆନନ୍ଦର ଲହରୀ। ଉତ୍ସବ ଓ ଆତସବାଜିରେ କମ୍ପି ଉଠିଛି ଭୀତଃତ୍ରସ୍ତ ଥିବା ମଥୁରାକଟକ। କଂସ ବଧ ପରେ ମଥୁରାନଗରୀ ଆଶ୍ୱସ୍ତ ହେବା ସହ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ କଂସର ଦୌରାତ୍ମ୍ୟରୁ ମୁକ୍ତ ହୋଇଛି।

**ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ**

**୧୧ ଦିନର ମୁକ୍ତାକାଶ ରଙ୍ଗମଞ୍ଚରେ ପଡ଼ିଲା ଯବନିକା**

କଂସର ମୃତ୍ୟୁ ପରେ ମଥୁରା ନରନାରୀଙ୍କ କଣ୍ଠରୁ ନିଃସୃତ ହୋଇଛି - "କଂସ ରାଜାର ବଂଶ ବୁଡ଼ୁ, କଂସ ମଲେ ଖାଏମା ଲଡ୍ଡୁ।" କଂସାସୁରଙ୍କ ମୃତ୍ୟୁରେ 'ଅସ୍ତି ଓ ପ୍ରାପ୍ତି'ଙ୍କ କାନ୍ଦଣା ଚାଲିଥିବା ସମୟରେ ଉପସ୍ଥିତ ନଗରବାସୀଙ୍କ ମଧ୍ୟରେ ଲଡ୍ଡୁ ବଣ୍ଟାଯାଇଛି। କୃଷ୍ଣ ଓ ବଳରାମ, ଉଗ୍ରସେନଙ୍କ ରାଜ୍ୟାଭିଷେକ କରି ମଥୁରାରେ ଶାନ୍ତି ପ୍ରତିଷ୍ଠା କରିବା ସହ ଦେବକୀ-ବସୁଦେବଙ୍କୁ କାରାମୁକ୍ତ କରିଛନ୍ତି। ଏଥିସହିତ ସମାପ୍ତ ହୋଇଛି ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ। ଦୀର୍ଘ ୧୧ ଦିନର ମୁକ୍ତାକାଶ ରଙ୍ଗମଞ୍ଚରେ ପଡ଼ିଛି ଯବନିକା।

## ପୁଣି ମୁଣ୍ଡ ନେଲା 'ଆମ ବସ୍'



ଟ୍ରାଫିକରେ ଛିଡା ହୋଇଥିବା ଅଟୋକୁ ପଛରୁ ପିଟିଲା; ଚାଳକ ମୃତ

■ ଭୁବନେଶ୍ୱର, ୩।୧ (ସମିସ): ରାଜଧାନୀରେ ପୁଣି ଏକ ମୁଣ୍ଡ ନେଇଛି 'ଆମ ବସ୍'। ଶନିବାର ସକାଳ ପ୍ରାୟ ୧୧ଟା ସମୟରେ ଭୁବନେଶ୍ୱର ରୁପାଲି ଛକ ଟ୍ରାଫିକ୍‌ରେ ଅଟକି ଥିବା ଏକ ଅଟୋକୁ ଆମ ବସ୍ ପଛପଟୁ ହଠାତ୍ ଆସି ଧକ୍କା ଦେଇଥିଲା। ଆଉ ଘଟିଗଲା ଭୟଙ୍କର ଦୁର୍ଘଟଣା। ଛିନ୍ନଛତ୍ର ହୋଇଗଲା ଅଟୋ। ଘଟଣାସ୍ଥଳରେ ହିଁ ଅଟୋ ଚାଳକ ବିଷ୍ଣୁ ପାତ୍ରଙ୍କ ଜୀବନ ଚାଲିଯାଇଛି। ସୌଭାଗ୍ୟବଶତଃ ଅଟୋରେ ବସିଥିବା ୩ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେମାନଙ୍କ ମଧ୍ୟରୁ ନମିତା ପ୍ରଧାନ ଏବଂ ରଶ୍ମିତା ନାୟକ ଆହତ ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ପୁଲିସ ▶ପୃଷ୍ଠା-୭

## ସୁକୁମାରେ ଏନ୍‌କାଉଣ୍ଟର
# ଯବାନଙ୍କ ଗୁଳିରେ ଟଳିଲେ ୧୪ ମାଓବାଦୀ

■ ମାଲକାନଗିରି, ୩।୧ (ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ନୂଆବର୍ଷ ଆରମ୍ଭରୁ ମାଓ ସଂଗଠନକୁ ଏକ ଶକ୍ତ ଧକ୍କା ଲାଗିଛି। ଜିଲ୍ଲାର କୋଣ୍ଟା ଏବଂ କିଷ୍ଟାରାମ ଜଙ୍ଗଲରେ ଯବାନଙ୍କ ଏନ୍‌କାଉଣ୍ଟର୍‌ରେ ୧୪ ମାଓବାଦୀ ନିହତ ହୋଇଛନ୍ତି। ନିହତଙ୍କ ମଧ୍ୟରେ କୋଣ୍ଟା ଏରିଆ କମିଟିର ଡିଭିସିଏମ୍ ସଦସ୍ୟ ସଚିନ ମଙ୍ଗୁଡୁଙ୍କ ସମେତ ବହୁ କୁଖ୍ୟାତ ମାଓବାଦୀ ରହିଛନ୍ତି। ଏହାସହ ଘଟଣାସ୍ଥଳରୁ ଏକେ-୪୭, ଇନ୍‌ସାସ୍ ରାଇଫଲ୍ ଭଳି ବହୁ ଅତ୍ୟାଧୁନିକ ବନ୍ଧୁକ, ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ ହୋଇଛି। ସଂପୃକ୍ତ ଅଞ୍ଚଳରେ କମ୍ବିଂ ଅପରେସନ୍‌କୁ ଜୋରଦାର୍ କରାଯାଇଛି ବୋଲି ସୁକୁମା ଏସ୍‌ପି କିରଣ ଚୌହାନ କହିଛନ୍ତି।

ସୂଚନାନୁଯାୟୀ, କିଷ୍ଟାରାମ ଓ କୋଣ୍ଟା ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ନେଇ ବିଶେଷସୂତ୍ରରୁ ଯବାନଙ୍କୁ ଖବର ମିଳିଥିଲା। ମାଓବାଦୀମାନେ ବ୍ୟବହାର କରୁଥିବା



ମୋବାଇଲକୁ ଟ୍ରାକ୍ କରି ସୁରକ୍ଷା କର୍ମୀଙ୍କ ପକ୍ଷରୁ ଉକ୍ତ ଅଞ୍ଚଳରେ ତଲାସି ଅଭିଯାନ କରାଯାଇଥିଲା। ଡିଆରଜି, ସିଆର୍‌ପିଏଫ୍ ଯବାନଙ୍କ ସହ ସ୍ଥାନୀୟ ପୁଲିସ ପକ୍ଷରୁ କୋଣ୍ଟା ଜଙ୍ଗଲରେ ଗତରାତିରୁ ତଲାସି ଅଭିଯାନ ଜାରି ରହିଥିଲା। ଆଜି ସକାଳେ ▶ପୃଷ୍ଠା-୭

## ତେଲଙ୍ଗାନାରେ ୨୦ ମାଓବାଦୀଙ୍କ ଆତ୍ମସମର୍ପଣ

■ ହାଇଦରାବାଦ, ୩।୧ (ଏଜେନ୍ସି): ଦେଶରେ ମାଓଗଡ଼ ଭୁଶୁଡ଼ିବାରେ ଲାଗିଛି। କେତେକ ସ୍ଥାନରେ ମାଓବାଦୀ ଏନ୍‌କାଉଣ୍ଟରରେ ମୃତ୍ୟୁବରଣ କରୁଥିବାବେଳେ ଆଉ କେଉଁଠାରେ ଆତ୍ମସମର୍ପଣ କରୁଛନ୍ତି। ସଦ୍ୟତମ ଘଟଣା ଭାବେ ହାଇଦରାବାଦ୍‌ରେ ଶନିବାର ୨୦ ଜଣ ହାର୍ଡକୋର ମାଓବାଦୀ ତେଲଙ୍ଗାନା ପୁଲିସ ମହାନିର୍ଦ୍ଦେଶକ ଶିବଧର ରେଡ୍ଡୀଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ନିଷିଦ୍ଧ ସିପିଆଇ ମାଓବାଦୀ ପିପୁଲ୍ସ ଲିବରେସନ ଗରିଲା ଆର୍ମି (ପିଏଲ୍‌ଜିଏ) ବାଟାଲିଅନ କମାଣ୍ଡର ସାମିଲ ଅଛନ୍ତି। ▶ପୃଷ୍ଠା-୭

## ତାମିଲନାଡୁ ଆଣିଲା 'ଆସ୍ୟୋର୍ଡ ପେନ୍‌ସନ ସ୍କିମ୍'

# ମିଳିବ ୫୦% ପେନ୍‌ସନ୍

■ ନୂଆଦିଲ୍ଲୀ, ୩।୧ (ଏଜେନ୍ସି): ତାମିଲନାଡୁ ସରକାର 'ଆସ୍ୟୋର୍ଡ ପେନ୍‌ସନ ସ୍କିମ' ତଥା ଟିଏନଏପିଏସ ଆଣିଛନ୍ତି। ଏହି ଯୋଜନାରେ କର୍ମଚାରୀଙ୍କ ୫୦ ପ୍ରତିଶତ ପେନ୍‌ସେନକୁ ସୁନିଶ୍ଚିତ କରାଯାଇଛି। ଲକ୍ଷ ଲକ୍ଷ ସରକାରୀ କର୍ମଚାରୀଙ୍କ ଅନିଶ୍ଚିତତାକୁ ସମାପ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଏହି ପଦକ୍ଷେପ ନେଇଛନ୍ତି। ୨୦୦୩ ପରଠାରୁ ପୁରୁଣା ପେନସେନ ଯୋଜନା (ଓପିଏସ)କୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ କର୍ମଚାରୀମାନେ ସଂଘର୍ଷ କରୁଥିଲେ। ୨୦୦୩ ଏପ୍ରିଲ ୧ ପରେ ସରକାରୀ ସେବାରେ ସାମିଲ ହୋଇଥିବା କର୍ମଚାରୀଙ୍କୁ ଏହି ଯୋଜନାର ପ୍ରତ୍ୟକ୍ଷ ଲାଭ ମିଳିବ। ଏ ପର୍ଯ୍ୟନ୍ତ କର୍ମଚାରୀ 'କଣ୍ଟ୍ରିବ୍ୟୁଟାରୀ ପେନ୍‌ସନ ଯୋଜନା (ସିପିଏସ)'ରେ ସାମିଲ ହୋଇଥିଲେ। ଏଥିରେ ରିଟର୍ଣ୍ଣ ବଜାରର ହ୍ରାସବୃଦ୍ଧି ଉପରେ ନିର୍ଭର କରୁଥିଲା। ନୂଆ ▶ପୃଷ୍ଠା-୭

## ଥାନା ଆଗରେ ଯୁବକଙ୍କୁ ହତ୍ୟା

■ ତାଳଚେର ସହର, ୩।୧(ସମିସ): ବେକରେ ପେଚକସ୍ ପୂରାଇ ଯୁବକଙ୍କୁ ହତ୍ୟା। ତାଳଚେର ଥାନା ନିକଟରେ ଆଜି ଏପରି ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ତାଳଚେର ଟାଉନ୍ ଅଞ୍ଚଳର ସନ୍ତୋଷ ମହାପାତ୍ର। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ଚଗଲା ଅମାନ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଚଗଲା କିଛି ଦିନ ତଳେ ସନ୍ତୋଷଙ୍କୁ ଏକ ଭୋଜିରେ ରୋଷେଇ କରିବାକୁ ଡାକି ନେଇଥିଲେ। ସେଠାରେ ଚଗଲାଙ୍କ ୭ ହଜାର ୨୦୦ ଟଙ୍କା ଚୋରି ହୋଇଯାଇଥିଲା। ଏହା ସନ୍ତୋଷର କାମ ବୋଲି ଚଗଲା ସନ୍ଦେହ କରି ତାକୁ ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଶନିବାର ପୁଣି ଉକ୍ତ ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ତାଳଚେର ଥାନା ନିକଟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଚଗଲା ଏକ ପେଚକସ୍‌ରେ ସନ୍ତୋଷଙ୍କ ବେକକୁ ଆକ୍ରମଣ କରିଥିଲା। ପୁଲିସ ସନ୍ତୋଷଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ମଣ୍ଡାପାଳ ▶ପୃଷ୍ଠା-୭

# ଭୁବନେଶ୍ୱର ବିମାନବନ୍ଦରରୁ ୮ କୋଟିର ମାରିଜୁଆନା ଜବତ

## ୭ ଦିନରେ ଜବତ ହେଲାଣି ୧୨ କୋଟିର ବ୍ୟାଙ୍ଗକକ୍ ନିଶା

■ ଭୁବନେଶ୍ୱର, ୩।୧ (ସମିସ): ପୁଣି ଭୁବନେଶ୍ୱର ବିମାନବନ୍ଦରରୁ ଜବତ ହେଲା ୮କୋଟି ଟଙ୍କାର ମାରିଜୁଆନା। ବିଶ୍ୱସ୍ତସୂତ୍ରରୁ ଖବର ପାଇ ଡାଇରେକ୍ଟୋରେଟ୍ ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ (ଡିଆର୍‌ଆଇ) ଜଣେ ବିମାନଯାତ୍ରୀଙ୍କ ଠାରୁ ଏହି ମାରିଜୁଆନା ଜବତ କରିଛି। ଜବତ ମାରିଜୁଆନାର ପରିମାଣ ୮କେଜି ହେବ ବୋଲି ଜଣାପଡ଼ିଛି। ତେବେ ମହାରାଷ୍ଟ୍ରର ଏହି ଯାତ୍ରୀ ଜଣଙ୍କ ବ୍ୟାଙ୍ଗକକ୍‌ରୁ ମାରିଜୁଆନା ନେଇ ଆସୁଥିବା ଜଣାପଡ଼ିବା



ପରେ ସେ ଅନ୍ତର୍ଜାତୀୟ ନିଶା କାରବାର ର୍‍ୟାକେଟ୍‌ର ସଦସ୍ୟ ବୋଲି ଅନୁମାନ କରାଯାଉଛି। ଡିଆର୍‌ଆଇ ସମ୍ପୃକ୍ତ ବିମାନ

**ବର୍ଷକରେ ରାଜ୍ୟକୁ ଆସିଲାଣି ୫୨କୋଟିର ମାରିଜୁଆନା**

ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ମାତ୍ର ୭ଦିନ ତଳେ ୪କୋଟିର ମାରିଜୁଆନା ଜବତ ହୋଇଥିଲା ବେଳେ ▶ପୃଷ୍ଠା-୭

## ବ୍ରାଉନସୁଗର କାରବାରରେ ଆଇନ ଛାତ୍ର

■ ଭୁବନେଶ୍ୱର, ୩।୧ (ସମିସ): ବ୍ରାଉନସୁଗର ଡିଲ୍ ବେଳେ ଚଢ଼ଉ କରିଛି ଅବକାରୀ ବିଭାଗ। ଫରେଷ୍ଟ ପାର୍କ ଭିତରୁ ୩ ନିଶା ମାଫିଆଙ୍କୁ ଗିରଫ କରିବା ସହ ୨୬ ଲକ୍ଷ ଟଙ୍କାର ଧଳାଜହର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଇନ୍ ଛାତ୍ର ତଥା ଭିମଟାଙ୍ଗୀ ଅଞ୍ଚଳର ଦେବୀପ୍ରସାଦ ଦାସ (୩୦), ୟୁନିଟ୍ ୬ ଭୀମପୁର ଅଞ୍ଚଳର ସୁକାନ୍ତ ନାୟକ (୩୬) ଓ ଇନଫୋସିଭ୍ୟାଲି ଥାନା ଅନ୍ତର୍ଗତ ଯାଆଁଳାର ସନ୍ତୋଷ ନାୟକ (୩୩)।



**୩ ଗିରଫ; ୨୬ ଲକ୍ଷର ଧଳାଜହର ଜବତ**

ଅବକାରୀ ବିଭାଗର ସୂଚନା ମୁତାବକ, ୟୁନିଟ୍ ୬ ଅଞ୍ଚଳରେ ବ୍ରାଉନସୁଗର ଡିଲ୍ ଚାଲିଥିବା ନେଇ ଭୁବନେଶ୍ୱର ଅବକାରୀ ବିଭାଗକୁ ଖବର ମିଳିଥିଲା। ବିଭାଗର ସ୍ୱତନ୍ତ୍ର ଟିମ୍ ଫରେଷ୍ଟ ପାର୍କ ଭିତରେ ଚଢ଼ଉ କରିଥିଲା। ସେଠାରୁ ଦେବୀପ୍ରସାଦ, ସୁକାନ୍ତ ଓ ସନ୍ତୋଷକୁ ଗିରଫ ▶ପୃଷ୍ଠା-୭

ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଚିହ୍ନଟ

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅପହଞ୍ଚ ୩୧୬ ଗ୍ରାମ

**ଭବାନୀପାଟଣା, ୩।୧(ସମିସ)**

କଳାହାଣ୍ଡି ଭୌଗଳିକ ଦୃଷ୍ଟିରୁ ବିସ୍ତୀର୍ଣ୍ଣ ଘଞ୍ଚ ଅରଣ୍ୟ, ସୁବିସ୍ତୃତ ପାର୍ବତ୍ୟାଞ୍ଚଳ ସହିତ ନଦୀ, ଝରଣା ଏବଂ ମୂଲ୍ୟବାନ ଖଣିଜ ପଦାର୍ଥରେ ଭରପୁର। ଏହିପରି ଏକ ଜିଲ୍ଲାର ସ୍ୱାସ୍ଥ୍ୟସେବା ପ୍ରତି ଦୃଷ୍ଟି ଦେବାବେଳେ ମନ ମରିଯାଏ। ଅନ୍ୟ ସବୁ ଦିଗରୁ ବିକାଶର କଥାକୁ ନେଇ ଚିନ୍ତାକଲେ ସ୍ୱାସ୍ଥ୍ୟସେବା ଏବେ ବି ଠିକଣା ବାଟରେ ଯିବା ଦେଖା ଯାଉନାହିଁ। କଳାହାଣ୍ଡି ଜିଲ୍ଲାକୁ ଆକାଂକ୍ଷୀ ଜିଲ୍ଲାରୂପେ ସରକାର ଚୟନ କରିଛନ୍ତି। ତେବେ ପଛୁଆ ଅଞ୍ଚଳର ସାମୂହିକ ବିକାଶ ସହିତ ଲୋକମାନଙ୍କ ଖାଦ୍ୟ ସୁରକ୍ଷା, ପରିବହନ ବ୍ୟବସ୍ଥାର ଉନ୍ନତି ଓ ଶିକ୍ଷା, ବିଦ୍ୟୁତ, ପିଇବା ପାଣି ତଥା ସ୍ୱାସ୍ଥ୍ୟସେବାର ବିକାଶ ହିଁ ସଫଳତାର ଚାବିକାଠି ବୋଲି କୁହାଯାଇପାରେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି କି ଯେ କଳାହାଣ୍ଡି ଜିଲ୍ଲାରେ ବର୍ତ୍ତମାନ ମଧ୍ୟ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅପହଞ୍ଚ ଇଲାକାରେ ରହିଯାଇଛି ୩୧୬ଗ୍ରାମ। ସ୍ୱାସ୍ଥ୍ୟ ବିଭାଗ ସେବା ଯୋଗାଇବାରେ ସବୁଠାରୁ କଷ୍ଟସାଧ ଗ୍ରାମରୂପେ ଚିହ୍ନଟ କରିଛି। ଭବାନୀପାଟଣା ସଦର ବ୍ଲକର ୩୧ଟି, ଜୟପାଟଣା ୧୯ଟି, ଜୁନାଗଡ଼ ୧୭ଟି, କଲମପୁର ୧୦ଟି, କର୍ଲାମୁଣ୍ଡା ବ୍ଲକରେ ୨ଟି, କୋକସରା ୭ଟି, ଲାଞ୍ଜିଗଡ଼ ବ୍ଲକରେ ସର୍ବାଧିକ ୯୭ଟି ଗ୍ରାମ, ଏମ ରାମପୁର ବ୍ଲକ ୫୮ଟି ଏବଂ ଶେଷରେ ଥୁଆମୂଳ ରାମପୁର ବ୍ଲକରେ ୭୫ଟି ଗ୍ରାମ ସ୍ୱାସ୍ଥ୍ୟ ଜନିତ କାରଣରୁ




ବହୁବିଧ ସମସ୍ୟାକୁ ସାମ୍ନା କରିବାକୁ ପଡୁଛି। ପରିବହନ ବ୍ୟବସ୍ଥା ନଥିବାରୁ ବେଳେବେଳେ 'ବାଇକ ଆମ୍ବୁଲାନ୍ସ' ଦ୍ୱାରା ସେବା ପାଇବାର ସୁଯୋଗ ମିଳିଥାଏ। ବାଇକ୍ ଆମ୍ବୁଲାନ୍ସ ଦ୍ୱାରା ସ୍ୱାସ୍ଥ୍ୟସେବାର ପରିକଳ୍ପନା ନବୀନ ସରକାରଙ୍କ କାଳରେ ସମ୍ଭବ ହୋଇପାରିଥିଲା। କିନ୍ତୁ ବାଇକ ଆମ୍ବୁଲାନ୍ସ ଜରିଆରେ ମାତ୍ର ୫୬୫୭ ଜଣ ସେବା ପାଇବାର ଲକ୍ଷ୍ୟ ରଖାଯାଇଛି। ଥୁଆମୂଳ ରାମପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ୧୭୩୪ ଜଣ, ଥୁଆମୂଳ ରାମପୁର ସାଇସୁରନି ଅଞ୍ଚଳରେ ୨୦୬୪ଜଣ, ଲାଞ୍ଜିଗଡ଼ ବ୍ଲକର ବଙ୍କାକୁଣ୍ଡରୁରେ ୭୦୨ଜଣ ଏବଂ ବିଶ୍ୱନାଥପୁର ଅଞ୍ଚଳରେ ୫୩୮ ଜଣ ଶେଷରେ ଏମ୍ ରାମପୁର ଅଞ୍ଚଳର ୬୧୯ ଜଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ

## ବୋଟ୍-ବାଇକ ଆମ୍ବୁଲାନ୍ସ ହିଁ ସାହା ଭରସା

ଏହିପରି ୫ଟି ବାଇକ୍ ଆମ୍ବୁଲାନ୍ସ ଜିଲ୍ଲାରେ କାର୍ଯ୍ୟ କରୁଛି ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ମିଳିଛି। ଆଶା କର୍ମୀ ଏବଂ ସ୍ୱାସ୍ଥ୍ୟ କର୍ମୀ ଘରଘର ବୁଲି ସେବାମୂଳକ ସମସ୍ତ କାର୍ଯ୍ୟ କରୁଥିବା ସହିତ ଜନନୀ ଏକ୍ସପ୍ରେସ (୧୦୮) କେତେକ ଗାଁକୁ ଯାଉଥିବା କୁହାଯାଉଛି। ତେବେ ବର୍ଷା ଦିନରେ ଏହି ସମସ୍ତ ସୁବିଧା ପାଇବା ଅସମ୍ଭବ ହୋଇପଡୁଛି। ସାଧାରଣ ଜୀବନ ଜିଇଁବା ଲାଗି ଡଙ୍ଗା ଉପରେ ଭରସା କରିବାକୁ ପଡୁଛି। ସ୍ୱାସ୍ଥ୍ୟ ଜନିତ ସମସ୍ୟା ପାଇଁ ଗୋଟିଏ ବୋଟ ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି। ତାହା କେବଳ ଆପାତକାଳୀନ ସେବାରେ ସାହାଯ୍ୟରେ ଆସିଥାଏ। ବୋଟ ଆମ୍ବୁଲାନ୍ସ ଉପରେ ଗୁରୁତର ରୋଗୀ ଭରସା କରି ରହିଲେ ଜୀବନ କେତେବେଳେ ଚାଲିଯିବ ତାହା ବି କହିହେବନି। ବୁଡି ଅଞ୍ଚଳରେ ଥିବା ୧୭ଟି ଗ୍ରାମର ଅଧିବାସୀଙ୍କୁ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ପାଇବା ସ୍ୱପ୍ନ ହୋଇ ରହିଆସିଛି। ଜୀବନ ଜିଇଁବା ପାଇଁ ଜୀବନ ରେଖା ପାଲଟିଥିବା 'ଡଙ୍ଗା'। ଗୋଟିଏ ଓଳି ଖାଇଲେ ଅନ୍ୟ ଓଳି ପାଇଁ ଚିନ୍ତା କରିବାକୁ ପଡେ। ଅଶୋଧିତ ପାଣି ବ୍ୟବହାର କରି ବଞ୍ଚିବାକୁ ହୁଏ। ଶୁଣି ପାରୁନାହାନ୍ତି କେହି ଇନ୍ଦ୍ରାବତୀ ଜଳବନ୍ଦୀ ଅଞ୍ଚଳରେ ରହୁଥିବା ୧୭ଖଣ୍ଡ ଗାଁରେ ବସବାସ କରୁଥିବା ଲୋକମାନଙ୍କ କ୍ଷୋଭର ନିଶବ୍ଦ ଯନ୍ତ୍ରଣାର ଚିତ୍କାର। ଇନ୍ଦ୍ରାବତୀ ଜଳଭଣ୍ଡାର ବିଚ୍ଛିନ୍ନାଞ୍ଚଳବାସୀଙ୍କ ପରସ୍ତ ପରସ୍ତ ଦୁଃଖ ଭିତରୁ ସ୍ୱାସ୍ଥସେବା ଅନ୍ୟତମ। ମୋବାଇଲ ହେଲଥ୍ ୟୁନିଟ ଉଚିତ ସେବା ଦେବା ପାଇଁ କାମରେ ଆସୁନାହିଁ ବୋଲି ବାରମ୍ବାର ଅଭିଯୋଗ ଶୁଣିବାକୁ ମିଳୁଛି। ଜିଲ୍ଲାରେ ଡାକ୍ତର ଅଭାବ ଏକ ସମସ୍ୟା ହୋଇଥିଲେ ହେଁ ଯେଉଁମାନେ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ସମ୍ଭାଳୁଛନ୍ତି ଏଥିରେ ମଧ୍ୟ ନିଷ୍ଠା ରହୁନାହିଁ। ଗତ ବିଜୁ ଜନତା ଦଳ ସରକାର ସମୟରେ ଜିଲ୍ଲାରେ ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଜିଲ୍ଲାବାସୀ ଭାବୁଥିଲେ ଡବଲ ଇଞ୍ଜିନ ସରକାର ସ୍ୱାସ୍ଥ୍ୟ ସମସ୍ୟାକୁ ସୁଧାରିବେ। ଡାକ୍ତର ନାହାନ୍ତି ତେଣୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିହେଲେ ଜିଲ୍ଲା ତଥା ରାଜ୍ୟ ବାହାରକୁ ଯାଇ ଚିକିତ୍ସା ହେବାକୁ ବାଧ ହେଉଛନ୍ତି। ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଶିଶୁ ମୃତ୍ୟୁ ଏବଂ ମାଲେରିଆ ରୋଗ ବୃଦ୍ଧିରେ ରୋକ ଲାଗିପାରୁନାହିଁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଆକାଂକ୍ଷା ଜିଲ୍ଲା କଳାହାଣ୍ଡି ପ୍ରତି ଦୃଷ୍ଟି ଦେବାକୁ ଜନ ସାଧାରଣ ଦାବି କରିଛନ୍ତି।

# ମଣ୍ଡିରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା

**କେସିଙ୍ଗା, ୩।୧(ସମିସ):** ଭାରତୀୟ ମଜଦୂର ସଂଘ ପକ୍ଷରୁ କେସିଙ୍ଗା ବ୍ଲକ ବେଲଖଣ୍ଡି ଶିବମନ୍ଦିର ପରିସରରେ ମଣ୍ଡି ହେମାଲ ମାନଙ୍କର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ କିପରି ହେବ ସେହି ବିଷୟରେ ଏକ ସଭା ଅନୁଷ୍ଠିତ କରାଯାଇ ସମସ୍ତ ବିଷୟ ଉପରେ ଆଲୋଚନା ହୋଇଥିଲା। ଧାନ ମଣ୍ଡିରେ କାର୍ଯ୍ୟ କରୁଥିବା ହେମାଲ୍‌ମାନଙ୍କୁ ଉଚିତ୍ ପ୍ରାପ୍ୟ, ବାକେୟା ରହିଥିବା ପୁରୁଣା ଏରିୟର, ହେମାଲ ମାନକର ଡ୍ରେସ୍ କୋଡ ଇନ୍‌ସ୍ୟୁରାନ୍ସ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଏଥିରେ ନର୍ଲା, ମଦନପୁର ରାମପୁର, କର୍ଲାମୁଣ୍ଡାର ମଣ୍ଡି ହେମାଲମାନେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ମଣ୍ଡି ହେମାଲ ସଂଘ ସଭାପତି ସୁରେନ୍ଦ୍ର ମୋହନ କର ଯୋଗଦେଇ ଥିବାବେଳେ ଓଡ଼ିଶା କୋଠାବାଡ଼ି ନିର୍ମାଣ ସଂଘ ସଭାପତି ଭବାନୀଶଙ୍କର ରାଉତ, ବିସ୍ୱକର୍ମା ନିର୍ମାଣ ମଜଦୂର ସଂଘର ସମ୍ପାଦକ ନବୀନ ଛତ୍ରିଆ, ଭାରତୀୟ ମଜଦୂର ସଂଘ ଜିଲ୍ଲା ସମ୍ପାଦକ ଲୋଚନ ସାହୁ ଓ ଭାରତୀୟ ମଜଦୂର ସଂଘ କେସିଙ୍ଗା ସଭାପତି ହୃଦାନନ୍ଦ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଶ୍ଚିମ ଓଡ଼ିଶାରେ ଛେରଛେରା ପାଳିତ




**ଭବାନୀପାଟଣା, ୩।୧(ସମିସ):** ପଶ୍ଚିମ ଓଡ଼ିଶାର ନୁଆଁଖାଇକୁ ଛାଡିଦେଲେ ଆଉ ଏକ କୃଷିଭିତ୍ତିକ ପର୍ବ ହେଉଛି ପୁଷ ପୂର୍ଣ୍ଣିମା। ଏହାକୁ ଏଠାକାର ଆଞ୍ଚଳିକ ଭାଷାରେ ପୁଷପୁନି କହିଥାନ୍ତି। ଗାଁରୁ ସହର ଯାଏଁ ବିଶେଷ କରି ଛୋଟ ଛୋଟ ପିଲାମାନେ ଏକ ବାଡ଼ି ଓ ବ୍ୟାଗ ଧରି ଘରଘର ବୁଲି ଟଙ୍କା ଚାଉଳ ଓ ପନିପରିବା ସଂଗ୍ରହ କରିଥାନ୍ତି। ଛୋଟଛୋଟ ପିଲାମାନେ ଘରଘର ବୁଲି ଛେର ଛେରା ବା ପୁଷପୁନି ପର୍ବ ପାଳନ କରୁଥିବାବେଳେ ବୟୋଜ୍ୟେଷ୍ଠ ମାନଙ୍କୁ ବ୍ୟଙ୍ଗାତ୍ମକ ଢଗ ମାଧ୍ୟମରେ ଏହି ପର୍ବର ମଜା ନେଉଥିବା ସକାଳୁ ସକାଳୁ ଦେଖିବାକୁ ମିଳିଥାଏ। ପୌଷମାସ ପୂର୍ଣ୍ଣିମାକୁ ପଶ୍ଚିମ ଓଡ଼ିଶାରେ ପୁଷପୁନି ଭାବେ ପାଳନ କରାଯାଉଥିବାବେଳେ ଏହା ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଗାଁରୁ ସହର ସବୁଠି ଏହାର ମହକ ଦେଖିବାକୁ ମିଳିଥାଏ। ଏହି ମାସରେ କୃଷକ ପରିବାରମାନେ ବର୍ଷ ଯାକର ସମସ୍ତ ଚାଷ କାର୍ଯ୍ୟ ସରିଯାଇଥିବାରୁ ଏହି ଦିନରେ ମଜମଉଲିସ କରିଥାନ୍ତି।

# ଏସଆଇଓଏସ୍ ଓ ଏନ୍‌ଆଇଓଏସ୍ ନାମଲେଖା ଶିବିର

**କୋକସରା, ୩।୧(ସମିସ):** କଳାହାଣ୍ଡି ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କୋକସରା ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ କୁମାର ଭାତିଙ୍କ ନେତୃତ୍ୱରେ କୋକସରା ଜବାହର ଉଚ୍ଚ ବିଦ୍ୟାଳୟଠାରେ ଏସଆଇଓଏସ୍ ଓ ଏନ୍‌ଆଇଓଏସ୍ ମେଗା ଏଡିମିଶନ କ୍ୟାମ୍ପ ଅନୁଷ୍ଠିତ ହୋଇଛି। ଏହି କ୍ୟାମ୍ପରେ କୋକସରା ବ୍ଲକ ଯେଉଁ ଛାତ୍ର ଛାତ୍ରୀମାନେ ଦଶମ ଫେଲ ହୋଇଥିବା (ଏସଆଇଓଏସ) ଓ ୧୦ମ ପାସ୍ କରି ରହିଥିବା ଛାତ୍ରଛାତ୍ରୀ ପାଇଁ (ଏନଆଇଓଏସ ) ୧୦ମ ପାସ୍ କିମ୍ବା ୧୦ ଫେଲ ହୋଇ ଡ୍ରପ୍‌ଆଉଟ ହେଇଥିଲେ କିମ୍ବା କୌଣସି କାରଣରୁ ନାମ ଲେଖାଇ ପାରୁନ ଥିଲେ ସେମାନଙ୍କୁ ଦେୟମୁକ୍ତ ଭାବେ ନାମ ଲେଖିବା ପାଇଁ ଏହି କ୍ୟାମ୍ପ ଆୟୋଜିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜବାହର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡା, ଏବିଓ ତୋଫାନ ମାଝୀ, ସମସ୍ତ ସିଆରସିସି ଓ ବିଭିନ୍ନ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଜନ୍ମେଜୟ ପାତ୍ରଙ୍କ ପରଲୋକ

**ଧର୍ମଗଡ଼, ୩।୧(ସମିସ):** ଧର୍ମଗଡ଼ ଅଞ୍ଚଳର ସମସ୍ତଙ୍କର ପ୍ରିୟ ପୂର୍ବତନ ପ୍ରଧାନ ଶିକ୍ଷକ, ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଅଞ୍ଚଳର ବିଶିଷ୍ଟ ସାହିତ୍ୟିକ ଜନ୍ମେଜୟ ପାତ୍ରଙ୍କ ୮୬ ବର୍ଷ ବୟସରେ ତାଙ୍କ ଧର୍ମଗଡ଼ ସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଅସୁସ୍ଥତା ହେତୁ ରାୟପୁରସ୍ଥିତ ଏକ ଘରୋଇ ହସ୍ପିଟାଲ ରେ



ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର ଅଧ୍ୟାପକ ଲିଙ୍ଗରାଜ ପାତ୍ର, ପୁତ୍ର ବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀ, ସାନ ଭାଇ ବରିଷ୍ଠ ଆଇନଜୀବୀ ଧନଞ୍ଜୟ ପାତ୍ର ତଥା ଅନ୍ୟାନ୍ୟ ପରିବାର ର ସଦସ୍ୟ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ପ୍ରତାପ କିଶୋର ମୁଣ୍ଡ, ଶିକ୍ଷାବିତ ସତ୍ୟ ନାରାୟଣ ପାତ୍ର, କୃଷ୍ଣଚନ୍ଦ୍ର ପାତ୍ର, ହିମାଂଶୁ ଶେଖର ମୁଣ୍ଡ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଶିକ୍ଷାବିତ ସତ୍ୟ ପଟ୍ଟନାୟକ, ଆଚାର୍ଯ୍ୟ ହୃଷିକେଶ ମିଶ୍ର, ଆଇନଜୀବୀ, ଚିନ୍ତାମଣି ପାତ୍ର, ଚନ୍ଦ୍ର ପଟ୍ଟଯୋଶୀ, ତୁଷାର ରଞ୍ଜନ ପଟ୍ଟଯୋଶୀ, ଅଶୋକ କୁମାର ମହାନ୍ତି, ସରକାରୀ ଓକିଲ ରାଜେନ୍ଦ୍ର ମୁନି, ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ସାହୁ, ବିଷ୍ଣୁ ପ୍ରସାଦ ଅଗ୍ରୱାଲ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଶୋକ ବ୍ୟକ୍ତ କରି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ପାଣିପକ୍ଷ ପାଳନ ପାଇଁ ବିଭିନ୍ନ ପ୍ରତିଯୋଗିତା

**କଲମପୁର, ୩।୧(ସମିସ):** ଆସନ୍ତା ପାଣି ପକ୍ଷ ପାଳନ ନିମନ୍ତେ ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ ପକ୍ଷରୁ କଲମପୁର ଦୁର୍ଗାମାଧବ ହାଇସ୍କୁଲରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲମପୁର ବ୍ଲକ ଅଞ୍ଚଳରୁ ୪୧ ଜଣ ଓ ଥୁଆମୂଳ ରାମପୁର ବ୍ଲକ ଅଞ୍ଚଳରୁ ୧୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଚାରୋଟି ପ୍ରସଙ୍ଗରେ ପ୍ରତିଯୋଗିତା ହୋଇଥିଲା। ରଚନା ବା ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିଲେ ଭବ୍ୟସାଗର ରଣା, ଦିତୀୟ ସ୍ଥାନ ପାୟଲ ମେହେର, ତୃତୀୟ ସ୍ଥାନ ପ୍ରମୋଦ ନାଏକ, ବକ୍ତୃତାରେ ପ୍ରଥମ ସ୍ଥାନ ଜିନୁ ନାଏକ, ଦିତୀୟ ଦୀପ୍ତିମୟୀ ନାଏକ, ତୃତୀୟ ହୋଇଥିଲେ ତେଜସ୍ୱନୀ ନାୟକ। ସେହିପରି ଚିତ୍ରାଙ୍କନରେ ପ୍ରଥମ ତୁଷାର ମାଝୀ, ଦ୍ୱିତୀୟ ବନିତା ଶବର, ତୃତୀୟ ହୋଇଥିଲେ ମଢିଆ ମାଝୀ। କ୍ୟୁଇଜ ପ୍ରତିଯୋଗିତାରେ ପ୍ରଥମ ଲୁପିନ ବାଗ, ଦ୍ୱିତୀୟ ମୋହନ ଚରଣ ନାଏକ ଓ ତୃତୀୟ ଝରଣା ଛତ୍ରପାଳ। ପ୍ରବନ୍ଧ ପାଇଁ ଦେବେନ୍ଦ୍ର ନାଏକ, ସୁକାନ୍ତ ଗଉଡ, ବକ୍ତୃତା ପାଇଁ ଅଦିତି ଆଚାରୀ, ଶ୍ରୀନିବାସ ରାଉତ, ଚିତ୍ରାଙ୍କନ ପାଇଁ ଟିକୁନ୍ତଳା ଦୁର୍ଗା କ୍ୟୁଇଜ ପାଇଁ ପ୍ରେମ ସାଗର ମେହେର, ଚୁଡ଼ାମଣି ଭୋଇ, ସମାପିକା ବେହେରା ବିଚାରପତି ଦାୟିତ୍ୱ ନିର୍ବାହ କରିଥିବାବେଳେ ଅଶ୍ୱିନୀ କୁମାର ମୁଣ୍ଡ ପରିଚାଳନା କରିଥିଲେ। ନୋଡାଲ ଅଧିକାରୀ ଭାବରେ ଜୁନାଗଡ଼ ଆରସିଡି-୪ ଉପଖଣ୍ଡ ଅଧିକାରୀ ଲକ୍ଷ୍ମଣ କୁମାର ସେଠୀ, ସହକାରୀ ଯନ୍ତ୍ରୀ ଶିଶିର ପଣ୍ଡା, ସହକାରୀ ଯନ୍ତ୍ରୀ ବିରେନ ପଣ୍ଡା, କଲମପୁର ଆରସିଡି -୨ ର ସହକାରୀ ଯନ୍ତ୍ରୀ କଳାକାର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ମ.ରାମପୁର ଥାନା ଏଏସ୍‌ଆଇଙ୍କ ଦେହାନ୍ତ



**ମ.ରାମପୁର, ୩।୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନରେ କାର୍ଯ୍ୟରତ ଏଏସ୍‌ଆଇ ବଳରାମ ଜାନୀଙ୍କ ୫୩ ବର୍ଷ ବୟସରେ ଶନିବାର ମୃତ୍ୟୁ ଘଟିଛି। ଗତ କିଛିଦିନ ତଳେ ତାଙ୍କ ଦେହ ଅସୁସ୍ଥ ହୋଇଥିବାରୁ ମ.ରାମପୁର ହସ୍ପିଟାଲ ଠାରେ ଚିକିତ୍ସା ହୋଇଥିଲେ। ହେଲେ ନିଜ ଗାଁ ନବରଙ୍ଗପୁର ଜିଲ୍ଲା ଏମ୍ ପାତ୍ର ପୁଟ ଅଞ୍ଚଳ ଗୁମାକୁ ଯାଇଥିଲେ। ହେଲେ ସେଠାରେ ପୁଣି ସେ ଅସୁସ୍ଥ ଅନୁଭବ କରିବାବାରୁ ନବରଙ୍ଗପୁରର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତାଙ୍କର ମୃତ୍ୟୁରେ ମ. ରାମପୁର ଥାନା ସହିତ ମ.ରାମପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଜିଲ୍ଲାସ୍ତରୀୟ ମାସିକ ପଠନ କାର୍ଯ୍ୟକ୍ରମ ଉଦ୍‌ଘାଟିତ




**ନୂଆପଡ଼ା, ୩।୧(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲା ପାଠାଗାରଠାରେ ଜିଲ୍ଲାସ୍ତରୀୟ ମାସିକ ପଠନ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୂଳଉଦ୍ଦେଶ୍ୟ ଜନସାଧାରଣ ତଥା ବିଭିନ୍ନ ବର୍ଗର କର୍ମଚାରୀମାନଙ୍କ ମଧ୍ୟରେ ପୁସ୍ତକ ପଠନ ତଥା ପାଠାଗାର ଆନ୍ଦୋଳନକୁ ଉଦ୍‌ଜୀବିତ କରିବା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ବିନୟ ତିୱାରୀ ଓ ଜନ ସାଧାରଣ ବର୍ଗରେ ସ୍ଥାନୀୟ ବାସିନ୍ଦା ଓମ୍ ପ୍ରକାଶ ପ୍ରଧାନଙ୍କୁ ପାଠାଗାରରେ ସର୍ବାଧିକ ସମୟ ପୁସ୍ତକ ପଠନରେ ବିତାଇଥିବାରୁ ପ୍ରଶସ୍ତି ପତ୍ର ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁବାସ ଚନ୍ଦ୍ର ରଇତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପ୍ରଫୁଲ୍ଲ କୁଜୁର, ଉପ ଜିଲ୍ଲାପାଳ ସୁର୍ମି ସୋରେନ ଓ ଅନେକ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ମହରା ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଢେଇ ପରିଚାଳନା କରିଥିଲେ। ସହକାରୀ ଜିଲ୍ଲାପାଳ କୁରୁକ୍ଷେତ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସାବିତ୍ରୀ ବାଇ ଫୁଲେଙ୍କ ଜୟନ୍ତୀ

**କୋକସରା, ୩।୧(ସମିସ):** ଶିକ୍ଷାର ଦେବୀ ମା ସାବିତ୍ରୀ ବାଇ ଫୁଲେଙ୍କ ୧୯୫ ତମ ଜୟନ୍ତୀ କୋକସରା ବ୍ଲକ କୁଲେରଗୁଡା ସୋରିପଡ଼ା ଠାରେ ପାଳିତ ହୋଇଛି। ମାତା ସାବିତ୍ରୀ ବାଇ ଫୁଲେ ସଂଗଠନ, ମୂଳନୀବାସୀ ବହୁଜନ ମିଳିତ ମହାସଂଘ, ମହିଳା ଶାଖା ଓ କମଶ୍ୟନିଟି ସପୋର୍ଟ ଷ୍ଟାଫ କୋକସରା ବ୍ଲକ ତରଫରୁ ମହିଳା ନେତ୍ରୀ ରମଣୀ ଦୁରିଆଙ୍କ ନେତୃତ୍ୱରେ




ପରିଚାଳିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ଅବସରପ୍ରାପ୍ତ ପ୍ରିନ୍ସପାଲ ଛବିଲାଲ ସାହୁ, ଡା.ବିବେକାନନ୍ଦ ମହାନନ୍ଦ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, କୋକସରା ବ୍ଲକ ପୂର୍ବତନ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ବାଗ, ମହିଳା ମୋର୍ଚ୍ଚା ଜାତୀୟ ସଭାନେତ୍ରୀ କମଳିନୀ ଯାଦବ, ସ୍ଥାନୀୟ ସରପଞ୍ଚ ଜୟଲାଲ ନାଗ, ସମିତି ସଭ୍ୟ ରାଜୀବ ଖମାରୀ, ବାମସେଫର କର୍ମକର୍ତ୍ତା ଡମ୍ବରୁଧର ମାଝୀ, ଶଶୀଭୂଷଣ ମଙ୍ଗରାଜ, ଲବ କରୁଆଁ, ମହେନ୍ଦ୍ର ଧଙ୍ଗଡ଼ାମାଝୀ, ମୂଳନୀବାସୀ ମହିଳା ସଂଗଠନର ଏସ. ସୁଜାତା, ସ୍ନେହଲତା ଦୁର୍ଗା, ବୀଣାପାଣି ଦୁର୍ଗା, ଇନ୍ଦୁରେଖା ବାଗ, ପ୍ରେମିଶିଳା ପାଣିଗ୍ରାହୀ, ଜଳେନ୍ଦ୍ରି ଖମାରୀ, ରୁନି ନାଗ, ସରସ୍ୱତୀ ସୋରି, ଯଶୋଦା ରାଉତ, ନିର ନାଏକ, ବନିତା ନାଏକ, ରିଙ୍କି ଆଚରି, ରୀନା ମାଝୀ, ହୀରାମଣି ଛତ୍ରିଆ, ଲକ୍ଷ୍ମୀପ୍ରିୟା ଦାସ, ସରିତା ଗୋପାଳ, ଜୁଲି ସେଠିଆ, ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋକସରା କଲେଜ ପୂର୍ବତନ ଅଧ୍ୟକ୍ଷ ଗୋବର୍ଦ୍ଧନ ବାଗ, ରଘୁନାଥ ଖମାରୀ, ଲାଲୁ ମେହେର, ହେଜମନ ନିଆଲ, ନିଆଲ, ଅଭିମନ୍ୟୁ ବାଗ, ଭୁଜବଳ ସୋରି, ପ୍ରଧାନୀ ବାଗ, କେଶବ ମାଝୀ, ରମେଶ ମେହେର, ଦିଗାମ୍ବର ଦୁରିଆ, କିଶୋର ପଟେଲ ସମେ ଶତାଧିକ ଲୋକ ଯୋଗଦେଇ ଥିଲେ।















# ଘର ଭାଙ୍ଗିଲେ ଓ ନଷ୍ଟ କଲେ ଖାଦ୍ୟଶସ୍ୟ

**ଲାଞ୍ଜିଗଡ଼, ୩।୧(ସମିସ)**



କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକରେ ହାତୀଙ୍କ ଆତଙ୍କ ବୃଦ୍ଧି ପାଉଥିବା ବେଳେ ସନ୍ଧ୍ୟା ହେଲେ ହାତୀ ଭୟରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ସନ୍ଧ୍ୟା ହେଲେ ହାତୀପଲ ଜଙ୍ଗଲରେ ନରହି ଗାଁ ମୁହାଁ ହୋଇ ଚାଷବାସ ନଷ୍ଟ କରିବା ସହିତ ଲୋକଙ୍କ ଘର ସବୁ ଭାଙ୍ଗି ଦେଉଛନ୍ତି। ହାତୀ-ମଣିଷ ଲଢେଇରେ କେତେବେଳେ ହାତୀ ମୃତ୍ୟୁମୁଖରେ ପଡୁଛି ତ ଆଉ କେତେବେଳେ ମଣିଷର ମୁଣ୍ଡ ଟଳି ପଡୁଛି। ଏଭଳି ଆଉ ଏକ ଅଭାବନୀୟ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଧୀନସ୍ଥ ମୂଷାନାଳ ସେକ୍ସନ ଅଧୀନ ଦୋଲମ୍ବା ଗାଁରେ। ୨୭ ଟିକିଆ ହାତୀପଲ ଏହି ଗାଁର ସୀତାରାମ ସୁନା ଓ ବିଶି କେଶନ ସୁନାଙ୍କ ଘରଦ୍ୱାର ଭାଙ୍ଗିବା ସହ ଆସବାବପତ୍ର ଓ ଖାଦ୍ୟ ଶସ୍ୟ ନଷ୍ଟ କରିଦେଇଛନ୍ତି। ସୂଚନାଯୋଗ୍ୟ ଶୁକ୍ରବାର ବିଳମ୍ବିତ ରାତିରେ ୨୭ ଟିକିଆ ହାତୀପଲ ଦୋଲମ୍ବା ଗାଁକୁ ଆସି ଗାଁର ସୀତାରାମ ସୁନା ଓ ବିଶି କେସନ ସୁନାଙ୍କ ଘର ସାମ୍ନାରେ ଗର୍ଜନ ମାରିଥିଲେ। ଫଳରେ ସୀତାରାମ ଓ ବିଶିକେଶନ ନିଜ ନିଜ ସ୍ତ୍ରୀ ଓ ପିଲା ଛୁଆଙ୍କୁ ଧରି ପୋଡ଼ଶୀ ଘରକୁ ଚାଲି ଯାଇଥିଲେ। ସକାଳୁ ଆସି ଦେଖିବ ପରେ ଏପଟେ ହାତୀପଲ ଦୁଇ ପରିବାରର ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେବା ସହ ଘରେ ଥିବା ଆସବାବପତ୍ର ଭାଙ୍ଗି ବାହାରେ ଫୋପାଡ଼ି ଖାଦ୍ୟ, ଶସ୍ୟ ଖାଇ ଦେଇ ନଷ୍ଟ କରିଥିଲେ। ଖବରପାଇ ଫରେଷ୍ଟର ଚିନ୍ତାମଣି ମାଝୀଙ୍କ ନେତୃତ୍ୱରେ ଏକ ଟିମ୍ ଆସି ତଦନ୍ତ କରି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଥିବା ଜଣାପଡ଼ିଛି। ଏନେଇ ଫରେଷ୍ଟର ଶ୍ରୀ ମାଝୀଙ୍କୁ ପଚାରିବାରୁ କ୍ଷତିଗ୍ରସ୍ତଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇଛି, ନିୟମ ଅନୁସାରେ ସେମାନେ କ୍ଷତିପୂରଣ ପାଇବେ ବୋଲି ସେ କହିଛନ୍ତି।

# ଏଯାଏ ସ୍ୱାଭାବିକ ହେଉନି ଧାନକିଣା

**ବଲାଙ୍ଗିର,୩୧।୧୨(ସମିସ)**

ବଲାଙ୍ଗିର ଜିଲ୍ଲାରେ ଧାନକିଣାକୁ ନେଇ ଚଳିତ ଖରିଫରେ ଏକ ବିଷମ ପରିସ୍ଥିତି ସୃଷ୍ଟି ହୋଇଛି। ଗୋଟିଏପଟେ ଚାଷୀ ଧାନ ଅମଳ କରି ବିକିବାକୁ ଜଗି ବସିଥିବା ବେଳେ ଅନ୍ୟପକ୍ଷରେ ଧାନକିଣା ସ୍ୱାଭାବିକ ହୋଇପାରୁନାହିଁ। ଗୋଟିଏ ପଟେ ବିଭାଗୀୟ ଅଧିକାରୀ ସମସ୍ତ ଚାଷୀଙ୍କୁ ଟୋକନ ପ୍ରାୟତଃ ବଣ୍ଟାଯାଇଥିବା କହୁଥିବା ବେଳେ ଅନ୍ୟପଟେ ଚାଷୀଙ୍କୁ ଟୋକନ ମିଳୁ ନ ଥିବା କହି ମଣ୍ଡି ଓ ଯୋଗାଣ କାର୍ଯ୍ୟାଳୟ ଧାଉଁଛନ୍ତି। ଏମିତି ସ୍ଥିତିରେ ପୁଣି ଖରିଫ ଚାଷ ପାଇଁ ହୋଇଥିବା ସାଟେଲାଇଟ ସର୍ଭେରେ ପ୍ରାୟ ୭୪ ହଜାରରୁ ଅଧିକ ପ୍ଲଟରେ ଧାନ ଚାଷ ହୋଇ ନ ଥିବା ଜାଣିବାକୁ ମିଳିଥିବା ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି। ଏଭଳି ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିରେ କିଭଳି ଜିଲ୍ଲାରେ ଧାନକିଣା ସ୍ୱାଭାବିକ ହେବ ତାହା ବଡ଼ ପ୍ରଶ୍ନ। ଏହି ପଦ୍ଧତିକର ଭିତରେ ଚାଷୀ ବାଧ୍ୟ ହୋଇ ବେପାରୀ କିମ୍ବା ସିଧାସଳଖ କମ୍ ଦରରେ ମିଲରେ ବିକ୍ରି କରିବାକୁ ଯୋଜନା କରିସାରିଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ଜିଲ୍ଲା ଧାନ ଚାଷରୁ ଧାନ ବିକିବା ଅଧିକ କଷ୍ଟ ଦାୟକ। ସରକାର ବୋନସ ଟଙ୍କା ଦେବାକୁ ସିନା ଘୋଷଣା କରିଦେଲେ; କିନ୍ତୁ ଧାନକିଣା ବ୍ୟବସ୍ଥାକୁ ଜଟିଳ କରିରଖିଛନ୍ତି। ଚାଷୀ ଧାନ ବିକ୍ରି ଲାଗି ଆଇନ କାନୁନର ଫନ୍ଦିଫିକର ଭିତରେ ମଣ୍ଡିରେ ଅଣନିଶ୍ୱାସୀ ହୋଇପଡୁଛି। ସବୁକିଛି ମିଲରଙ୍କ ମନଇଚ୍ଛା ଚାଲିଛି। ଚାଷୀ ସଙ୍ଗଠନକୁ ପ୍ରତିନିଧିତ୍ୱ କରୁଥିବା ଚାଷୀ ନେତା ଏଭଳି ପ୍ରତିକ୍ରିୟା ଦେଉଛନ୍ତି। ବଲାଙ୍ଗିର ଜିଲ୍ଲାରେ ଅବ୍ୟବସ୍ଥିତ ଧାନକିଣାକୁ ନେଇ ଅସନ୍ତୋଷ

- ଟୋକନକୁ ନେଇ ଚିନ୍ତାରେ ଚାଷୀ
- ଟୋକନ ସବୁ ବଣ୍ଟାସରିଥିବା ଯୋଗାଣ ଅଧିକାରୀଙ୍କ ସୂଚନା
- ଜିଲ୍ଲାର ୭୪ ହଜାର ୮୧୬ ପ୍ଲଟରେ ଚାଷ ହୋଇନି
- ସାଟେଲାଇଟ ସର୍ଭେରେ ଧରାପଡ଼ିଲା ମିଛ
- ସେହି ପ୍ଲଟରେ ଧାନକିଣାକୁ ନେଇ ଦ୍ୱନ୍ଦ୍ୱ

ପ୍ରକାଶ ପାଉଛି। ବିଭାଗୀୟ ଅଧିକାରୀ କିନ୍ତୁ ସବୁ କିଛି ଠିକ୍ ଚାଲିଥିବା କହିଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ରଙ୍କ କହିବା ଅନୁସାରେ ଜିଲ୍ଲାରେ ୨୦୨୫-୨୬ ଖରିଫରେ ଧାନ ବିକିବା ପାଇଁ ୧ ଲକ୍ଷ ୫ହଜାର ୩୧୧ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଏଥିରୁ ୧ ଲକ୍ଷ ୪ ହଜାର ୪୬୫ ଜଣ ଚାଷୀଙ୍କ ପଞ୍ଜିକରଣ ଯାଞ୍ଚ କରାଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ୯୯ ହଜାର ୩୧୬ ଚାଷୀଙ୍କୁ ଟୋକନ ଦେବା ପାଇଁ ଯାଞ୍ଚ ସରିଛି। ପ୍ରାୟ ସମସ୍ତ ଚାଷୀଙ୍କ ଟୋକନ ବଣ୍ଟନ ହୋଇଥିବା ସେ କହିଛନ୍ତି। ଟୋକନରୁ ବାଦ ପଡ଼ିଥିବା ଚାଷୀଙ୍କ ମଧ୍ୟରେ ୨୨୨୫ ଜଣ ଚାଷୀଙ୍କ ବ୍ୟାଙ୍କ ସମ୍ପର୍କିତ ସମସ୍ୟା ରହିଛି। ୧୫୨୨ ଜଣ ଚାଷୀଙ୍କ ପଞ୍ଜିକରଣ ଯାଞ୍ଚ ହୋଇନାହିଁ। ସେହିପରି ୩୧୬୦ ଜଣ ଚାଷୀଙ୍କ ପଞ୍ଜିକରଣ ସନ୍ଦେହ ଜନକ ରହିଥିବା ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ତେବେ ଯଦି ଅଧିକାରୀଙ୍କ କଥା ସତ ତେବେ କେମିତି ଏବେ ବି ଅନେକ ଚାଷୀଙ୍କ ଟୋକନ ଆସି ନ ଥିବା ଅଭିଯୋଗ ଆସିଛନ୍ତି। ଯଦି ସେହି ଚାଷୀଙ୍କ ପଞ୍ଜିକରଣରେ ସମସ୍ୟା ରହିଛି ତେବେ କାହିଁକି ଚାଷୀଙ୍କୁ ହଇରାଣ କରାଯାଉଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଗୋଟିଏ ପଟେ ସମସ୍ତ ଚାଷୀଙ୍କୁ ଟୋକନ ଦିଆଯାଇଥିବା ଅଧିକାରୀ କହୁଥିବା ବେଳେ ଦୁଇ ଦିନ ତଳେ କୁଶମେଲ ପେଙ୍ଗର ୨୨୦ ଜଣ ଚାଷୀ କେମିତି ଟୋକନ ପାଇବାରୁ ବଞ୍ଚିତ ଥିବା ଅଭିଯୋଗରେ ଯୋଗାଣ କାର୍ଯ୍ୟାଳୟ ଘେରାଉ କରିଥିଲେ ତାହା ସବୁଠାରୁ ବଡ଼ ପ୍ରଶ୍ନ। ଏହିସବୁ ଚିନ୍ତା ଭିତରେ ଚାଷୀଙ୍କୁ ସାଟେଲାଇଟ ସର୍ଭେ ଆହୁରି ଦ୍ୱନ୍ଦ୍ୱରେ ପକାଉଛି। ଶ୍ରୀ ମହାପାତ୍ରଙ୍କ କହିବା ଅନୁସାରେ ବଲାଙ୍ଗିର ଜିଲ୍ଲାରେ ୮୫ ହଜାର ୬୮୬ଟି ପ୍ଲଟରେ ଧାନ ଚାଷକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଯେଉଁ ସବୁ ପ୍ଲଟର ସାଟେଲାଇନ ସର୍ଭେ କରାଯାଇଥିବା ବେଳେ ୮୫ ହଜାର ୭୧୫ଟି ପ୍ଲଟର ଯାଞ୍ଚ କରାଯାଇଛି। ସେଥିରୁ ୮୫ ହଜାର ୧୫୭ ପ୍ଲଟର ଯାଞ୍ଚ ରିପୋର୍ଟ ଡିଆରସିଏସ ଦେଇଥିବା ବେଳେ ୫୫୬ ପ୍ଲଟକୁ ସେ ଠିକ୍ କରି ରଖିଥିବା ଶ୍ରୀ ମହାପାତ୍ର କହିଛନ୍ତି। ତେବେ ଏହି ୮୫ ହଜାର ୧୮୭ ପ୍ଲଟରୁ ୨୦ହଜାର ୮୯୯ଟି ପ୍ଲଟରେ ଧାନଚାଷ ହୋଇଥିବା ସର୍ଭେ ରିପୋର୍ଟରୁ ସ୍ପଷ୍ଟ ହୋଇଥିବା ବେଳେ ୭୪ ହଜାର ୮୧୬ ପ୍ଲଟରେ ଧାନ ଚାଷ ହୋଇ ନ ଥିବା ଏହି ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଏଠି ପ୍ରଶ୍ନ ଉଠୁଛି ଯଦି ଯୋଗାଣ ବିଭାଗ ସବୁଙ୍କ ଟୋକନ ବାଣ୍ଟି ଦେଇଛି ତେବେ ଚାଷ ହୋଇ ନ ଥିବା ଜମିରେ କି ପ୍ରଶାସନ ଧାନ କିଣିବ। ଯାଞ୍ଚ ସମୟରେ ଯେଉଁ ପ୍ଲଟକୁ ବାଦ ଦିଆଯାଇଛି ନା ନାହିଁ ତାହା ମଧ ବଡ ପ୍ରଶ୍ନ। ଏମିତିରେ ନକଲି ଚାଷୀଙ୍କ କାର୍ଡରେ ଧାନକିଣା ହେବା ସ୍ୱାଭାବିକ। ଏହି ସବୁ ପ୍ଲଟର କ'ଣ କରାଯିବ ତାହାର ରୂପରେଖ ସ୍ପଷ୍ଟ ନ ଥିବା ବେଳେ ଯୋଗାଣ ଅଧିକାରୀ କିନ୍ତୁ ସେହିସବୁ ପ୍ଲଟକୁ ଧାନକିଣାରୁ ବାଦ ଦିଆଯିବ ବୋଲି ଯୋଗାଣ ଅଧିକାରୀ ଶ୍ରୀ ମହାପାତ୍ର କହିଛନ୍ତି। ଏହିସବୁ ପଦ୍ଧତିକର ଭିତରେ କିନ୍ତୁ ଚାଷୀ ପେଷି ହେଉଥିବା ଅଭିଯୋଗ ହୋଇଛି। ମାସେ ଦୁଇ ମାସ ଅଗରୁ ଧାନ ଅମଳ କରିସାରିଥିବା ବେଳେ ଧାନ ବିକିବାକୁ ଚାଷୀ ଜଗିଛି। ଧାନ ଶୁଖିବାକୁ ବସିଥିବା ବେଳେ ଏଫଏକ୍ୟୁ ନାମରେ ପୁଣି ମଣ୍ଡିରେ କଟନୀ ଶିକାର ହେବାକୁ ପଡ଼ିବ। ତଥାପି କିଛି ଚାଷୀ ମଣ୍ଡି ଭରସାରେ ରହିଥିବା ବେଳେ ଅନେକ ଚାଷୀ କମ୍ ଦରରେ ଧାନ ବେପାରୀ ଓ ମିଲର ହାତକୁ ଟେକିଦେଇଥିବା ଜଣାପଡ଼ିଛି।

### ରତ୍ନାକର ବାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଖୁଦପେଜକୁ ହରାଇ ବରତୁଣ୍ଡା ବିଜୟୀ



**ବଙ୍ଗୋମୁଣ୍ଡା,୩୧।୧(ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ କପିଲାଭଟା ଓ ତାଳଭଟା ଗ୍ରାମର ମିଳିତ ଆନୁକୂଲ୍ୟରେ ତୃତୀୟ ରତ୍ନାକର ବାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦଘାଟନୀ କାର୍ଯ୍ୟକ୍ରମ ପୂର୍ବରୁ ସ୍ୱର୍ଗତ ରତ୍ନାକର ବାଗଙ୍କ ଘରୁ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ କପିଲାଭଟା ଗାଁର ଅଧିଷ୍ଠାତ୍ରୀ ଦେବୀ ମାଁ ସାହାଜିକଟେନଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ମଶାଲକୁ ଗ୍ରାମ ପରିକ୍ରମା କରି ଖେଳପଡ଼ିଆରେ ସ୍ଥାପନ କରାଯାଇଥିଲା।

ଆୟୋଜକ କମିଟିର ସଭାପତି ହୁଲେଶ୍ୱର ହଂସଙ୍କ ସଭାପତିତ୍ୱରେ ଆୟୋଜକ କମିଟିର ସଭାପତି ମୁଖ୍ୟ ଅତିଥି ଭାବେ ବେଲପଡା ବ୍ଲକ ଏଡିଇଓ ସଂଘ ସଭାପତି ପୃଥ୍ୱିରାଜ ବାଗ, ସମ୍ମାନୀୟ ଅତିଥି ଭାବେ ସମିତି ସଭ୍ୟ କେଦାର ଭୋଇ, ଯୁବ ନେତା ଅଶୋକ ବିଶି, ଦୁର୍ଦ୍ଧକ୍ଷ ହଂସ, ମାଁ ସାହାଜି ଯୁବକ ସଂଘର ସଭାପତି ଜିତାମିତ୍ର ବିଶି, ଜୟନ୍ତୀଲାଲ ହଂସ, ଯୁବ ବିଜେଡି ନେତା ତ୍ରିବିକ୍ରମ ବେହେରା, ମାଁ ସାହାଜି ଯୁବକ ସଂଘର ସମ୍ପାଦକ ପରମାନନ୍ଦ ଛତ୍ରିଆ, ପୂର୍ବତନ ୱାର୍ଡମେମ୍ବର ବୀର ହଂସ, ଗିରିଗୋବର୍ଦ୍ଧନ ମହୋତ୍ସବ କମିଟିର ସଭାପତି ମନ୍ମଥ ହଂସ, ସମ୍ପାଦକ ବିଷ୍ଣୁ ପ୍ରସାଦ ଗହିର, ହରିଶ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଖୁଦପେଜ ଓ ବରତୁଣ୍ଡା ଦଳ ମଧ୍ୟରେ ଉଦଘାଟନୀ ମ୍ୟାଚ୍ ଖେଳ ହୋଇଥିଲା। ଏଥିରେ ଖୁଦପେଜକୁ ୨-୦ ଗୋଲରେ ପରାସ୍ତ କରି ବରତୁଣ୍ଡା ଦଳ ବିଜୟୀ ହୋଇଥିଲା। ରେଫରୀ ନିତେଶ ମାଝୀ ଖେଳ ପରିଚାଳନା କରିଥିବା ବେଳେ ଲାଇନରେ ବୈଷ୍ଣବ ତାଣ୍ଡି ଓ ନବୀନ ସରାଫ ସହଯୋଗ କରିଥିଲେ। ଅଭୟ ବାଗ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କମିଟିର ସଂଯୋଜକ ରାହୁଲ ବାଗ, ଉପସଭାପତି ତ୍ରିବିକ୍ରମ ବେହେରା, ସମ୍ପାଦକ ଆଶିଷ ବେହେରା, ସହ ସମ୍ପାଦକ ଗିରିଶ ଅଦା, କୋଷାଧକ୍ଷ ପ୍ରିୟରଞ୍ଜନ ହଂସ, ଉପଦେଷ୍ଟା ଅଶୋକ ବିଶି, ପରମାନନ୍ଦ ଛତ୍ରିଆ, ସଦସ୍ୟ ଓମକାର ବାଗ, ସୁମିତ ଜାଲ, ଧର୍ମେନ୍ଦ୍ର ଦାସ, ସନ୍ତୋଷ ହଂସଙ୍କ ସହ ବହୁ ସଦସ୍ୟ ସହଯୋଗ କରିଥିଲେ।

## ଟ୍ରକ୍ ପଛରେ ପିଟିହୋଇ ଗୃହରକ୍ଷୀଙ୍କ ମୃତ୍ୟୁ

**ବଲାଙ୍ଗିର,୩।୧(ସମିସ):** ବଲାଙ୍ଗିର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥରେ ରାସ୍ତାକଡରେ ପାର୍କିଂ ହୋଇଥିବା ଟ୍ରକ୍‌ରେ ପିଟି ହୋଇ ଜଣେ ଗୃହରକ୍ଷୀଙ୍କ ମୃତ୍ୟୁ ଘଟିଛି। ମୃତ ଗୃହରକ୍ଷୀ ଜଣକ ହେଉଛନ୍ତି ପୁଇନ୍ତଲା ଥାନା ରଣ୍ଡା ଗାଁର ହେମନ୍ତ ସେଠ। ସେ ବଲାଙ୍ଗିରରେ ଗୃହରକ୍ଷୀ ଭାବେ କାମ କରୁଥିଲେ। ଶନିବାର ସକାଳୁ ଡ୍ୟୁଟି ସାରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ବଲାଙ୍ଗି - ସୋନପୁର ରାସ୍ତାରେ ସେ ଯାଉଥିବା ବେଳେ ରାଜପଥ କଡରେ ଛିଡା ହୋଇଥିବା ଟ୍ରକ୍ (ଓଡି ୨୫ ଏଚ ୨୯୮୭)କୁ ପଛରୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ସେ ଗୁରୁତର ଆହତ ହୋଇ ପଡି ରହିଥଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜକୁ ଆଣିଥିଲେ। ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ତାଙ୍କ ପରିବାର ଓ ସହକର୍ମୀ ମହଲରେ ଶୋକର ଛାୟା ଖେଳିଯାଇଛି। ତେବେ ଟ୍ରକକୁ ପୁଇଁନ୍ତଲା ପୁଲିସ ଜବତ କରି ଏହି ଘଟଣାର ତଦନ୍ତ ଚଳାଇଛି।

## ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ପାଣିପଞ୍ଚାୟତ ପକ୍ଷ ପାଳନ

**ଦେଓଗାଁ,୩।୧(ସମିସ):** ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ବଲାଙ୍ଗିର ଉଠାଜଳସେଚନ ବିଭାଗ ତରଫରୁ ଶନିବାର ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଛି। ଏହି ଅବସରରେ ଦେଓଗାଁ, ଗୁଡଭେଲା ଓ ସଇଁନ୍ତଲା ବ୍ଲକର ୫୦ଜଣ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, ପ୍ରବନ୍ଧ, ସାଧାରଣଜ୍ଞାନ, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରବନ୍ଧରେ ରିକୁ ରଞ୍ଜନ ଅମାତ, ଶୃତି ରଣା, ଅଂଶିତା ସାହୁ, ତର୍କରେ ପ୍ରିୟମନ ନାଗ, ଅଞ୍ଜନା ମନହୀରା, ରୋଜିତା ପଧାନ, ଚିତ୍ରାଙ୍କନରେ ସାଧନା ଦଲାଇ, ବିଶୁ ଭୋଇ, ଦିବ୍ୟାଂଶୀ ସିଂଦେଓ, ପ୍ରତିରୂପ ପ୍ରଦର୍ଶନୀରେ ଲକ୍ଷ୍ମୀପ୍ରିୟା ବାରିକ, ଭୂପେନ୍ଦ୍ର ରଣା, ସନ୍ଧ୍ୟାରାଣୀ ମେହେର, କ୍ୱିଜରେ ମନିଷ ପୋଢ଼, ମନିଷ ରାଜହଂସ, ସ୍ୱାଗତିକା ମିଶ୍ର ପ୍ରଥମ, ଦ୍ୱୀତିୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୬ ତାରିଖ ବଲାଙ୍ଗିରରେ ହେବାକୁ ଥିବା ଡିଭିଜନସ୍ତରୀୟ ପକ୍ଷପାଳନ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି। ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥ ôଭାବେ ଜିଲ୍ଲା ଉଠାଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ସଚ୍ଚିଦାନନ୍ଦ ଦଲାଇ, ସମ୍ମାନୀତ ଭାବେ ସହକାରୀ ନିର୍ବାହୀଯନ୍ତ୍ରୀ ଦିନେଶ ସାଣ୍ଡିଲ, ଘନଶ୍ୟାମ ସାହୁ, କନିଷ୍ଠ ଯନ୍ତ୍ରୀ ସତ୍ୟବାନ ଜେନା, ସନ୍ଦୀପ ମିଶ୍ର, ଭାବଗ୍ରାହୀ ନାୟକ, ରଶ୍ମିତ ରଞ୍ଜନ ମେହେର, ରେବତୀ ମେହେର, ଯୁଧିଷ୍ଠିର ଭୂଏ ପ୍ରମୁଖ ଯୋଗ ଦେଇଥଲେ। ବିଭୂତି ଭୂଷଣ ବେହେରା, ଅଗ୍ନି ନାଏକ, ଦେବଦାସ ମିଶ୍ର, ଆନନ୍ଦ ଭଞ୍ଜ, କୃତିବାସ ବଗର୍ତ୍ତି, ରାଜକିଶୋର ମିଶ୍ର, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ବଳଦେବ ମାଝୀ, ସୁଶୀଲ ପଧାନ, କସ୍ତୁରୀ ଚରଣ ରାଉତ, ପୁଷ୍ପାଞ୍ଜଳୀ ଗୁରୁ, ପ୍ରତାପ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ବାନ୍ଧନଘୋର ଶ୍ରୀରାମ ମନ୍ଦିରରେ ସପ୍ତମ ପୁଷ୍ୟାଭିଷେକ ଉତ୍ସବ

**ବଲାଙ୍ଗିର,୩।୧(ସମିସ):** ବଲାଙ୍ଗିର ସଦର ବ୍ଲକ୍ ବାନ୍ଧନଘୋରସ୍ଥିତ ଶ୍ରୀରାମ ମନ୍ଦିରରେ ପୌଷ ପୂର୍ଣ୍ଣିମା ଅବସରରେ ସପ୍ତମ ପୁଷ୍ୟାଭିଷେକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ନନ୍ଦି ଗ୍ରାମଠାରେ



ଶ୍ରୀରାମ ଭରତ ମିଳନ ହୋଇଥିଲା। ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ସୁବଳ ଚନ୍ଦ୍ର ଗୁରହାଣ୍ଡି ଭରତ ଭୂମିକା ଗ୍ରହଣ କରିଥିଲେ। ପରେ ପ୍ରଭୁ ଶ୍ରୀରାମ, ମାତା ସୀତା ଓ ବୀର ଲକ୍ଷ୍ମଣ ସୁସଜ୍ଜିତ ରଥରେ ନଗର ପରିକ୍ରମା କରିଥିଲେ। ଗ୍ରାମର ପ୍ରତ୍ୟେକ ଘର ଦୁଆରେ ଶ୍ରଦ୍ଧାଳୁ ଝୋଟି, ଚିତା କାଟି ପୂଜା କରିବା ସହ ପ୍ରଭୁଙ୍କ ଦର୍ଶନ କରିଥିଲେ। ପରିକ୍ରମାରେ ଶ୍ରୀରାମ ମନ୍ଦିର ମହିଳା ସଂକୀର୍ତ୍ତନ ଦଳ, ଭଗବତ ମଣ୍ଡଳୀ ଓ ହରିପାଲି ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ। ଏହା ସହିତ ମାଗୁରବେଡା ସମ୍ପ୍ରଦା ଦଳ, ନୂଆପଡା ମାଦଳ ଦଳ ଓ ଜଗତସିଂହପୁରର ଘୋଡାନାଚ ଦଳ, କଅଗାଁର ବୀଣାକାର ଦଳ ମଧ୍ୟ ସାମିଲ ହୋଇଥିଲେ। ବୀର ସାହୁ ପର୍ଶୁରାମ ଭାବେ ଏବଂ ସନ୍ତୋଷ ବାଗ ହନୁମାନ ବେଶରେ ନିଜର କଳା ପ୍ରଦର୍ଶନ କରିଥିଲେ। ମାଗୁରବେଡାର ହାଡୁ ବିଶି ରଥରେ ସାରଥୀ ହୋଇଥିଲେ। ଶ୍ରୀରାମ କଲଚରାଲ ଗ୍ରୁପର ସଭାପତି ମନ୍ମୟ ତ୍ରିପାଠୀ ପରିଚାଳନା କରିଥିଲେ। ନଗର ପରିକ୍ରମା ଶେଷରେ ଶ୍ରୀରାମ ମନ୍ଦିରଠାରେ ପୁଷ୍ୟାଭିଷେକ ହୋମ ହୋଇଥିଲା। ମନ୍ଦିର ପୂଜକ ହିମାଂଶୁ ମିଶ୍ର ପୂଜକ ଥିଲେ। କର୍ତ୍ତା ଭାବେ ଅଚ୍ୟୁତାନନ୍ଦ ମିଶ୍ର ସପତ୍ନୀକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ତରୁଣ ପରିଛାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସନ୍ଦୀପ କୁଅଁର, ରିଷିକେଶରୁ ଆସିଥିବା ବାବା ଏସ.ଏସ. ଗିରି ମଧ୍ୟ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମ ଟ୍ରଷ୍ଟର ଚେୟାରମ୍ୟାନ ମଳୟ ଆନନ୍ଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଚିଙ୍କୁ ପ୍ରଧାନ, ସତ୍ୟନାରାୟଣ ଗହିର, ଗଣ୍ଡାରାମ ଗହିର, ଶ୍ରୀମୟ ତ୍ରିପାଠୀ ଓ ସର୍ବଜିତ ତ୍ରିପାଠୀ ପରିଚାଳନାରେ ସହଯୋଗ କରିଥିଲେ।

## ପାଟଣେଶ୍ୱରୀ ମହୋତ୍ସବ ଲାଗି ଏନ୍‌ଏଚ୍-୫୭ର ସୌନ୍ଦର୍ଯ୍ୟକରଣ ହେବ

**ବଲାଙ୍ଗିର,୩।୧(ସମିସ):** ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀଙ୍କ ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ



ଫେବୃୟାରୀରେ ପାଟଣେଶ୍ୱରୀ ମହୋତ୍ସବ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଏନ୍‌ଏଚ୍ ୫୭ର ସୌନ୍ଦର୍ଯ୍ୟକରଣ ହେବ। ଆଲୋକ ସଜ୍ଜା ସହ ଚିତ୍ର ସ୍ଥାନ ପାଇବ। ପୌରାଧକ୍ଷ ଲିକା ସାହୁଙ୍କୁ ଏ ନେଇ ଦେବାଳୟ ଐତିହ୍ୟ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ୪ଟି ପ୍ରସ୍ତାବ ଦିଆଯାଇଛି। ଲୋକନାଥ ମନ୍ଦିରରୁ ମାଁ ପାଟଣେଶ୍ୱରୀ ମନ୍ଦିର ଏନ୍‌ଏଚ୍ ୫୭ର ସ୍ୱଚ୍ଛତା, ବଲାଙ୍ଗିରର ଐତିହ୍ୟ କଳାକୀର୍ତ୍ତି ଅଙ୍କନ, ଆଲୋକ ସଜ୍ଜା ସହ ରାସ୍ତାକଡରେ ବିଭିନ୍ନ ବୃକ୍ଷ ଲଗାଇବା, ଜଳାଶୟ ଏବଂ ବିଭିନ୍ନ ରାସ୍ତାରେ ଆଲୋକ ସଜ୍ଜା ପାଇଁ ଦାବି କରାଯାଇଥିଲା। ଦେବାଳୟ ଐତିହ୍ୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଉପଦେଷ୍ଟା ସୁରେନ୍ଦ୍ର ନେଗୀ, କବି ଅର୍ଜୁନ ସାହୁ, ଭବାନୀଶଙ୍କର ଭୋଇ, ସଂପାଦକ ପ୍ରଶାନ୍ତ ମହାକୁର ପ୍ରମୁଖ ପୌରାଧକ୍ଷଙ୍କୁ ଭେଟି ଦାବି ଜଣାଇଥିଲେ। ୧୫୦ ବର୍ଷ ପୂର୍ତ୍ତି ଅବସରରେ ପୌରାଧକ୍ଷାଙ୍କୁ ଲୋଗୋ ଅର୍ପଣ କରାଯାଇଥିଲା।

### ରାମଝୁଲାରୁ ପଡ଼ି ଯୁବକଙ୍କ ମୃତ୍ୟୁ ଘଟଣା

# ବିବାଦରେ ଲୋଇସିଂହା ପୁଲିସ

**ବଲାଙ୍ଗିର,୩।୧(ସମିସ):** ବଲାଙ୍ଗିର ଜିଲ୍ଲା ଝାରମୁଣ୍ଡା ଧନୁଯାତ୍ରା ମେଳାକୁ ନେଇ ବିବାଦରେ ଫସିଛି ଲୋଇସିଂହା ପୁଲିସ। ଧନୁଯାତ୍ରା ମେଳାରେ ଲାଗିଥିବା ମିନାବଜାରର ରାମଝୁଲାରୁ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ପୁଲିସର କାର୍ଯ୍ୟକଳାପ ସନ୍ଦେହ ଘେରରେ ରହିଥିଲା। ତେବେ ଏହି ଘଟଣାରେ ପୁଲିସ ଅବହେଳା ସ୍ପଷ୍ଟ ହୋଇଛି। ଏହି ଧନୁଯାତ୍ରା ମେଳାରେ ଆୟୋଜିତ ମୀନାବଜାରର ପାଇଁ କୌଣସି ଅନୁମତି ନ ଥିବା ବଲାଙ୍ଗିର ଉପଜିଲ୍ଲାପାଳ କହିଛନ୍ତି। ଗୋଟିଏ ପଟେ ପୁଲିସ ମୀନାବଜାର ଓ ରାମଝୁଲା ପାଇଁ ଅନୁମତି ଥିବା କହୁଥିବା ବେଳେ ଉପଜିଲ୍ଲାପାଳ ତାଙ୍କ ପାଖରୁ ଅନୁମତି ନିଆଯାଇ ନ ଥିବା କହିଛନ୍ତି। ତେବେ ଯଦି ଏହା ସତ ତେବେ ସାଂଘାତିକ। ବେଆଇନ ଭାବେ ଚାଲିଥିବା ମୀନାବଜାରରେ ପ୍ରତିଦିନ ପୁଲିସ ପଇଁତରା ମାରୁଥିବା ବେଳେ ତାକୁ କାହିଁକି ବନ୍ଦ କରି ନ ଥିଲା ତାହା ପ୍ରଶ୍ନ ସୃଷ୍ଟି କରିଛି। କମିଟି ତଥା ମୀନାବଜାର ଠିକାଦାର ବିରୋଧରେ ମାମଲା ରୁଜୁ ନ କରି ପୁଲିସ କାହିଁକି ମାମଲାକୁ ରଫାଦଫା କରିବାକୁ ଉଦ୍ୟମ କରିଥିଲା ତାହା ବର୍ତ୍ତମାନ ବଡ ପ୍ରଶ୍ନ ହୋଇ ରହିଛି।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଝାରମୁଣ୍ଡାରେ ୧୦ ଦିନ ଧରି ଧନୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଧନୁଯାତ୍ରା ଅବସରରେ ମିନାବଜାରର ଆୟୋଜନ କରାଯାଇଥିଲା। ଯେହେତୁ ଏଥିରେ ଶହ ଶହ ଲୋକଙ୍କ ଭିଡ ରହିଥାଏ ତେଣୁ ସୁରକ୍ଷା ଦୃଷ୍ଟି ରୁ ପ୍ରଶାସନିକ ଅନୁମତି ଦରକାର ପଡିଥାଏ। ଏହି ଅନୁମତି ଅଗ୍ନିଶମ, ପୁଲିସ, ରାଜସ୍ୱ ବିଭାଗର ମଧ୍ୟ ଅନୁମତି ଦରକାର ହୋଇଥାଏ। ତେବେ

- ବିନା ଅନୁମତିରେ ଚାଲିଥିଲା ମିନାବଜାର
- କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲ୍ଲାପାଳଙ୍କ ସୁପାରିଶ
- ଅପରାଧିକ ମାମଲା ବଦଳରେ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଚୁପ୍

ଝାରମୁଣ୍ଡା ଧାନୁଯାତ୍ରାରେ ମିନାବଜାରରେ ଲାଗିଥିବା ରାମଝୁଲାରୁ ପଡି ଗତ ୩୧ ତାରିଖ ବିଳମ୍ବିତ ରାତିରେ ସରଗାଡ ଗାଁ ମିଳନ ସାହୁ(୨୪)ଙ୍କ ମୃତ୍ୟୁ ଘଟିଥିଲା। ଝୁଲାରୁ ପଡିବା ପରେ ପ୍ରାୟ ଗୋଟିଏ ଘଣ୍ଟା ପର୍ଯ୍ୟନ୍ତ ତାଙ୍କର ଚିକିତ୍ସା ବ୍ୟବସ୍ଥା କରାଯାଇ ନ ଥିବା ଅଭିଯୋଗ ହୋଇଥିଲା। ଏପରିକି ପୁଲିସ ମଧ୍ୟ ଡାକ୍ତରଖାନା ନେଇ ନ ଥିଲା। ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ପୁଲିସ ମୃତକ ପରିବାର ପାଇଁ ମିନାବଜାର ଠିକାଦାର ଓ ଯାତ୍ରା କମିଟି ସହ ଅଲୋଚନା କରି ସାଢେ ୩ ଲକ୍ଷ ଟଙ୍କା କ୍ଷତିପୂରଣ ବ୍ୟବସ୍ଥା କରିଦିଆଯାଇଥିବା କହି ବାହାବା ନେଇଥିଲା। ଏପରିକି ଏନେଇ ଏକ ଅପମୃତ୍ୟୁ ମାମଲା ପୁଲିସ ପକ୍ଷରୁ ରୁଜୁ ହୋଇଥିବା ବେଳେ ଅନ୍ୟ କୌଣସି ଅପରାଧିକ ମାମଲା ରୁଜୁ ହୋଇନାହିଁ। ମେଳା ଓ ମିନାବଜାରରେ ରାମଝୁଲା ଲଗାଇବାକୁ ବାରଣ କରାଯାଇଛି। ତଥାପି ଝାରମୁଣ୍ଡାରେ ରାମଝୁଲା ଲଗାଯାଇଥିଲା। ବିନା ଅନୁମତିରେ ରାମଝୁଲା ଲଗାଯାଇଥିବାରୁ ଠିକାଦାର ନାମରେ ପୁଲିସ ଅପରାଧିକ ମାମଲା ରୁଜୁ କରିବା କଥା; କିନ୍ତୁ ତାହା ନ କରି ମାମଲା ରଫାଦଫା କରିବାକୁ ଉଦ୍ୟମ କରାଯାଇଥିଲା। ଏହାକୁ ନେଇ ପ୍ରଶ୍ନ ଉଠିଛି। ପୁଲିସର ଏହି ପଦକ୍ଷେପ ପଛରେ ରହିଥିବା ଅସଲ କଥା ଏବେ ସାମ୍ନାକୁ ଆସିଛି। ଏନେଇ ଉପଜିଲ୍ଲାପାଳ ଆଲୋକ ପଟେଲଙ୍କ କହିବା ଅନୁସାରେ ଝାରମୁଣ୍ଡାରେ ମେଳା କିମ୍ବା ମିନାବଜାର ଆୟୋଜନ କରିବା ପାଇଁ ତାଙ୍କ ପାଖରୁ କୌଣସି ଅନୁମତି ନିଆଯାଇନାହିଁ। ଅର୍ଥାତ ବେଆଇନ ଭାବେ ମୀନାବଜାର ଚାଲିଥିଲା। ଯଦି ବିନା ଅନୁମତିରେ ମିନାବଜାର ଚାଲିଥିଲା ତେବେ ସବୁଦିନ ପୁଲିସ ସେଠିକୁ ଯାଇ କ'ଣ କରୁଥିଲା ବୋଲି ପ୍ରଶ୍ନ ଉଠିଛି। ମୀନାବବଜାର ବନ୍ଦ କରିବା ଦିଗରେ ପୁଲିସ ପଦକ୍ଷେପ ନେଇ ନ ଥିଲା ବୋଲି ସ୍ପଷ୍ଟ ହୋଇଛି। ଏହାରି ପଛରେ ପୁଲିସ ଓ କମିଟିର ହୋଇଥିବା ଭିତିରି ଡିଲ୍ କଥା ମଧ୍ୟ ସାମ୍ନାକୁ ଆସିଛି। ମିନାବଜାର ଆୟୋଜନ, ମିନାବଜାରର ରାମଝୁଲା ଆୟୋଜନ କରିବା, ଯୁବକଙ୍କ ମୃତ୍ୟୁ ପରେ କ୍ଷତିପୂରଣ ବାହାନା ଦେଖାଇ ଅପରାଧିକ ମାମଲା ରୁଜୁ ନ କରିବା ଦିଗରେ କମିଟି ଓ ପୁଲିସ ମଧ୍ୟରେ ଏକ ଗୁପ୍ତ ଡିଲ୍ ହୋଇଥିବା ଆଲୋଚନା ହେଉଛି। ତେବେ ଯଦି ଏହା ସତ ତେବେ ସାଂଘାତିକ ବିଷୟ। ତେବେ ଏନେଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଦର ଏସଡିପିଓଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିବା ଉପଜିଲ୍ଲାପାଳ ପ୍ରତିକ୍ରିୟାରେ କହିଛନ୍ତି। ତେବେ ପୁଲିସ ଆୟୋଜକ କମିଟି ଓ ମିନାବଜାର ଠିକାଦାର ନାମରେ ଅପରାଧିକ ମାମଲା ରୁଜୁ କରିବେ ନା ନାହିଁ ତାହା ଦେଖିବାକୁ ବାକି ରହିଲା।




ଜାନୁଆରୀ ପହିଲାରୁ
ପୂର୍ବ ତଟ ରେଳପଥ ଦ୍ୱାରା
ନୂତନ ସମୟ ସାରଣୀ
2026
(ସମୟ ପରିବର୍ତ୍ତନର ମୁଖ୍ୟ ବୈଶିଷ୍ଟ୍ୟ)

ନୂତନ ଟ୍ରେନ୍ ପ୍ରଚଳନ

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଚଳାଚଳ ଦିବସ | କାର୍ଯ୍ୟକାରୀ ହେବା ତାରିଖ |
|---|---|---|---|---|
| 1 | 19021 | ଉଧନା ଜଂ - ବ୍ରହ୍ମପୁର | ସାପ୍ତାହିକ | 05.10.2025 |
| 2 | 19022 | ବ୍ରହ୍ମପୁର - ଉଧନା ଜଂ | ସାପ୍ତାହିକ | 06.10.2025 |
| 3 | 18311 | ସମ୍ବଲପୁର - ବୌଦ୍ଧ | ସାପ୍ତାହିକ | 22.06.2025 |
| 4 | 18312 | ବୌଦ୍ଧ - ସମ୍ବଲପୁର | ସାପ୍ତାହିକ | 24.06.2025 |
| 5 | 18313 | ବୌଦ୍ଧ - ଭୁବନେଶ୍ୱର ନୂଆ | ସାପ୍ତାହିକ | 23.06.2025 |
| 6 | 18314 | ଭୁବନେଶ୍ୱର ନୂଆ - ବୌଦ୍ଧ | ସାପ୍ତାହିକ | 23.06.2025 |

ଟ୍ରେନଗୁଡ଼ିକର ସଂପ୍ରସାରଣ

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ସଂପ୍ରସାରିତ ସ୍ଥାନ | w.e.f |
|---|---|---|---|---|
| 1 | 12871 | ହାଓଡ଼ା - ଟିଟିଲାଗଡ଼ | ଜୁନାଗଡ଼ ରୋଡ | ପରେ ସୂଚିତ କରାଯିବ |
| 2 | 12872 | ଟିଟିଲାଗଡ଼ - ହାଓଡ଼ା | ଜୁନାଗଡ଼ ରୋଡ | |
| 3 | 58305 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 4 | 58306 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 5 | 58307 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 6 | 58308 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 7 | 12893 | ଭୁବନେଶ୍ୱର - ସୋନପୁର | ପୁରୁଣାକଟକ | 23.06.2025 |
| 8 | 12894 | ସୋନପୁର - ଭୁବନେଶ୍ୱର | ପୁରୁଣାକଟକ | 24.06.2025 |
| 9 | 22820 | ବିଶାଖାପାଟଣା - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 12.05.2025 |
| 10 | 22819 | ଭୁବନେଶ୍ୱର - ବିଶାଖାପାଟଣା | ଭୁବନେଶ୍ୱର ନୂଆ | 12.05.2025 |
| 11 | 17015 | ଭୁବନେଶ୍ୱର - ସିକନ୍ଦରାବାଦ | ଭୁବନେଶ୍ୱର ନୂଆ | 12.05.2025 |
| 12 | 17016 | ସିକନ୍ଦରାବାଦ - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 11.05.2025 |
| 13 | 11020 | ଭୁବନେଶ୍ୱର - CSMT ମୁମ୍ବାଇ | ଭୁବନେଶ୍ୱର ନୂଆ | 12.05.2025 |
| 14 | 11019 | CSMT ମୁମ୍ବାଇ - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 11.05.2025 |

ଟ୍ରେନଗୁଡ଼ିକର ଚଳାଚଳରେ ବୃଦ୍ଧି

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ଚଳାଚଳ ଦିବସ | ନୂତନ ଚଳାଚଳ ଦିବସ | w.e.f |
|---|---|---|---|---|---|
| 1 | 19021 | ଉଧନା ଜଂ - ବ୍ରହ୍ମପୁର | ସାପ୍ତାହିକ | ସପ୍ତାହକୁ ତିନିଥର | 19.11.2025 |
| 2 | 19022 | ବ୍ରହ୍ମପୁର - ଉଧନା ଜଂ | ସାପ୍ତାହିକ | ସପ୍ତାହକୁ ତିନିଥର | 20.11.2025 |

ଟ୍ରେନଗୁଡ଼ିକର ଚଳାଚଳ ଦିବସରେ ପରିବର୍ତ୍ତନ

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ଚଳାଚଳ ଦିବସ | ନୂତନ ଚଳାଚଳ ଦିବସ | w.e.f |
|---|---|---|---|---|
| 20707 | ସିକନ୍ଦରାବାଦ - ବିଶାଖାପାଟଣା | ଗୁରୁବାର ବ୍ୟତୀତ | ସୋମବାର ବ୍ୟତୀତ | 02.12.25 |
| 20708 | ବିଶାଖାପାଟଣା - ସିକନ୍ଦରାବାଦ | | | 02.12.25 |
| 20835 | ରାଉରକେଲା - ପୁରୀ | ଶନିବାର ବ୍ୟତୀତ | ମଙ୍ଗଳବାର ବ୍ୟତୀତ | 03.06.25 |
| 20836 | ପୁରୀ - ରାଉରକେଲା | | | 03.06.25 |

ଟ୍ରେନଗୁଡ଼ିକର ଗତିରେ ବୃଦ୍ଧି (w.e.f. 01.01.2026)

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ TOR | ନୂତନ TOR | ସଞ୍ଚିତ ସମୟ (ମିନିଟ) |
|---|---|---|---|---|
| 12805 | ବିଶାଖାପାଟଣା - ଲିଙ୍ଗମପାଲି | 13 ଘ. 20 ମି. | 12 ଘ. 55 ମି. | 25 |
| 12806 | ଲିଙ୍ଗମପାଲି - ବିଶାଖାପାଟଣା | 13 ଘ. 30 ମି. | 12 ଘ. 55 ମି. | 35 |
| 20804 | ଗାନ୍ଧୀଧାମ ଜଂ - ବିଶାଖାପାଟଣା | 35 ଘ. 15 ମି. | 35 ଘ. 10 ମି. | 05 |
| 18451 | ହାଟିଆ - ପୁରୀ | 09 ଘ. 35 ମି. | 09 ଘ. 30 ମି. | 05 |
| 18529 | ଦୁର୍ଗ - ବିଶାଖାପାଟଣା | 13 ଘ. 30 ମି. | 13 ଘ. 10 ମି. | 20 |
| 58303 | ସମ୍ବଲପୁର - ଜୁନାଗଡ଼ ରୋଡ | 08 ଘ. 05 ମି. | 07 ଘ. 50 ମି. | 15 |
| 12819 | ଭୁବନେଶ୍ୱର - ଆନନ୍ଦ ବିହାର ଟର୍ମିନାଲ | 27 ଘ. 20 ମି. | 27 ଘ. 18 ମି. | 02 |
| 68413 | ତାଳଚେର - ପୁରୀ | 05 ଘ. 45 ମି. | 05 ଘ. 20 ମି. | 25 |
| 12846 | SMVT ବେଙ୍ଗାଲୁରୁ - ଭୁବନେଶ୍ୱର | 25 ଘ. 50 ମି. | 25 ଘ. 45 ମି. | 05 |
| 18573 | ବିଶାଖାପାଟଣା - ଭଗତ କୀ କୋଠି | 38 ଘ. 10 ମି. | 38 ଘ. | 10 |

ଟ୍ରେନ୍ ସମୟ ପରିବର୍ତ୍ତନ (w.e.f 01.01.2026)

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ସମୟ: ପ୍ରସ୍ଥାନ (ପ୍ରାରମ୍ଭିକ ଷ୍ଟେସନରେ) | ପୂର୍ବ ସମୟ: ଆଗମନ (ଅନ୍ତିମ ଷ୍ଟେସନ ଠାରେ) | ନୂତନ ସମୟ: ପ୍ରସ୍ଥାନ | ନୂତନ ସମୟ: ଆଗମନ |
|---|---|---|---|---|---|
| 58303 | ସମ୍ବଲପୁର - ଜୁନାଗଡ଼ ରୋଡ | 0645 | 1450 | 0700 | 1450 |
| 18422 | ସୋନପୁର - ପୁରୀ | 1910 | 0635 | 1900 | 0640 |
| 18302 | ରାୟଗଡ଼ା - ସମ୍ବଲପୁର | 1320 | 1935 | 1320 | 1945 |
| 18304 | ପୁରୀ - ସମ୍ବଲପୁର | 1545 | 2240 | 1545 | 2255 |
| 18516 | କିରନ୍ଦୁଲ - ବିଶାଖାପାଟଣା | 1630 | 0340 | 1600 | 0340 |
| 18517 | କୋରବା - ବିଶାଖାପାଟଣା | 1610 | 0640 | 1610 | 0645 |
| 22809 | ପାରାଦୀପ - ବିଶାଖାପାଟଣା | 2215 | 0800 | 2215 | 0815 |
| 22853 | ଶାଲିମାର - ବିଶାଖାପାଟଣା | 1815 | 0800 | 1815 | 0815 |
| 22873 | ଦିଘା - ବିଶାଖାପାଟଣା | 1705 | 0800 | 1705 | 0815 |
| 18529 | ଦୁର୍ଗ - ବିଶାଖାପାଟଣା | 1833 | 1030 | 1833 | 1005 |
| 20804 | ଗାନ୍ଧୀଧାମ ଜଂ - ବିଶାଖାପାଟଣା | 2305 | 1020 | 2305 | 1015 |
| 58503 | ଭବାନୀପାଟଣା - ବିଶାଖାପାଟଣା | 0115 | 1010 | 0115 | 1020 |
| 18574 | ଭଗତ କୀ କୋଠି - ବିଶାଖାପାଟଣା | 2040 | 1005 | 2040 | 1030 |
| 18524 | ବାନାରସ - ବିଶାଖାପାଟଣା | 1500 | 1930 | 1500 | 1945 |
| 12806 | ଲିଙ୍ଗମପାଲି - ବିଶାଖାପାଟଣା | 0615 | 1945 | 0655 | 1950 |
| 58502 | କିରନ୍ଦୁଲ - ବିଶାଖାପାଟଣା | 0600 | 2045 | 0600 | 2100 |
| 58505 | ଗୁଣୁପୁର - ବିଶାଖାପାଟଣା | 1430 | 2100 | 1430 | 2110 |
| 18005 | ହାଓଡ଼ା - ଜଗଦଲପୁର | 2210 | 2200 | 2210 | 2230 |
| 18447 | ଭୁବନେଶ୍ୱର - ଜଗଦଲପୁର | 1935 | 1115 | 1935 | 1215 |
| 12805 | ବିଶାଖାପାଟଣା - ଲିଙ୍ଗମପାଲି | 0620 | 1940 | 0620 | 1915 |
| 58538 | ବିଶାଖାପାଟଣା - କୋରାପୁଟ | 0630 | 1530 | 0645 | 1545 |
| 58501 | ବିଶାଖାପାଟଣା - କିରନ୍ଦୁଲ | 0645 | 2045 | 0700 | 2100 |
| 67289 | ବିଶାଖାପାଟଣା - ପଲାସା | 0750 | 1300 | 0745 | 1300 |
| 18448 | ଜଗଦଲପୁର - ଭୁବନେଶ୍ୱର | 1630 | 0820 | 1600 | 0820 |
| 17244 | ରାୟଗଡ଼ା - ଗୁଣ୍ଟୁର | 1530 | 0450 | 1500 | 0450 |

ରେକ୍ ଗୁଡ଼ିକ LHB ରେକ୍‌ରେ ରୂପାନ୍ତରିତ ହୋଇଥିବା ଟ୍ରେନ

| କ୍ର.ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | w.e.f |
|---|---|---|---|
| 1 | 12892 | ପୁରୀ - ବାଙ୍ଗିରିପୋଷି | 29.04.2025 |
| 2 | 12891 | ବାଙ୍ଗିରିପୋଷି - ପୁରୀ | 29.04.2025 |
| 3 | 20837 | ଭୁବନେଶ୍ୱର - ଜୁନାଗଡ଼ ରୋଡ | 25.08.2025 |
| 4 | 20838 | ଜୁନାଗଡ଼ ରୋଡ - ଭୁବନେଶ୍ୱର | 25.08.2025 |

ପରିବର୍ତ୍ତିତ ହୋଇଥିବା ଟ୍ରେନ୍ ନଂ

| କ୍ର.ନଂ. | ପୂର୍ବ ଟ୍ରେନ୍ ନଂ. | ନୂତନ ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | w.e.f |
|---|---|---|---|---|
| 1 | 12892 | 18402 | ପୁରୀ - ବାଙ୍ଗିରିପୋଷି | 01.02.2026 |
| 2 | 12891 | 18401 | ବାଙ୍ଗିରିପୋଷି - ପୁରୀ | 01.02.2026 |

ଟ୍ରେନଗୁଡ଼ିକର ଅତିରିକ୍ତ ଷ୍ଟପେଜ୍

| କ୍ର. ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଅତିରିକ୍ତ ଷ୍ଟପେଜ୍ | w.e.f |
|---|---|---|---|---|
| 1 | 18005 | ହାଓଡ଼ା - ଜଗଦଲପୁର | ଲୋଇସିଂହା | 19.11.2025 |
| 2 | 18006 | ଜଗଦଲପୁର - ହାଓଡ଼ା | ଲୋଇସିଂହା | 19.11.2025 |
| 3 | 13351 | ଧାନବାଦ - ଆଲେପି | ବରଳା ରୋଡ | 04.03.2025 |
| 4 | 13352 | ଆଲେପି - ଧାନବାଦ | ବରଳା ରୋଡ | 03.03.2025 |
| 5 | 18423 | ଭୁବନେଶ୍ୱର - ଦଶପଲ୍ଲା | [illegible] | 20.01.2025 |
| 6 | 18424 | ଦଶପଲ୍ଲା - ଭୁବନେଶ୍ୱର | [illegible] | 21.01.2025 |
| 7 | 68449 | ପୁରୀ - ଦଶପଲ୍ଲା | [illegible] | 20.01.2025 |
| 8 | 68450 | ଦଶପଲ୍ଲା - ପୁରୀ | [illegible] | 21.01.2025 |
| 9 | 68443 | ଭଦ୍ରକ - ଦଶପଲ୍ଲା | [illegible] | 21.01.2025 |
| 10 | 68444 | ଦଶପଲ୍ଲା - ଭଦ୍ରକ | [illegible] | 20.01.2025 |
| 11 | 68429 | ଭୁବନେଶ୍ୱର - ଦଶପଲ୍ଲା | [illegible] | 21.01.2025 |
| 12 | 68430 | ଦଶପଲ୍ଲା - ଭୁବନେଶ୍ୱର | [illegible] | 20.01.2025 |
| 13 | 18423 | ଭୁବନେଶ୍ୱର - ଦଶପଲ୍ଲା | [illegible] | 20.01.2025 |
| 14 | 18424 | ଦଶପଲ୍ଲା - ଭୁବନେଶ୍ୱର | [illegible] | 21.01.2025 |
| 15 | 68429 | ଭୁବନେଶ୍ୱର - ଦଶପଲ୍ଲା | [illegible] | 17.09.2025 |
| 16 | 68430 | ଦଶପଲ୍ଲା - ଭୁବନେଶ୍ୱର | [illegible] | 17.09.2025 |
| 17 | 68449 | ପୁରୀ - ଦଶପଲ୍ଲା | [illegible] | 17.09.2025 |
| 18 | 68450 | ଦଶପଲ୍ଲା - ପୁରୀ | [illegible] | 17.09.2025 |
| 19 | 18423 | ଭୁବନେଶ୍ୱର - ଦଶପଲ୍ଲା | [illegible] | 17.09.2025 |
| 20 | 18424 | ଦଶପଲ୍ଲା - ଭୁବନେଶ୍ୱର | [illegible] | 17.09.2025 |
| 21 | 68443 | ଭଦ୍ରକ - ଦଶପଲ୍ଲା | [illegible] | 17.09.2025 |
| 22 | 68444 | ଦଶପଲ୍ଲା - ଭଦ୍ରକ | [illegible] | 17.09.2025 |
| 23 | 12896 | ପୁରୀ - ଶାଲିମାର | ସାକ୍ଷୀଗୋପାଳ | 21.08.2025 |
| 24 | 12895 | ଶାଲିମାର - ପୁରୀ | ସାକ୍ଷୀଗୋପାଳ | 15.08.2025 |
| 25 | 15639 | ପୁରୀ - କାମାକ୍ଷା | ସାକ୍ଷୀଗୋପାଳ | 19.08.2025 |
| 26 | 15640 | କାମାକ୍ଷା - ପୁରୀ | ସାକ୍ଷୀଗୋପାଳ | 19.08.2025 |
| 27 | 18449 | ପୁରୀ - ପଟନା ଜଂ | ସାକ୍ଷୀଗୋପାଳ | 18.08.2025 |
| 28 | 18450 | ପଟନା ଜଂ - ପୁରୀ | ସାକ୍ଷୀଗୋପାଳ | 21.08.2025 |
| 29 | 20807 | ବିଶାଖାପାଟଣା - ଅମୃତସର ଜଂ | [illegible] | 15.08.2025 |
| 30 | 20808 | ଅମୃତସର ଜଂ - ବିଶାଖାପାଟଣା | [illegible] | 15.08.2025 |
| 31 | 12837 | ହାଓଡ଼ା - ପୁରୀ | ମଞ୍ଚେଶ୍ୱର | 15.08.2025 |
| 32 | 12838 | ପୁରୀ - ହାଓଡ଼ା | ମଞ୍ଚେଶ୍ୱର | 15.08.2025 |
| 33 | 20823 | ପୁରୀ - ଆଜମେର ଜଂ | ମଞ୍ଚେଶ୍ୱର | 15.08.2025 |
| 34 | 20824 | ଆଜମେର ଜଂ - ପୁରୀ | ମଞ୍ଚେଶ୍ୱର | 16.08.2025 |
| 35 | 18447 | ଭୁବନେଶ୍ୱର - ଜଗଦଲପୁର | [illegible] | 15.08.2025 |
| 36 | 18448 | ଜଗଦଲପୁର - ଭୁବନେଶ୍ୱର | [illegible] | 14.08.2025 |
| 37 | 20861 | ପୁରୀ - ଅହମଦାବାଦ ଜଂ | [illegible] | 20.08.2025 |
| 38 | 20862 | ଅହମଦାବାଦ ଜଂ - ପୁରୀ | [illegible] | 17.08.2025 |
| 39 | 18425 | ପୁରୀ - ଦୁର୍ଗ | [illegible] | 15.08.2025 |
| 40 | 18426 | ଦୁର୍ଗ - ପୁରୀ | [illegible] | 15.08.2025 |
| 41 | 12807 | ବିଶାଖାପାଟଣା - ହଜରତ ନିଜାମୁଦ୍ଦିନ | ଥେରୁବାଲି | 16.08.2025 |
| 42 | 12808 | ହଜରତ ନିଜାମୁଦ୍ଦିନ - ବିଶାଖାପାଟଣା | ଥେରୁବାଲି | 15.08.2025 |
| 43 | 13351 | ଧାନବାଦ - ଆଲେପି | ଥେରୁବାଲି | 15.08.2025 |
| 44 | 13352 | ଆଲେପି - ଧାନବାଦ | ଥେରୁବାଲି | 15.08.2025 |
| 45 | 17481 | ବିଲାସପୁର ଜଂ - ତିରୁପତି | [illegible] | 16.08.2025 |
| 46 | 17482 | ତିରୁପତି - ବିଲାସପୁର ଜଂ | [illegible] | 15.08.2025 |
| 47 | 13351 | ଧାନବାଦ - ଆଲେପି | [illegible] | 15.08.2025 |
| 48 | 13352 | ଆଲେପି - ଧାନବାଦ | [illegible] | 15.08.2025 |
| 49 | 18518 | ବିଶାଖାପାଟଣା - କୋରବା | ମୁରିବାହାଲ | 15.08.2025 |
| 50 | 18517 | କୋରବା - ବିଶାଖାପାଟଣା | ମୁରିବାହାଲ | 15.08.2025 |
| 51 | 18301 | ସମ୍ବଲପୁର - ରାୟଗଡ଼ା | ଦେଓଗାଁ ରୋଡ | 16.04.2025 |
| 52 | 18302 | ରାୟଗଡ଼ା - ସମ୍ବଲପୁର | ଦେଓଗାଁ ରୋଡ | 16.04.2025 |
| 53 | 22827 | ପୁରୀ - ଆଜମେର ଜଂ | ତାଳଚେର ରୋଡ | 04.01.2026 |
| 54 | 22828 | ଆଜମେର ଜଂ - ପୁରୀ | ତାଳଚେର ରୋଡ | 06.01.2026 |
| 55 | 12837 | ହାଓଡ଼ା - ପୁରୀ | ନିର୍ଗୁଣ୍ଡି | 01.01.2026 |
| 56 | 12838 | ପୁରୀ - ହାଓଡ଼ା | ନିର୍ଗୁଣ୍ଡି | 01.01.2026 |

ପ୍ରମୁଖ ଷ୍ଟେସନରେ ଟ୍ରେନ୍ ଚଳାଚଳ ସମୟର ପରିବର୍ତ୍ତନ

12145 (ଲୋକମାନ୍ୟ ତିଲକ ଟର୍ମିନସ - ପୁରୀ) ସାପ୍ତାହିକ ଏକ୍ସପ୍ରେସ

| ଷ୍ଟେସନ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 1830 | 1850 |
| ବଲାଙ୍ଗୀର | 1940 | 1945 |
| ବରଗଡ଼ | 2035 | 2037 |
| ସମ୍ବଲପୁର | 2120 | 2130 |
| ଅନୁଗୁଳ | 0125 | 0127 |
| ତାଳଚେର | 0145 | 0205 |
| [illegible] | [illegible] | [illegible] |

18451 (ହାଟିଆ - ପୁରୀ) ତପସ୍ୱିନୀ ଏକ୍ସପ୍ରେସ

| ଷ୍ଟେସନ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 2205 | 2225 |
| ଅନୁଗୁଳ | 0134 | 0136 |
| ତାଳଚେର | 0150 | 0210 |
| କଟକ | 0345 | 0350 |
| ଭୁବନେଶ୍ୱର | 0430 | 0440 |
| ଖୋର୍ଦ୍ଧା ରୋଡ | 0500 | 0505 |
| [illegible] | [illegible] | [illegible] |


[illegible]

ପୂର୍ବ ତଟ ରେଳପଥ
139
www.eastcoastrail.indianrailways.gov.in
/@EASTCOASTRailway1 /@EastCoastRail
D-9/25-26

# ଦିନେ ଦିନକର କଥା



ଗଂଗାଧର ବିଶ୍ୱାଳ



ଦିନକର କଥାଟି ଏମିତି ।
ଶୀତ ସରି ସରି ଆସୁଥାଏ ।
ପାଚିଲା ଧାନକ୍ଷେତର କିଆରି କିଆରି ହସ ଆଉ ହସ ।

ଚବରଚବର ପାଣିଚିଆ ପାଉଁଜିର ଓଡ଼ିଶୀ ଆଢୁଆଳରେ, ମଧୁ ମାଷ୍ଟ୍ରେଙ୍କ ଆଖି ହଳକ ବର୍ଚ୍ଛାର ଚକ୍‌ଚକ୍ ଧାରୁଆ ମୁହଁ । ଘରବାଡ଼ିରେ ଲତା ହେଇ ନଟେଇ ଯାଉଥାଏ, ମଧୁମାଳତୀ । ଫୁଲ୍‌ଫୁଲିଆ ଜହ୍ନରାତି ଆଉ ନିଛାଟିଆ ନିର୍ଜନତା ଦେଖୁଛି, ସାଧୁ ପଧାନର ଯୁବତୀ ଝିଅ ରଙ୍ଗଲତା । ତା' ଡେଣାରେ ଯୋଡ଼ି ଯାଇଛି, ଅପ୍‌ସରୀର ଆହ୍ଲା । ରାଜକୁମାର ଜଣେ, ପକ୍ଷୀରାଜ ଘୋଡ଼ା ଚଢ଼ି ଓହ୍ଲେଇ ଆସୁଛି । ଅଭିଆଡ଼ୀ ରଙ୍ଗଲତାର ଦେହରେ ବିବଶ ଜହ୍ନରାତିର ମାଦକତା ।

ଗାଁ ଶେଷ, ପୋଖରୀ । ପୋଖରୀର କାଚକେନ୍ଦୁ ପାଣିରେ ନୌ-ବିହାରରେ ବିଭୋର, ଦୁହେଁ ।

ତା'ପରେ । ଘଟଣାଟିକୁ ସ୍ୱପ୍ନ କୁହାଯାଉ ।
କାରଣ, ଆଜିକାଲି ସ୍ୱପ୍ନରେ ଯାହା ମିଛ, ବାସ୍ତବରେ ତାହା ହିଁ ସତ ।

ଜହ୍ନରାତିର ଆଲୁଅରେ ତିଆରି ଶିଢ଼ିଟାଏକୁ ଆଶ୍ରା କରି, ତଳକୁ ତଳ ପୋଖରୀର ଅକାତକାତ ପାଣିକୁ ପାରି ହେବା ପାଇଁ ଉଦ୍ୟମ ଜାରି । ରାଜକୁମାର ଓ ଅପ୍‌ସରୀର ଜଳକ୍ରୀଡ଼ା । ପାଣି ତଳ ରାଜପ୍ରାସାଦର ଅନ୍ତେବାସୀ, ଭଅଁରର ଫଗୁଆ ସାମ୍ରାଜ୍ୟରେ ବିଚରଣ ।

ଏମିତି କେତେକେତେ କଥା ।

ସ୍ୱପ୍ନର କି ହାତଗୋଡ଼ ଥାଏ । ଥାଏ କି, ଯୋଜନ ଯୋଜନ ଦୂରତାର ମାଇଲଖୁଣ୍ଟି ! ?

ତା'ପରେ । ସ୍ୱପ୍ନ ନୁହେଁ, ସତ ।
ସତ ହେଉ, ସପ୍ତରଂଗର ଇନ୍ଦ୍ରଧନୁ ।

ସତସତିକା ମିଛ ଓ ମିଛିମିଛିକା ସତ ହେଇଯାଉ ଦିନକର କଥାଟି । ଦିନକର କଥାରୁ ଲେଖାଯାଉ, କେଇ ଫର୍ଦ୍ଦ ଗପ । ଗପ ଲାଗୁ, ଗପ ଭଳି । ନିଜ ନିଜ ମନକୁ ଛୁଇଁଲା ଭଳି ହେଉ, ଗପ ।

ପୋଖରୀ । ଅତଏବ ପୋଖରୀର ସାତତାଳ ପଙ୍କତଳେ ଥିବା ନଅରର ଏକଛତ୍ରାଧିପତି ରାକ୍ଷସର କଡ଼ଲେଉଟା ନିଦ । ଦୋହଲିଲା, ପୋଖରୀ । ଭଉଁରିଗଲା, ପୋଖରୀର ପାଣି । ଯକ୍ଷଦେବତା ପ୍ରମାଦ ଗଣିଲେ । ଶହେ ଆରପାରିର ଏକାକୀ ଛତ୍ରପତି ବିରାଟକାୟ ମାଛଟିର ଆଖିରେ ପ୍ରଳୟର ନିଆଁ । ନିଆଁ ଚରିଗଲା, ପୋଖରୀ । ନିଆଁ ଚରିଗଲା, ପବନ । ନିଆଁ ଚରିଗଲା, ଜଙ୍ଗଲ । ନିଆଁ ଚରିଗଲା, ଜନବସତି ।

ଅନେକ କିଛି ବଦଳିଗଲା । ବଦଳିଗଲା, ଜୀବନ । ବଦଳିଗଲା ଜୀବିକା ।

ପୋଖରୀ ପରିତ୍ୟାଗ କରି ଭିକାରି ବେଶରେ ପାଣିରୁ ବାହାରିଲେ, ଯକ୍ଷଦେବତା । କପର୍ଦ୍ଦକଶୂନ୍ୟ ଫକୀରର ଭ୍ରମ ଥିଲା ତାଙ୍କ ଚେହେରାରେ । ଲାଗୁଥିଲେ ଅସହଜ ଅସହଜ । ଅଥଚ ଦିଶୁଥିଲେ, ଶାନ୍ତ । ଦିଶୁଥିଲେ, ହସହସ । ଖୁସି ମିଜାଜ୍‌ର । ହୁଏତ ନିଜକୁ ନିଜେ ପସନ୍ଦ କରିବା, ଥିଲା ତାଙ୍କର ପ୍ରଥମ ପସନ୍ଦ ।

ଚାହୁଁ ଚାହୁଁ ରୁପା ମାଛ, ସୁନା ମାଛ ନିଜ ନିଜର ଠାଣି, ବାଣୀ ଆଉ ସୁନ୍ଦର ସ୍ୱରକୁ ନେଇ, ଥିଲେ ଉତ୍‌ଫୁଲ୍ଲିତ । ପାଣି ପହଁରା ଭୁଲି ପବନ ପହଁରାର ଉଡ଼ାଣରେ ଥିଲେ ପ୍ରସ୍ତୁତ । ଧୀବର, କେଉଟଙ୍କ ମାଛଧରା ଜାଲ ଆଉ ନ ଥିଲା । ଥିଲା, ଶିକାର ଉପଲକ୍ଷ ଧନୁ ଆଉ ତୀର । ପାଣିକୁ ଜାଲ ଫିଙ୍ଗିବା ଭୁଲି ସେମାନେ ଆକାଶକୁ ଫିଙ୍ଗୁଥିଲେ, ମାରଣାସ୍ତ୍ର । ଆଗେ ଆଗେ ମାଛ ରୂପୀ ପକ୍ଷୀ ଓ ପଛେ ପଛେ ଜାଲ ରୂପୀ ଜୀବନନାଶକ ଅସ୍ତ୍ର । ଆଗରେ ଜୀବନ । ପଛରେ ମରଣ ।

ଏହା ଦେଖାଦେଖି, ଜହ୍ନଆଲୁଅର ଛାତି ଚିରି, ଚରିଗଲା ଖରା । ଭାଦ୍ରବର ଟାଣ ଖରା । ବର୍ଷା ଓଦା ଚିଡ଼ିଚିଡ଼ା ଖରା । ପୋଖରୀ ହୁଡ଼ାର ଗଛଡ଼ାଳରେ ବିଶ୍ରାମ କାଟୁଥିବା ଥଣ୍ଟଧାରୀ ଚଢ଼େଇମାନେ ନିଜନିଜ ଡେଣାରୁ, ଗଛ ଡାଳରୁ, ନିଦୁଆ ଖରାବେଳରୁ ବିରତି ନେଇ ଗୋଟେ ଗୋଟେ ଅଘଟଣର ଆକଳନ କରିବା କାମରେ, ହେଲେ ଅନ୍ୟମନସ୍କ । ଅନ୍ୟମନସ୍କ, ଜୀବଜଗତ । ଅନ୍ୟମନସ୍କ ମଣିଷ । ଅନ୍ୟମନସ୍କ, ନାରୀ ଓ ପୁରୁଷ ।

ଆଖିରେ, ଦେହରେ, ମନରେ ସେମାନଙ୍କର, ପରିବର୍ତ୍ତନର ରୋମାଞ୍ଚ । ଅନୁଭବ । ପୁଲକ । ଥୁଣ୍ଟାଗଛରେ ପତ୍ରକଅଁଳା ଋତୁ । କୋଇଲିର କଣ୍ଠରେ କା'କା ରାବ । କୁଆର ଡାକରେ ବସନ୍ତର କୁହୁ । ମାଛରଙ୍କାର ଥଣ୍ଟରେ କାଠହଣା ଚଢ଼େଇର ଠକ୍‌ଠକ୍ ପାହାର । ପଡ଼ିଆରେ ଗୋରୁଗାଈ ପିଠିରେ, ପଛରେ ଚାଲି ଚାଲି ଯାଉଥିବା ବଗର ଟିଙ୍କଖିଆ, ପୋକଗିଳା ସ୍ୱଭାବ । ପାରା ଓ କପୋତଙ୍କ ଦଳବଦ୍ଧ ଏକତା ବାହାରେ ଛତ୍ରଭଙ୍ଗର ବିରହ ଜ୍ୱାଳା ।

ଗାତରେ, ଅପନ୍ତରାରେ ଓ ଅଯତ୍ନରେ ପଡ଼ିରହୁଥିବା ସାପଙ୍କ ସ୍ୱଭାବରେ ବେଶ୍ କିଛି ଫରକ । ଲକ୍ଷ୍ୟ କରିବାର କଥା, ଏପରି ହେବା ପଛର ରହସ୍ୟଟି କ'ଣ?

ଫଳନ୍ତି ଗଛର ପତ୍ର ଉହାଡ଼ରେ ଚୁପ୍‌ଚାପ୍ ବସିଥିବା ଶୁଆଶାରୀ । ଘରବାଡ଼ିର ନେଉଳ, ପୋଷାବିରାଡ଼ି, କୁକୁର ଓ ଗୃହପାଳିତ ଜୀବଜନ୍ତୁ । ଆଉ ମଣିଷମାନେ ।

ଦେଖୁଦେଖୁ ବିମର୍ଷ ମୁହଁଟିମାନ ନେଇ ଚାଷୀଭାଇ ବାହାରିଛି, କ୍ଷେତକୁ । କ୍ଷେତରେ ପାଚିଲା ଫସଲ ନାହିଁ । ନାହିଁ, କିଆରି କିଆରି ହସ । ପୋଖରୀଟି ପୋଖରୀ ହେଇ ନାହିଁ । ଶାଗୁଣା, ବିଲୁଆ ମଡ଼କୁ ଘେରି ଭୋଜି ମଉଜରେ ନାହାନ୍ତି । ନାହାନ୍ତି, ବରଗଛ ତଳ ଛାଇରେ ଘଡ଼ିଏ ବସି, ପୁଣି ବାଟ ଚାଲିବା ଅପେକ୍ଷାରେ ଥିବା ବାଟୋଇ । ଗଛ ଓହଳ ଚଢ଼ି ଗଛ ଡାଳରେ ଡାଳ ମାଙ୍କୁଡ଼ି ଖେଳୁଥିବା ପିଲାଙ୍କ ମନଖୋଲା ରଡ଼ି । ଗାଈଆଳ ପିଲାର ମନଗଢ଼ା ହାତ ତିଆରି ସଂଗୀତର ସ୍ୱର । କୁଆଡ଼େ ଗଲା, ପବନବାହୀ ବାର୍ତ୍ତାର ସୁମଧୁର ଆଳାପ । କିଏ ଚୋରେଇ ନେଲା? ଆହା ! ଗଛତଳ ଛାଇରେ ତାଡ଼ି, ହାଣ୍ଡିଆ ଆସର । ନିଶାପାଣି ବେପାରରେ ବସିଥିବା ଉଠା ସଂସାର । କି ଭରସା, ଏ ଜୀବନକୁ? ଖରା ବର୍ଷା ଶୀତ କାକରରେ ଝାଳ ନିଗାଡ଼ି ଜୀବନ ଜିଇବା ସ୍ୱପ୍ନ ହେଇଗଲା । ଦେହ ମେହେନତିର ମଣିଷ, ମାଟିର ମଣିଷ କି ସ୍ୱପ୍ନରେ, ନିଦରେ, ଶାନ୍ତିରେ ନିଃଶ୍ୱାସ ନେବନି, ରାତିରେ? ରାତିରେ ନଶୋଇଲେ, ସଂସାର ପାଇଁ କାମକୁ ବାହାରିଯିବ କେମିତି, କାଲି ସକାଳେ ।

ଦେଖୁଦେଖୁ, ହାର ବୁଢ଼ୀ ରାତିଅଧିଆ ବାହାରିଛି, ମଶାଣି ଭୂଇଁ । ଗୋଡ଼କୁ ଟେକି ପାଦରେ ଚାଲି ଚାଲି ଘୁଅ ଚରେ, ଡାଆଣୀ ହେଇ । କଅଁଳା ଛୁଆର ଜିଅନ୍ତା ମାଂସ ଖାଏ । ମଲା ଛୁଆକୁ ବଞ୍ଚାଏ । ଖେଳାଏ । ଗେଲ କରେ । ଭୋର୍ ଭୋର୍ ଘରମୁହାଁ ହୁଏ ।

ଭୋରରୁ, ନିଦରୁ ଉଠି ବାରିକଘରର ପୁଅ ଝିଅ ବହି ପଢ଼ନ୍ତି । ପାଠ ଘୋଷନ୍ତି । ଛବିଳ ମଧୁ ବର୍ଣ୍ଣବୋଧରୁ ବନାନ ଶୁଦ୍ଧି ହୁଅନ୍ତି । ଶଙ୍କି ବିଲେଇ ଜୁଳୁଜୁଳୁ ଅନାଇଥାଏ ତ ନଜର ଥାଏ ଖଳାବାଡ଼ିର ଗଭୀର ବିଲ ଧାନକଳିର ଗାଦିତଳ ମାଟିକୁ । ମୂଷାଗାତର ମାଟିକୁ, ଧାନର ଅମାରକୁ । ଅଥଚ ବହିରେ ଲେଖାଥାଏ, "ବିଲେଇ ନାନୀ ଉଠାଏ ଫଟୋ ମୂଷାପଲଙ୍କୁ ଦେଖି ।"

ଦିନେ କିନ୍ତୁ ସାତତାଳ ପାଣିତଳ ନଅରର ରାକ୍ଷସ ମଲା । ମଲା, ଭଅଁର । ଯେଉଁ ଭଅଁରଟି ରାକ୍ଷସର ଜୀବନନାଟିକା ।

ଚାହୁଁ ଚାହୁଁ, ସ୍ୱପ୍ନ ଲାଗିଲା ସତ ।
ଦେଖୁଦେଖୁ, ସତ ଲାଗିଲା ସ୍ୱପ୍ନ ।
ଅତଏବ, ଜୀବନ ସ୍ୱପ୍ନ ଆଉ ସତ, ସତ ଆଉ ସ୍ୱପ୍ନ ।

ଏତେସବୁ କଥା ଜାଣିବା ବେଳକୁ କିଛିଦିନ ବିତିଯାଏ । ବିତିଯାଏ, ମାସମାସ, ବର୍ଷବର୍ଷ । ପୂର୍ବଭଳି ସମୟ ହୁଏ ସ୍ୱାଭାବିକ । ସବୁକିଛି ହୁଏ ଠିକ୍‌ଠିକ୍ । ସମୟର ବାଟଭୁଲାମନ ଆଉ ଅନ୍ୟମନସ୍କ ମନଟି ଧାରାବାହିକ ବିବରଣୀରୁ, ପ୍ରବଚନରୁ ବିରତ ହେଇ ପୁଣି ଫେରିବାବେଳକୁ ଲାଗିଯାଏ ଅନେକ ଦିନ । ଅନେକ ରାତି ।

ପୁଣି ସମୟ ଫେରେ, ଫେରିବା ବାଟକୁ । ଆଲୁଅ ପରି ନୁହେଁ, ଲତା ପରି । ଗୁଡ଼େଇ ତୁଡ଼େଇ । ଲାଗେ, ଯୁଗଟିଏ ବିତିଗଲା ।


ଯେମିତି, ହଜିଯାଇଥିବା ଅନିମା, ଦିନେ ନା ଦିନେ ଅବଶ୍ୟ ଫେରିବ । ■

'ଆମ ଘର'
ନିଉ କଲୋନି, ନେଳିଆବାଗ, ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧
ମୋ: ୯୪୩୭୧୨୯୨୬୫

## ପୁସ୍ତକ ଓ ପତ୍ରିକା ପରିଚୟ

### ସୁଭାଷିତ ଶତଦଳ

ସୁଷମା ପରିଜା




ବନଫୁଲ
ଭିଏସ୍‌ଏସ୍ ନଗର,
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୨୨୫ ଟଙ୍କା

ନିକଟ ଅତୀତରେ ପ୍ରକାଶ ପାଇଛି ସୁଷମା ପରିଜାଙ୍କ 'ସୁଭାଷିତ ଶତଦଳ' ପୁସ୍ତକ । ଏହି ପୁସ୍ତକରେ ୧୦୦ଟି ପ୍ରବନ୍ଧ ସଂକଳିତ ହୋଇଛି । ପ୍ରତିଟି ପ୍ରବନ୍ଧରେ ଜୀବନ ଜିଜ୍ଞାସା, ଜୀବନର ମୂଲ୍ୟବୋଧ, ମାନବିକତା, ଦାର୍ଶନିକ ଚିନ୍ତାଧାରା, ଐଶ୍ୱରୀୟ ଚେତନା ପ୍ରତିଫଳିତ ହୋଇଛି । 'ବର୍ତ୍ତମାନ ସମୟ ହିଁ ଶ୍ରେଷ୍ଠ ସମୟ', 'ଅନ୍ୟର କଥା ଶୁଣି ବିବ୍ରତ ହୁଅନା', 'ବୃହଦ୍ଭେଦ', 'ସଂପର୍କ', 'ଆଧାତ୍ମିକତା', 'ମଧୁମୟ ବିଶ୍ୱ', 'ଜୀବନ ଏକ ଯାତ୍ରା', 'ସମାଜ ଆଉ ଆମେ', 'କଷ୍ଟ କଲେ କୃଷ୍ଣ ମିଳେ', 'କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ', 'ସୁଖର ସନ୍ଧାନ', 'ନୀରବତାର ହିଁ ଶ୍ରେୟସ୍କର', 'ଜୀବନ ଅଳିକ', 'ଉତ୍ତମ ବନ୍ଧୁ' ଆଦି ପ୍ରବନ୍ଧଗୁଡ଼ିକ ମନନଶୀଳ, ଶିକ୍ଷଣୀୟ ଓ ପ୍ରେରଣାପ୍ରଦ ହୋଇଛି । 'ସୁଭାଷିତ ଶତଦଳ'ର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ବୁଢ଼ୀମା ଓ ଅନ୍ୟାନ୍ୟ ଗଳ୍ପ

ପ୍ରଭାତ ସିହ୍ନା




ଶାନ୍ତିସେନା ପବ୍ଲିକେଶନ୍ସ
ଜଗତସିଂହପୁର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୧୫୦ ଟଙ୍କା

ଜଣେ ବୁଢ଼ୀମା'ର ପ୍ରେମ, ମମତା ଓ ସଂଘର୍ଷମୟ ଜୀବନକୁ ନେଇ ଗତିଶୀଳ ହୋଇଛି 'ବୁଢ଼ୀମା' ଗପର କାହାଣୀ । ପ୍ରଭାତ ସିହ୍ନାଙ୍କ 'ବୁଢ଼ୀମା ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକରେ ସଂକଳିତ ହୋଇଛି ୧୪ଟି ଗପ । 'ଖରା ଲେଉଟାଣି', 'ବୁଢ଼ୀମା', 'ପ୍ଲାଟ୍‌ଫର୍ମ ଟିକଟ', 'କଣ୍ଢେଇ ରାଣୀ', 'ଭୋକ ଓ ଭୋଟ', 'ଅଧାଖୋଲା ଝର୍କା', 'ପ୍ରେମ ଓ ପ୍ରଳୟର ପର୍ବ', 'ସପନର ରେଳଗାଡ଼ି', 'ଲଭ ଷ୍ଟେସନ୍' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ଏହି ପୁସ୍ତକରେ ସଂକଳିତ ଗପଗୁଡ଼ିକ ମାନବୀୟ ଭାବାବେଗ, ସାମାଜିକ ବାସ୍ତବତା, ଜୀବନଧର୍ମୀ ହୋଇଛି । ଏକ ଅପ୍ରୀତିକର ଘଟଣାରୁ କିଭଳି ଦୁଇଟି ପରିବାର ମଧ୍ୟରେ ବନ୍ଧୁତ୍ୱ ସୃଷ୍ଟି ହୋଇଛି, ତାହା 'ସପନର ରେଳଗାଡ଼ି' ଗଳ୍ପରେ ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି । ଏହି ପୁସ୍ତକର ଗପଗୁଡ଼ିକର ସରଳ ଭାଷା, ନିଆରା କାହାଣୀ ପାଠକମାନଙ୍କୁ ବାନ୍ଧି ରଖିବ ବୋଲି ଆଶା କରାଯାଏ । ■

### ଲେଖନୀ

ମୁଖ୍ୟ ସଂପାଦକ: ଅକ୍ଷୟ କୁମାର ଜେନା



ଧର୍ମଶାଳା ସଂସ୍କୃତି ପରିଷଦ
ଧର୍ମଶାଳା, ଯାଜପୁର
ମୂଲ୍ୟ ୫୦ ଟଙ୍କା

ଅକ୍ଷୟ କୁମାର ଜେନାଙ୍କ ସଂପାଦନାରେ ପ୍ରକାଶିତ ତ୍ରୈମାସିକ ପତ୍ରିକା 'ଲେଖନୀ'ର ସାରଳା ବିଶେଷାଙ୍କ ପ୍ରକାଶ ପାଇଛି । ଏହି ସଂଖ୍ୟାରେ କୃଷ୍ଣ ବଳଙ୍କ 'ସେ ଯେମନ୍ତ ଲେଖିଲେ, କେମନ୍ତ ଲେଖିଲେ: ସାରଳାଙ୍କ ମନୋଚେତନା', ପଣ୍ଡିତ କାମଦେବ ଶତପଥୀଙ୍କ 'ଦୁଇ ମହାଭାରତ: ସଂସ୍କୃତ ଓ ଓଡ଼ିଆ ପ୍ରାକୃତ', ବାମଦେବ ପାଢ଼ୀଙ୍କ 'ପ୍ରାକୃତ ସାହିତ୍ୟର ଆଦିପର୍ବ ଓ ଶୂଦ୍ରମୁନି ସାରଳା ଦାସ', ଡକ୍ଟର ସନ୍ତୋଷ କୁମାର ମହାପାତ୍ରଙ୍କ 'ସାରଳା ମହାଭାରତରେ ଚର୍ଯ୍ୟାଗୀତିର ଭାଷା' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ହୋଇଛି । ସାରଳା ଦାସଙ୍କ କୃତିଗୁଡ଼ିକ ସଂପର୍କରେ ଜାଣିବା ପାଇଁ 'ଲେଖନୀ'ର ଏହି ସଂଖ୍ୟାଟି ଅତ୍ୟନ୍ତ ଉପାଦେୟ । 'ଲେଖନୀ'ର ସାରଳା ବିଶେଷାଙ୍କ ଗବେଷକ, ଛାତ୍ରଛାତ୍ରୀମାନଙ୍କ ପାଇଁ ସଂଗ୍ରହଣୀୟ ନିଶ୍ଚୟ । ■

## ଅଜାତଶତ୍ରୁ

ଫନୀ ମହାନ୍ତି



ମୋହବନ୍ଧର ମାୟାଜାଲରୁ
ବିମୁକ୍ତ କରି
ମତେ ନୂଆ ଜୀବନ ଦିଅ
ମୁଁ ତଲ୍ଲୀନ ହୋଇଯିବାକୁ
ଚାହେଁ ଭୂମିରେ
ଭୂମାରେ, ଘଟରେ
ପଟରେ , ଅଘଟନ ଘଟନ
ପଟିୟସୀ ମାୟାବର୍ତ୍ତର
ମାୟାନ୍ଧକାରରେ
ସଚରାଚରରେ, ମଧୁର ପ୍ରେମରେ ।


ଅନୌପଚାରିକତାରେ
ଅଣଲୋଡ଼ାରେ ମୋର
ହୋଇ କିଛି ହିଁ
ନରହୁ ଯେ' ଭବବନରେ,

ମୋର ପରିଚିତି
ମୋର ଅସ୍ମିତା
ମୋର ସ୍ୱାଭିମାନ
ମୋର ଅହଂକାର
ନିପାରିଲାପଣର
ନିଟୋଳ ପୁରୁଷକାର
ବିନଷ୍ଟ ହୋଇଯାଉ ପଛେ
କାଳକାଳ ଅନନ୍ତକାଳ
କିନ୍ତୁ, ଲକ୍ଷ୍ୟଚ୍ୟୁତ ନ ହେଉ

ମୋ ଗାଣ୍ଡିବ ତୂଣୀରର ନିକ୍ଷିପ୍ତ
ଶରଜାଳରେ
ମୁଁ ଥାଏ କି, ନ ଥାଏ
ଆମ ଏହି ଦ୍ୟାବା ପୃଥିବୀରେ

ବିଷାଦ ଅପନୋଦନର
ଅଭୟ କବଚ
ଦିଅ ମତେ ଇଶ୍ୱର
"ହେ ପରମେଶ୍ୱର!
ନିତ୍ୟ ନୂତନତାରେ ଉନ୍ମୀଳିତ କର
ମତେ ଉନ୍ମୁଖ କର
ବିସ୍ତୃତରୁ ବିସ୍ତୃତତର କର
ଅଜାତଶତ୍ରୁ କର
ନିଟୋଳ ପ୍ରେମର ମଧୁରିମାରେ
ମତେ ଉଦ୍ଦୀପିତ କର
ଛଳଛଳ ଛଳକପଟରୁ ମୁକ୍ତ
କର ହେ ମୋର ପ୍ରିୟତମ ଅବିନଶ୍ୱର ।। ■

ପୁଷ୍ପଧନୁ, ବମିଖାଲ, ଭୁବନେଶ୍ୱର



## ସମୟ ତା' ନିଜ ବାଟରେ

ଅପର୍ଣ୍ଣା ମହାନ୍ତି



ସମୟ ତା' ନିଜ ବାଟରେ
ଅପର୍ଣ୍ଣା ମହାନ୍ତି
ମହାକାଳର ବା
କ'ଣ ଯାଏ ଆସେ !

ମଣିଷ ଇ
ବଦଳାଉଥାଏ କ୍ୟାଲେଣ୍ଡର
ମଣିଷ ପାଇଁ ହିଁ
ଆରମ୍ଭ ହୁଏ ଓ ସରିଯାଏ
ସମୟ... ।

ସମୟକୁ ହାତମୁଠାରେ
ଧରି ରଖିବାର ଅହଙ୍କାର
ଏଇ ମଣିଷର,
ମଣିଷକୁ ଇ
ଛଟପଟ କରେ ମୃତ୍ୟୁର ଆତଙ୍କ
କାଳ ଗ୍ରାସର ଭୟ ।

କାଳେ କେତେବେଳେ ମରିଯିବ
ତା' ଆଗରୁ, ସାରା ବସୁନ୍ଧରାକୁ
ପଦାନତ କରିଯିବ ବୋଲି ତ
ସେ ଥରକୁ ଥର
ରକ୍ତରେ ମାଟି ପଖାଳେ

ବିନାଶର ତାଣ୍ଡବରେ
ସମୟକୁ ଥରହର କରେ

ପାଣି, ପବନ, ଆକାଶ
ଆଲୋକରେ ବିଷ ଭରେ
ସର୍ବନାଶର ଶିଖରରେ
ପତାକା ପୋତି
ଘୋଷଣା କରେ
ବିଜୟ...ବିଜୟ...

ଏତେ ଜଞ୍ଜାଳ ନ ଥାଏ
ଚଢ଼େଇ ଛୁଆର
ଫୁଲ ପାଖୁଡ଼ାର
କି ଶୀତ ସକାଳର
ଏଇ କାକର ଟୋପାର ।


ନା ଏସବୁ ଦ୍ୱନ୍ଦ୍ୱ ସଂଘାତ
ବି ନଥାଏ ଆଣ୍ଠୁଆ ଗୋପାଳର
ବୁଲା ଫକୀରର
ମୁଗ୍ଧ ପ୍ରେମିକର
ବିଭୋର କବିର
ମଗ୍ନ ସନ୍ନ୍ୟାସୀର... ।

ସମୟକୁ ଏମାନେ
ତା' ନିଜ ବାଟରେ
ଯିବାକୁ ନେଲାବେଳେ
ମହାକାଳ,
ଏଇମାନଙ୍କ ନିଷ୍ପାପପଣର
ପଛେ ପଛେ...
ଛପି ଛପି ଗୋଡ଼ାଇଥାନ୍ତି
ଖାଲି ଦିଶିବାକୁ
ଟିକିଏ ନିର୍ମଳ, ନିର୍ଭୟ । . ■

ଗ୍ରା:/ପୋ: କପାଳେଶ୍ୱର
ଭାୟା: ଠାକୁରପାଟଣା
କେନ୍ଦ୍ରାପଡ଼ା- ୭୫୪୨୫୦




# "କେତେ ରଙ୍ଗଭରା ସାହିତ୍ୟିକ ଜୀବନ"



ପୀତବାସ ରାଉତରାୟ

କେତେ ରଙ୍ଗର ଏ ଜୀବନ । ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ମୋର ମନେ ପଡ଼ିଯାଉଛି କିମ୍ବଦନ୍ତୀ ପୁରୁଷ ଚନ୍ଦ୍ରଶେଖର ରଥଙ୍କ କଥା । ସେ ପ୍ରଥମେ ପ୍ରବନ୍ଧ ଓ ରମ୍ୟ ରଚନାରୁ ଆରମ୍ଭ କଲେ ସାହିତ୍ୟିକ ଜୀବନ । ପରେ ପରେ ଲେଖି ଚାଲିଲେ ଅସରନ୍ତି ଗଳ୍ପ ତା' ସାଙ୍ଗକୁ ଚହଳ ପକାଇଲା ଭଳି ତିନୋଟି ଉପନ୍ୟାସ । ତା' ପରେ ଆସିଲା କବିତା । ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଲେଖିଲେ ଗଦ୍ୟର ଗୀତଗୋବିନ୍ଦ 'ରଥ ସପ୍ତକ' । ଲେଖା ସହ ଚିତ୍ର ଆଙ୍କିଲେ, ପଥରରେ ମୂର୍ତ୍ତି ଗଢ଼ିଲେ । ଶେଷ ଜୀବନରେ ସଂସ୍କୃତରେ ଶ୍ଳୋକ ଲେଖିବା ଆରମ୍ଭ କରି ଶ୍ରୀଜଗନ୍ନାଥଙ୍କୁ ରଥରେ ସମର୍ପି ଦେବା ପାଇଁ ମୋତେ ଯେତେବେଳେ ଦେଲେ ମୁଁ ସେତେବେଳେ କହିଲି "ସାର୍ ଆପଣ ଓଡ଼ିଆ ଓ ଇଂରାଜୀରେ ସାହିତ୍ୟର ପ୍ରାୟ ସବୁ ଦିଗକୁ ଛୁଇଁ ଚିତ୍ର କଳାକୁ ଆସିଲେ ପୁଣି ଏବେ ସଂସ୍କୃତ ଲେଖନୀ!" ସେ ପଦେ ହସି କହିଥିଲେ "ମାଲିକ ଆମକୁ ଜନ୍ମ ଦେଇଛନ୍ତି ଆମ ଦ୍ୱାରା ଯାହା ସେ କରେଇ ନେବେ ଆମେ ତାକୁ ଆଶୀର୍ବାଦ ବୋଲି ଭାବି ନେବା । " ତାଙ୍କ ଭଳି ଜଣେ ପ୍ରବାଦ ପୁରୁଷଙ୍କ କଥା ମୋର ମନେ ପଡ଼େ ଯେତେବେଳେ ମୁଁ ସାହିତ୍ୟ ରାଜ୍ୟରେ ନିଜକୁ ବିଶ୍ଳେଷଣ କରେ ।

ମୋର ଜନ୍ମ ଏକ ବିଶ୍ୱ ପ୍ରସିଦ୍ଧ ସ୍ଥାନ କୋଣାର୍କ ମନ୍ଦିରର ନିକଟବର୍ତ୍ତୀ ଗ୍ରାମରେ, ଯେଉଁ ଗ୍ରାମର ପୋଖରୀ ତୁଠରୁ କୋଣାର୍କ ମନ୍ଦିର ଦୃଶ୍ୟମାନ ହୁଏ । ଗାଁ ଚାରିପାଖ ବାଲିବନ୍ତ ଓ ଝାଉଁଗଛ । ପିଲାଦିନେ ବାଲିବନ୍ତରେ ଖେଳିବାର ଆନନ୍ଦ ଓ ରାତି ହେଲେ ଜହ୍ନ ଆଲୁଅ ଫାଙ୍କରେ ଝାଉଁଗଛର ଶୋଭା, ଅଦୂରରେ ସମୁଦ୍ରର ଗର୍ଜନ ମନ ଭିତରେ ଗୋଟିଏ ସୃଜନାତ୍ମକ ପରିବେଶ ସୃଷ୍ଟି କରିଥିଲା । ପିଲାଦିନରୁ କୋଣାର୍କ ମନ୍ଦିରର ଶିଳ୍ପକଳା ମନ ଭିତରେ ବିସ୍ମୟ ସୃଷ୍ଟି କରିଥିଲା । ଗାଁ ସ୍କୁଲରେ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ି ଚାଲି ଆସିଲି ଭୁବନେଶ୍ୱର ଯେତେବେଳେ ବାପା ଥିଲେ ସମବାୟ ବିଭାଗରେ ଶିକ୍ଷା ଓ ସଂପ୍ରସାରଣ ଅଧିକାରୀ । ଘରକୁ ଯେତେବେଳେ ଆସୁଥିଲା ସବୁ ଖବର କାଗଜ । ଯେଉଁଥିରେ ଶିଶୁମାନଙ୍କ ପାଇଁ ଗୋଟିଏ ଲେଖାଏଁ ପୃଷ୍ଠା ପ୍ରତି ସପ୍ତାହରେ ମିଳୁଥିଲା । ମୀନାବଜାର ଉଦୟଭାନୁ ପରି ଶିଶୁ ସାହିତ୍ୟ ପୃଷ୍ଠା ମୋ ମନରେ କବିତା ଲେଖିବା ପାଇଁ ସୃଷ୍ଟି କଲା ପ୍ରେରଣା । ସେଇ କବିତାରୁ ଆରମ୍ଭ ହେଲା ସାହିତ୍ୟିକ ଜୀବନ ପିଲାଦିନୁ । ବାପାଙ୍କ ସହ ଯୁଆଡ଼େ ବୁଲିଯାଏ ସେହି ସ୍ଥାନର ବର୍ଣ୍ଣନା କବିତାରେ ପ୍ରକାଶ କରୁଥାଏ । ତା'ପରେ ସ୍କୁଲ ପତ୍ରିକାରୁ ଲେଖା ପ୍ରକାଶ ପାଇ ସାହିତ୍ୟ ପତ୍ରିକାରେ ଲେଖା ପ୍ରକାଶ ପାଇଲା । ବାଣୀବିହାରରେ ଏମ୍.ଏ. ପାଠ ପଢ଼ିଲା ବେଳେ ସାଙ୍ଗମାନଙ୍କୁ ନେଇ ଆରମ୍ଭ କଲି ତ୍ରୈମାସିକ ସାହିତ୍ୟ ପତ୍ରିକା 'ନବତରଙ୍ଗ' । ସାହିତ୍ୟ ରଚନା ସହ ସମ୍ପାଦନାରେ ହାତଦେଇ ଓଡ଼ିଶାର ବହୁ ଲେଖକଙ୍କ ସଂସ୍ପର୍ଶରେ ଆସି ମୋର ସାହିତ୍ୟ ପ୍ରତି ପ୍ରବଳ ଆଗ୍ରହ ସୃଷ୍ଟି ହେଲା । 'ନବତରଙ୍ଗ' ପତ୍ରିକା ୧୯୭୩ରୁ ୧୯୭୫ ମୋର ବାଣୀବିହାର ଏମ୍.ଏ. ପଢ଼ିବା ପର୍ଯ୍ୟନ୍ତ ପ୍ରକାଶ ପାଇ ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲା । ତା'ପରେ ସର୍ବଭାରତୀୟ ସଂସ୍ଥାରେ ଚାକିରି କରି ଓଡ଼ିଶା ଓ ଓଡ଼ିଶା ବାହାରେ ରହି ଗଳ୍ପ ରାଜ୍ୟରେ ପ୍ରବେଶ କଲି ଓ ବିଭିନ୍ନ ପତ୍ରପତ୍ରିକାରେ ଲେଖା ପ୍ରକାଶ ପାଇ ପାଠକଙ୍କଠାରୁ ପ୍ରଶଂସା ମୂଳକ ଚିଠିପାଇ ମନ ଖୁସି ହେଉଥିଲା । ଧୀରେ ଧୀରେ କାମର ଚାପରେ ସାହିତ୍ୟ ରାଜ୍ୟ ସଙ୍କୁଚିତ ହୋଇଗଲା । ପୁଣି ଓଡ଼ିଶା ଆସିଲା ପରେ ଗଳ୍ପ ରଚନା ସହ ଆରମ୍ଭ କଲି ବ୍ୟଙ୍ଗଗଳ୍ପ ଓ ରମ୍ୟରଚନା । ପ୍ରଥମେ 'ଖାରିଆଖଡ଼ା' ବ୍ୟଙ୍ଗ ନାମରେ ସମ୍ବାଦ ପୃଷ୍ଠାରେ ଏକ ପାକ୍ଷିକ ସ୍ତମ୍ଭ ୧୯୯୦ରୁ ଲେଖିବା ଆରମ୍ଭ କଲି, ଯାହା ଅତି ଲୋକପ୍ରିୟ ହେବାରୁ ତାକୁ ସାପ୍ତାହିକ ସ୍ତମ୍ଭ କରିବା ପାଇଁ ଅନୁରୋଧ ଆସିଲା । ସମ୍ବାଦରେ ସାପ୍ତାହିକ ଲେଖିବା ସହ 'ସମୟ' ଖବର କାଗଜରେ 'ଅଧୂଆମୂଳା' ନାମରେ ପୁଣି ସାପ୍ତାହିକ ଲେଖା ଲେଖିଲି । ଦୁଇଟି ଛଦ୍ମ ନାମରେ ସଫଳ ହେବାରୁ ମୁଁ ନିଜ ନାମରେ ବ୍ୟଙ୍ଗ ଗଳ୍ପ ଓ ରମ୍ୟରଚନା ଲେଖିବା ଆରମ୍ଭ କଲି । ଏହିଭଳି ଲେଖା କାମ ଚାଲିଥିବାବେଳେ ପ୍ରବେଶ କଲେ ପ୍ରଭୁ ଶ୍ରୀଜଗନ୍ନାଥ ।

ପିଲାଦିନୁ ବାପାଙ୍କ ସହ ପ୍ରତିବର୍ଷ ରଥଯାତ୍ରାରେ ଯାଇ ତିନି ରଥରେ ଭୋଗ କରିବା ପରମ୍ପରାରେ ସାମିଲ ହୋଇ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଭକ୍ତିଭାବ ବଢ଼ି ଚାଲିଥାଏ । ବାପାଙ୍କୁ ନବେ ବର୍ଷ ହେବା ପରେ ଶାରୀରିକ ଅକ୍ଷମତା ଯୋଗୁ ତାଙ୍କର ପୁରୀ ଯିବା ସମ୍ଭବ ହେଲା ନାହିଁ । ବାପା ସବୁବେଳେ କହୁଥିଲେ ନିଜ ପାଇଁ କିଛି ମାଗିବୁ ନାହିଁ ପୃଥିବୀର ମଙ୍ଗଳ କାମନା କଲେ ତା' ଭିତରେ ତୁ ମଧ୍ୟ ସାମିଲ ହୋଇଯିବୁ । ବାପା ରଥଯାତ୍ରା ବେଳେ ପୁରୀ ନ ଯାଇ ପାରୁଥିବାର ଦୁଃଖ ଦୂର କରିବା ପାଇଁ ମୁଁ ବାପାଙ୍କୁ ପ୍ରସ୍ତାବ ଦେଲି ବାପା ଆମେ ରଥରେ ଭୋଗ କରି ଘରେ ଖାଇ ନେଉଛୁ ବିଶ୍ୱବାସୀଙ୍କ ପାଇଁ କ'ଣ ଭୋଗ ଦେଉଛୁ? ମୁଁ ଭାବୁଛି ବହୁ ଲୋକଙ୍କ ଅନୁଭୂତିକୁ ସଂଗ୍ରହ କରି ପ୍ରତିବର୍ଷ ରଥରେ ଆମ ଘର ଭୋଗ ସହ ପୁସ୍ତକଟିଏ ସମର୍ପଣ କରିବା ତା' ହେବ ବିଶ୍ୱବାସୀଙ୍କ ପାଇଁ ଭୋଗ । ବାପା ଭାଗ ଗଦ୍‌ଗଦ୍ ହୋଇ ମୋ ପକେଟରେ ୧୦୦୦ ଟଙ୍କା ଗୁଞ୍ଜି ଦେଲେ । ସେଇ ହଜାର ଟଙ୍କାର ମୂଳ ଧନରେ ମୁଁ ୨୦୦୬ ମସିହାରେ ଆରମ୍ଭ କଲି ଅନୁଭୂତି ଓ ଅନୁଭବର ସଂକଳନ । ଆଜି ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କୁ ନେଇ ୨୪ଟି ଅନୁଭୂତିର ସଂକଳନ ଯାହା ସବୁ ଅ'ରୁ ଆରମ୍ଭ 'ଅନୁଭୂତିରେ ଶ୍ରୀଜଗନ୍ନାଥ', 'ଅନୁଭବରେ ଶ୍ରୀଜଗନ୍ନାଥ' ଏପରି ହୋଇ ୨୦୨୫ରେ ପ୍ରକାଶ ପାଇଛି 'ଅମୃତ ପୁରୁଷ ଶ୍ରୀଜଗନ୍ନାଥ' । ସେହିଭଳି ଶ୍ରୀଜଗନ୍ନାଥଙ୍କୁ ନେଇ ଓଡ଼ିଶାର ପ୍ରତିଷ୍ଠିତ ଗାଳ୍ପିକମାନଙ୍କ ଗଳ୍ପକୁ ନେଇ ୧୦ ଗଳ୍ପ ସଂକଳନ, ୪ଟି ଗବେଷଣାମୂଳକ ପ୍ରବନ୍ଧ ସଂକଳନ ଓ ପ୍ରାଚୀନ ଓଡ଼ିଆ କବିଙ୍କ ରଚନାରୁ ଗୋଟିଏ କବିତା ସଂକଳନ । ଏହା ବ୍ୟତୀତ ମୋର ନିଜର ୩ଟି ଗଳ୍ପ ପୁସ୍ତକ, ୬ଟି ବ୍ୟଙ୍ଗ ପୁସ୍ତକ ମଧ୍ୟ ପ୍ରକାଶ ପାଇଛି । ମୁଁ ଗଳ୍ପ ଲେଖକରୁ ବ୍ୟଙ୍ଗଗଳ୍ପ ଲେଖକ ଓ ଏବେ ଜଗନ୍ନାଥିଆ ନାମରେ ନାମିତ ହୋଇ ଗଲାଣି ମାତ୍ର ଶ୍ରୀଜଗନ୍ନାଥଙ୍କ କୃପାରୁ ମୋର ଗଳ୍ପ, ବ୍ୟଙ୍ଗଗଳ୍ପ ଓ ଶ୍ରୀ ଜଗନ୍ନାଥଙ୍କୁ ନେଇ ରଚନା ପ୍ରକାଶ ପାଇ ଚାଲିଛି ସବୁ ସେଇ ମାଲିକଙ୍କ ଇଚ୍ଛା । ତା' ସହିତ ବିଭିନ୍ନ ସାହିତ୍ୟ ସଙ୍ଗଠନରେ ମଧ୍ୟ ସାମିଲ ହୋଇ ଅବସର ଜୀବନ ବିତାଉଛି । ଚାରିଟି ପୁସ୍ତକ ହିନ୍ଦି, ବଙ୍ଗଳା ଓ ଇଂରାଜୀରେ ଅନୁବାଦ ହୋଇଛି ଓ ବହୁ ପୁରସ୍କାର ଓ ସମ୍ବର୍ଦ୍ଧନାରେ ପୋତି ପକାଇ ଅବସର ଜୀବନକୁ କର୍ମମୟ କରିଦେଇଛନ୍ତି ପ୍ରଭୁ । ■

ମୋ: ୯୪୩୭୫୭୪୬୪୯

## ରାଜନଗରରେ ବିଜେପି କର୍ମୀଙ୍କ ଦାଦାଗିରି ଘଟଣାର ଦୃଢ଼ ନିନ୍ଦା କଲା ବିଜେଡି

# ବିଡିଓଙ୍କୁ ଆକ୍ରମଣ ଉଦ୍ୟମ ବିପର୍ଯ୍ୟସ୍ତ ଆଇନ ବ୍ୟବସ୍ଥାର ନଗ୍ନ ଚିତ୍ର

ଭୁବନେଶ୍ୱର,୩।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରରେ ବିଜେପି କର୍ମୀଙ୍କ ଦାଦାଗିରି ଏବଂ ବିଡିଓଙ୍କୁ ସଂଘବଦ୍ଧ ଆକ୍ରମଣ ଉଦ୍ୟମକୁ ଦୃଢ଼ ନିନ୍ଦା କରିଛି ବିଜେଡି। ବିଜେପି ସରକାର ରାଜ୍ୟରେ ଶାସନ ଭାର ଗ୍ରହଣ କରିବା ପରଠାରୁ ଆଇନଶୃଙ୍ଖଳା ବ୍ୟବସ୍ଥା ନିମ୍ନଗାମୀ ହେଉଛି ବୋଲି ଦଳ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ରାଜନଗର ମହିଳା ବିଡିଓଙ୍କୁ ୪୦ରୁ ଅଧିକ ବିଜେପି କର୍ମୀ ଘେରି ଯାଇ ଆକ୍ରମଣ ଉଦ୍ୟମ ବିପର୍ଯ୍ୟସ୍ତ ଆଇନ ବ୍ୟବସ୍ଥାର ନଗ୍ନ ଚିତ୍ର ବୋଲି ଅଭିହିତ କରିଛନ୍ତି। ଡ. ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରାଙ୍କ ସହିତ ୪୦ରୁ ଅଧିକ ବିଜେପି କର୍ମୀ ବିଡିଓ ତିଳୋତ୍ତମା ପୃଷ୍ଟିଙ୍କ ଅଫିସରେ ପଶି ହଙ୍ଗାମା କରିଥିଲେ। ଏପରିକି ତାଙ୍କ କଥାରେ କାମ କରିବାକୁ ବିଡିଓଙ୍କୁ ଧମକ ଦେଇଥିଲେ। ବିଡିଓ କହିଥିଲେ ଯେ ସରକାରଙ୍କ ନିୟମ ଅନୁଯାୟୀ କାମ ହେବ। ଏଥିରେ ଉତକ୍ଷିପ୍ତ ହୋଇ ବିଜେପି ନେତା ଲଳିତ ବେହେରା ବିଡିଓଙ୍କ ଟେବୁଲ ଉପରେ ଥିବା କମ୍ପ୍ୟୁଟର ଉଠାଇ ଆକ୍ରମଣ ଉଦ୍ୟମ କରିଥିଲେ। କର୍ମୀମାନେ ହାତ ଧରି ଦେବାରୁ ଅଳ୍ପକେ ବିଡିଓଙ୍କ ଜୀବନ ରକ୍ଷାପାଇଯାଇଛି। ଏହା ପରେ ବି ତାଙ୍କ କଥାରେ କାମ ନକଲେ ପରିସ୍ଥିତି ଭୟଙ୍କର ହେବ ବୋଲି ବିଡିଓଙ୍କୁ ଲଳିତ ଧମକ ଦେଇଥିବା ଜଣାପଡ଼ିଛି। ସିସିଟିଭିରେ ଏହି ସବୁ ଭିଡିଓ ରେକର୍ଡ ହୋଇଛି। ବିଡିଓ ଏ ସଂପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି। ମହିଳା ବିଡିଓଙ୍କ ପ୍ରତି ଏପରି ଅମାନବୀୟ ବ୍ୟବହାରକୁ ଦଳ ଦୃଢ଼ ନିନ୍ଦା କରୁଛି ବୋଲି ଡ. ମହାନ୍ତି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ପୂର୍ବରୁ ଗତ ଜୁନ୍ ୩୦ ତାରିଖରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ସମର୍ଥକମାନେ ଟାଣି ନେଇ ମାଡ଼ ମାରିଥିଲେ। ବିଜେପି ତୁଙ୍ଗ ନେତାମାନେ ତାଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ଜାମିନ ମିଳିବା ପରେ ଆଣିଥିଲେ, ଯାହା ସଙ୍କେତ ଦେଇଥିଲା ଯେ ବିଜେପି ନେତାମାନେ ସବୁକିଛି କରିପାରିବେ ଏବଂ ସହଜରେ ଖସି ଯାଇପାରିବେ। ଏହି ସମସ୍ତ ଘଟଣା ଓଡ଼ିଶାରେ ଆଇନ ଶୃଙ୍ଖଳା ବ୍ୟବସ୍ଥାର ପତନ ଘଟାଉଛି। ଏହି ହିଂସାତ୍ମକ ଆକ୍ରମଣର ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ରାଜ୍ୟରେ ଆଇନ ଶୃଙ୍ଖଳା ସୁନିଶ୍ଚିତ କରିବାକୁ ଡ. ମହାନ୍ତି ଦାବି କରିଛନ୍ତି।

# ବ୍ରାଉନସୁଗର ମାଫିଆକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

ଭୁବନେଶ୍ୱର,୩।୧ (ସମିସ): ବରମୁଣ୍ଡାରୁ ୩ କୋଟି ଟଙ୍କାର ବ୍ରାଉନସୁଗର ଜବତ ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଆଡିସନାଲ୍ ସେସନ୍ସ ଜଜ୍-୩ର ବିଚାରପତି ହିମାଂଶୁ ଶେଖର ମଲ୍ଲିକ ଏହି ମାମଲାର ବିଚାରକରି ନିଶା ମାଫିଆ ଏସକେ ସସିମ୍ ବକ୍ସକୁ ଦୋଷୀ ସାବ୍ୟସ୍ତ କରି ସଜା ଶୁଣାଇଛନ୍ତି। ସୂଚନା ଅନୁସାରେ, ୨୦୨୦ ମସିହା ଅକ୍ଟୋବର ୩୦ ତାରିଖ ଦିନ ହସିମ୍ ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରୁ ବ୍ରାଉନସୁଗର ଆଣି ଭୁବନେଶ୍ୱର ଆସିଥିଲା। ବରମୁଣ୍ଡା ରାଜ୍ ଇଲେକ୍ଟ୍ରୋନିକ ପାଖରେ ଡେଲିଭେରୀ କରିବାକୁ ଅପେକ୍ଷା କରିଥିବା ବେଳେ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ୍) ଇନ୍ସପେକ୍ଟର ଜଗନ୍ନାଥ ସାହୁ ଓ ଅନ୍ୟ ପୁଲିସ କର୍ମଚାରୀମାନେ ଚଢ଼ଉ କରିଥିଲେ। ସେଠାରୁ ହସିମକୁ ଗିରଫ କରିବା ସହ ୧ କିଲୋ ୧୭୭ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଇନ୍ସପେକ୍ଟର ଶ୍ରୀ ସାହୁଙ୍କ ଅଭିଯୋଗ ଆଧାରରେ ଏସଟିଏଫ୍ କେସ୍ ନଂ - ୨୭/୨୦ ରେ ଦଫା ୨୧(ସି) ଓ ୨୯ ଏନଡିପିଏସ୍ ଆକ୍ଟ ଲଗାଇ ମାମଲା ରୁଜୁ କରିଥିଲା। ତତ୍କାଳୀନ ଇନ୍ସପେକ୍ଟର ତଥା ବର୍ତ୍ତମାନର ଡିଏସପି ସୁନୀତା ପ୍ରଧାନ ଅଭିଯୁକ୍ତ ହସିମକୁ କୋର୍ଟ ଚାଲାଣ କରିବା ସହ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସଂପୃକ୍ତ ୧୦ ଜଣ ସାକ୍ଷୀ, ୪୨ଟି ଦସ୍ତାବିଜ ଓ ୯ଟି ଏମ୍ଓ ଆଧାରରେ ମାମଲାର ବିଚାର କରି ଅଭିଯୁକ୍ତ ହସିମକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତକୁ ୨୦ ବର୍ଷ ସଜା ଶୁଣାଇବା ସହ ଦୋଷୀ ସାବ୍ୟସ୍ତ ହୋଇଥିଲା ପ୍ରତ୍ୟକ ଦଫାରେ ଏକ ଲକ୍ଷ ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ଦୁଇ ବର୍ଷ ଜେଲଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ସ୍ୱତନ୍ତ୍ର ସରକାରୀ ଓକିଲ ରଶ୍ମିରଞ୍ଜନ ବ୍ରହ୍ମା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

# ୧୦ଜିଲ୍ଲା ପାଇଁ ସ୍ଥାନୀୟ ଛୁଟି ଘୋଷଣା ବିଜ୍ଞପ୍ତି

କଟକ, ୩।୧(ସମିସ): ୨୦୨୬ ମସିହାରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୦ ଜିଲ୍ଲା ପାଇଁ ସ୍ଥାନୀୟ ସରକାରୀ ଛୁଟି ଘୋଷଣା ସମ୍ପର୍କିତ ବିଜ୍ଞପ୍ତି ଆଜି କେନ୍ଦ୍ରାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟ ତରଫରୁ ପ୍ରକାଶ ପାଇଛି। କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଜୁନ୍ ୧୬ ମଙ୍ଗଳବାର ଶେଷ ରଜକୁ ସ୍ଥାନୀୟ ଛୁଟି ଭାବେ ଘୋଷଣା କରାଯାଇଛି। ସେହିଭଳି ବାଲେଶ୍ୱର ଓ ପୁରୀ ଜିଲ୍ଲା ପାଇଁ ମହାଶିବରାତ୍ରି ପରଦିନ ତଥା ଫେବୃଆରୀ ୧୬ ସୋମବାର, ଭଦ୍ରକ ପାଇଁ କାଳୀପୂଜା ପର ଦିନ ନଭେମ୍ବର ୯ ସୋମବାର, ମୟୂରଭଞ୍ଜ ପାଇଁ ମକରସଂକ୍ରାନ୍ତି ପରଦିନ ଜାନୁଆରୀ ୧୫ ଗୁରୁବାର, ନୟାଗଡ଼ ପାଇଁ ମାଣବସା ଡିସେମ୍ବର ୨୪ ଗୁରୁବାର, ଖୋର୍ଦ୍ଧା ପାଇଁ ଅଶୋକାଷ୍ଟମୀ ମାର୍ଚ୍ଚ ୨୬ ଗୁରୁବାର ଓ ଜଗତସିଂହପୁର ଜିଲ୍ଲା ପାଇଁ ପ୍ରଥମାଷ୍ଟମୀ ଡିସେମ୍ବର ୧ ମଙ୍ଗଳବାରକୁ ସ୍ଥାନୀୟ ସରକାରୀ ଛୁଟି ଦିବସ ଭାବେ ଘୋଷଣା କରାଯାଇଛି।

# ବିଶ୍ୱାସଘାତକତା ଓ ଠକେଇ ମାମଲା ଏକାଠି ଚାଲିପାରିବ ନାହିଁ: ହାଇକୋର୍ଟ

କଟକ,୩।୧୨(ସମିସ): ଗୋଟିଏ ଅପରାଧ ପାଇଁ 'ବିଶ୍ୱାସଘାତକତା' ଏବଂ 'ଠକେଇ' ଧାରାରେ ଏକାସଙ୍ଗେ ମାମଲା ଚାଲିପାରିବ ନାହିଁ ବୋଲି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ପ୍ରିୟମ ପ୍ରଥମ ସାବତଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଦିଗପହଣ୍ଡି ଜେଏମ୍ଏଫ୍ସି ଅଦାଲତଙ୍କ ଆଦେଶକୁ ରଦ୍ଦ କରିବା ସହ ମାମଲାର ପୁନର୍ବିଚାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ବିରୋଧରେ ପ୍ରାୟ ୭୦ଲକ୍ଷ ଟଙ୍କାର ହେରଫେର ଅଭିଯୋଗ ହୋଇଥିଲା।

## ନିମ୍ନ ଅଦାଲତଙ୍କ ଆଦେଶ ରଦ୍ଦ

ଏହି ମାମଲାରେ ଦିଗପହଣ୍ଡି ପୁଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୬(୫) ଏବଂ ଧାରା ୩୧୮(୪) ଅନୁଯାୟୀ ମାମଲା ରୁଜୁ କରିଥିଲା। ଗତ ୨୦୨୫ଅଗଷ୍ଟ ୨୯ରେ ନିମ୍ନ ଅଦାଲତ ଏହି ଦୁଇଟି ଅପରାଧିକ ଧାରାକୁ ଆଧାର କରି ମାମଲା ପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ସମୟରେ ଆବେଦନକାରୀଙ୍କ ଓକିଲ ସୁପ୍ରିମକୋର୍ଟଙ୍କ ବିଭିନ୍ନ ପୂର୍ବ ନିଷ୍ପତ୍ତିର ଉଦାହରଣ ଦେଇ ଦର୍ଶାଇଥିଲେ ଯେ ବିଶ୍ୱାସଘାତକତା ଏବଂ ଠକେଇ ଦୁଇଟି ଭିନ୍ନ ପ୍ରକାରର ଅପରାଧ। ଠକେଇରେ ଅପରାଧିକ ଉଦ୍ଦେଶ୍ୟ ଆରମ୍ଭରୁ ହିଁ ରହିଥାଏ। ଆଉ ବିଶ୍ୱାସଘତକତାରେ ପ୍ରଥମେ ବିଶ୍ୱାସ ସୃଷ୍ଟି କରାଯାଇଥାଏ ଏବଂ ପରବର୍ତ୍ତୀ ସମୟରେ ତାହାର ଅପବ୍ୟବହାର କରାଯାଇଥାଏ। ଚାର୍ଜସିଟ୍‌ରେ ଥିବା ତଥ୍ୟକୁ ସଠିକ୍ ଭାବେ ଅନୁଧ୍ୟାନ ନକରି ଦୁଇଟି ଯାକ ଧାରା ଏକ ଅପରାଧ ପାଇଁ ଏକ ସଂଗେ ଲଗାଇବା ଆଇନଗତ ଭାବେ ଠିକ୍ ନୁହେଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି। ଏଥିସହ ଉପଲବ୍ଧ ପ୍ରମାଣ ଓ ତଥ୍ୟକୁ ପୁଣି ଥରେ ଯାଞ୍ଚ କରି ଦୁଇଟି ମଧ୍ୟରୁ କେଉଁ ଅପରାଧ ଘଟିଛି, ସେ ସମ୍ପର୍କରେ ଏକ ସ୍ୱଷ୍ଟ ଓ ଯୁକ୍ତିଯୁକ୍ତ ଆଦେଶ ପ୍ରଦାନ କରିବା ପାଇଁ ଦିଗପହଣ୍ଡି ଜେଏମଏଫସି କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଅବଶିଷ୍ଟାଂଶ

## ଟ୍ରମ୍ପ ସେନା କବଜାରେ...

ବେଆଇନ ଶରଣାର୍ଥୀ ସମସ୍ୟା ଗୁରୁତର ହୋଇପଡ଼ିଛି। ତେବେ ଏହିସବୁ ଅଭିଯୋଗକୁ ଭେନେଜୁଏଲା ଖଣ୍ଡନ କରି ଆସୁଛି। ସୂଚନାଯୋଗ୍ୟ ଯେ ନିକୋଲାସ ୨୦୧୩ରୁ ରାଷ୍ଟ୍ରପତି ପଦରେ ଅଛନ୍ତି। ଇତିମଧ୍ୟରେ ଭେନେଜୁଏଲା ସରକାର ଟ୍ରମ୍ପଙ୍କ ଆକ୍ରମଣର ଦୃଢ଼ ନିନ୍ଦା କରିଛନ୍ତି। ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ ଆମେରିକା ଆମ ଉପରେ ଆକ୍ରମଣ କରିଛି। ତେବେ ଏହାକୁ ନେଇ ଦେଶରେ ଅରାଜକତା ସୃଷ୍ଟି ନକରିବା ଲାଗି ପ୍ରତିରକ୍ଷା ମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଦେଶରେ ଜରୁରୀ ପରିସ୍ଥିତି ଜାରି କରାଯିବା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେନା ମୁତୟନ କରାଯାଇଥିବା ସେ ଘୋଷଣା କରିଛନ୍ତି। କିନ୍ତୁ ରାଷ୍ଟ୍ରପତି ନିକୋଲାସଙ୍କ ସଂପର୍କରେ ସେ କିଛି କହି ନାହାନ୍ତି।

## ମିଳିବ ୫୦%...

ଯୋଜନାରେ ଏହି ଚିନ୍ତାକୁ ଉଚ୍ଛେଦ କରିଦିଆଯାଇଛି। ଏବେ ୨୫ ବର୍ଷ ସେବା ପୂରଣ କରିଥିବା କର୍ମଚାରୀଙ୍କୁ ଶେଷ ଦରମାର ୫୦ ପ୍ରତିଶତ ପେନ୍‌ସନ ଭାବେ ଦିଆଯିବ। ଏଥିରେ ପାରିବାରିକ ପେନସନ, ସମୟ ସମୟରେ ମହଙ୍ଗା ଭତ୍ତା (ଡିଏ) ଏବଂ ଡିଆର ମଧ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ତେଣୁ ଏହାକୁ ପୁରୁଣା ପେନସନ ଯୋଜନା ସହ ତୁଳନା କରାଯାଉଛି। ରାଜସ୍ଥାନ, ହିମାଚଳ ପ୍ରଦେଶ ଭଳି ରାଜ୍ୟ ଓପିଏସକୁ ଫେରିବାକୁ ନିଷ୍ପତ୍ତି ନେଇଥିବାବେଳେ ତାମିଲନାଡୁ ଏକ ହାଇବ୍ରିଡ ମଡେଲ ଆପଣାଇଛି। ଏବେ ରାଜ୍ୟରେ ପ୍ରାୟ ୬ ଲକ୍ଷ ସରକାରୀ କର୍ମଚାରୀଙ୍କୁ ଏହାର ଲାଭ ମିଳିବ।

## ଯବାନଙ୍କ ଗୁଳିରେ...

ଯବାନଙ୍କୁ ଦେଖି ମାଓବାଦୀମାନେ ଅତର୍କିତ ଗୁଳି ଚଳାଇଥିଲେ। ଯବାନଙ୍କ ପକ୍ଷରୁ ଏହାର ପାଲଟା ଜବାବ ଦିଆଯାଇଥିଲା। ଏଥିରେ ୧୪ଜଣ ମାଓବାଦୀ ନିହତ ହୋଇଥିଲେ। ଅନ୍ୟ ମାଓବାଦୀମାନେ ପ୍ରାଣ ବିକଳରେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ସୂଚନା ଥାଉକି, ଛତିଶଗଡ଼ର ଅନେକ କୁଖ୍ୟାତ ମାଓ ନେତାଙ୍କ ସହ ୪୦ଜଣ ମାଓବାଦୀ ଗତକାଲି ତେଲଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ବର୍ତ୍ତମାନ ମାଓ ସଂଗଠନ ନିଜର ଶେଷ ନିଶ୍ୱାସ ନେଉଥିବା କୁହାଯାଉଛି।

## ତେଲଙ୍ଗାନାରେ ୨୦...

ମାଓବାଦୀମାନେ ଆମେରିକା ନିର୍ମିତ କୋଲ୍ଟ ରାଇଫଲ, ଇସ୍ରାଏଲ ନିର୍ମିତ ଟାଭୋର ରାଇଫଲ, ଏକେ-୪୭, ଆଇଏନ୍ଏସ୍ଏଏସ୍ ରାଇଫଲ, ଏସ୍ଏଲ୍ଆର୍ ରାଇଫଲ ସମେତ ମୋଟ ୪୮ଟି ଅସ୍ତ୍ରଶସ୍ତ୍ର, ବିଭିନ୍ନ କ୍ୟାଲିବରର ବିପୁଳ ପରିମାଣର ଗୁଳି ଏବଂ ନଗଦ ୨୦.୩୦ ଲକ୍ଷ ଟଙ୍କା ପୁଲିସକୁ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଡିଜିପି କହିଛନ୍ତି ଯେ, ଏହି ଆତ୍ମସମର୍ପଣ ସହିତ ସିପିଆଇ ମାଓବାଦୀଙ୍କ ଶେଷ ଦୁର୍ଗ ଧ୍ୱଂସ ପାଇଛି। ଏହା ପିଏଲଜିଏ ଓ ତେଲଙ୍ଗାନା ରାଜ୍ୟ କମିଟିର ଅସ୍ତିତ୍ୱକୁ ଧ୍ୱଂସ କରିଛି ଓ ଆଗକୁ ମାଓ ଦମନ ଅଭିଯାନ ଜାରି ରହିବ। ପୁନର୍ବାସ ପ୍ୟାକେଜ ଅଂଶଭାବେ ପୁଲିସ ମୋଟ୍ ୧ କୋଟି ୮୧ ଲକ୍ଷ, ୯୦ ହଜାର ଟଙ୍କା ପୁରସ୍କାର ଘୋଷଣା କରିଛି। ପ୍ରତ୍ୟେକଙ୍କୁ ତୁରନ୍ତ ସହାୟତା ବାବଦରେ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି।

## ଭୁବନେଶ୍ୱର...

ପୁଣି ଆଉ ଏକ ମରିଜୁଆନା ଜବତ ହେବା ସୁରକ୍ଷା ଏଜେନ୍ସି ଗୁଡ଼ିକର ଚିନ୍ତାକୁ ବଢାଇ ଦେଇଛି। ଡିଆର୍ଆଇ ସୂଚନା ମୁତାବକ, ଯାତ୍ରୀ ଜଣଙ୍କ ବିଦେଶରୁ ଭୁବନେଶ୍ୱର ଆସୁଥିଲେ। ସେ ତାଙ୍କ ବ୍ୟାଗ୍‌ରେ ଏକ ଗୁପ୍ତ ଚ୍ୟାମ୍ବର କରିଥିଲେ। ଏହି ଚ୍ୟାମ୍ବରରେ ଉଚ୍ଚ ଗୁଣବତ୍ତା ମାରିଜୁଆନା ପ୍ୟାକେଟ୍ ରଖା ଯାଇଥିଲା। ପରେ ଏହାକୁ ସିଲାଇ କରି ଦିଆଯାଇଥିଲା। ଜଣେ ବ୍ୟାଗ୍ ଖୋଲିଲେ ବି ଯେପରି ମରିଜୁଆନା ଠାବ କରି ପାରବ ନାହିଁ। ଯାତ୍ରୀ ଜଣଙ୍କ ଏଭଳି ଭାବେ ବିମାନରେ ମାରିଜୁଆନା ନେଇ ଆସୁଥିବା ନେଇ ଡିଆର୍ଆଇକୁ ପୂର୍ବରୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଯାତ୍ରୀଙ୍କ ବ୍ୟାଗ୍ ଖୋଲାଯାଇଥିଲା। ହେଲେ କିଛି ମିଳି ନଥିଲା। ପରେ ବ୍ୟାଗ୍‌କୁ କାଟି ଖଣ୍ଡ ଖଣ୍ଡ କରାଯିବା ଏଥିରୁ ମାରିଜୁଆନା ପ୍ୟାକେଟ୍ ମିଳିଥିଲା। ଅଭିଯୁକ୍ତଙ୍କୁ ଡିଆର୍ଆଇ ତୁରନ୍ତ ହେପାଜତକୁ ନେଇ ପଚାରାଉଚରା ଚଳାଇଛି।

ମାତ୍ର ୪ଦିନ ତଳେ ଅର୍ଥାତ ଭୁବନେଶ୍ୱର ବିମାନବନ୍ଦରରୁ ୪କୋଟିର ହାଇ ଗ୍ରେଡ୍ ମାରିଜୁଆନା ଜବତ ହୋଇଥିଲା। ଅଭିଯୁକ୍ତ ଜଣଙ୍କ ଘର ଗୁଜୁରାଟ୍ ଏବଂ ସେ ବ୍ୟାଙ୍କକ୍‌ରୁ ମାରିଜୁଆନା ଆଣି ଥିବା ନେଇ ପୁଲିସ ଆଗରେ ସ୍ୱୀକାର କରିଥିଲେ। ଗତ ୧ବର୍ଷ ମଧ୍ୟରେ ୫୨କୋଟି ଟଙ୍କାର ମାରିଜୁଆନା ଜବତ ହେଲାଣି। ଏଥିରୁ ସ୍ୱଷ୍ଟ ହେଉଛି ଭୁବନେଶ୍ୱର ବିମାନ ବନ୍ଦର ମାରିଜୁଆନା ଚାଲାଣର ପେଣ୍ଠ ସ୍ଥଳ ପାଲଟିଛି। ନିୟମିତ ଭାବେ ଏହି ବିମାନବନ୍ଦରକୁ ଓଡ଼ିଶାକୁ ମାରିଜୁଆନା ପ୍ରବେଶ କରୁଛି। ବହୁ ଅଭିଯୁକ୍ତ ମାରିଜୁଆନା ଚାଲାଣରେ ସଫଳ ହେଉଥିଲା ବେଳେ ମାତ୍ର କିଛି ଅଭିଯୁକ୍ତ ଡିଆର୍ଆଇ ହାତରେ ଧରା ପଡ଼ିଯାଉନ୍ତି ବୋଲି ଜଣାପଡ଼ିଛି।

ବିମାନବନ୍ଦରରେ ସବୁ ସମୟରେ ହାଇ ସିକ୍ୟୁରିଟିରେ ରହୁଛି। ବିମାନବନ୍ଦରକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଉଛି। ଏଠାରେ ରାଜ୍ୟ ପୁଲିସ ନୁହେଁ କେନ୍ଦ୍ରୀୟ ସୁରକ୍ଷା ସଂସ୍ଥା ସିଆଇଏସ୍ଏଫ୍ ନିୟୋଜିତ ହୋଇଛନ୍ତି। ଲୋକଙ୍କୁ ଯାଞ୍ଚ କରିବାକୁ ଅତ୍ୟାଧୂନିକ ସ୍କାନର ଓ ଯନ୍ତ୍ରପାତି ମଧ୍ୟ ବ୍ୟବହାର କରାଯାଉଛି। ଏହା ସତ୍ତ୍ୱେ ବିମାନ ପଥରେ ନିଶା କାରବାର ପାଇଁ ଭୁବନେଶ୍ୱର ବିମାନ ବନ୍ଦର ପ୍ରମୁଖ କେନ୍ଦ୍ର ପାଲଟିଛି। ବ୍ୟାଙ୍କକ୍‌ର ଅନ୍ତର୍ଜାତୀୟ କ୍ରାଇମ୍ ସିଣ୍ଡିକେଟ୍‌ର ନଜର ଭୁବନେଶ୍ୱର ଉପରେ ପଡ଼ିଛି। ସେମାନେ ଏହାକୁ ମାରିଜୁଆ ଚାଲାଣ ପାଇଁ ବ୍ୟବ୍ୟହାର କରୁଛନ୍ତି।

ଗତବର୍ଷ ୪ ଅକ୍ଟୋବରରେ ଭୁବନେଶ୍ୱର ବିମାନବନ୍ଦରରୁ ପ୍ରାୟ ୩.୨ କିଲୋଗ୍ରାମ୍ ମାରିଜୁଆନା ଜବତ ହୋଇଥିଲା। ଯାହାର ମୁଖ୍ୟ ୩କୋଟି ଟଙ୍କା ବୋଲି ଅନୁମାନ କରାଯାଇଥିଲା। ଏହି ଲିଙ୍କ୍‌ରେ କେରଳର ଜଣେ ଯୁବକଙ୍କୁ ଗିରଫ କରାଯାଇଥିଲା। ଗତବର୍ଷ ଭୁବନେଶ୍ୱର ବିମାନବନ୍ଦରରେ ଏପରି ଜବତ ଘଟଣା କୌଣସି ନୂଆ ନୁହେଁ। ଜାନୁଆରୀ ୨୦୨୫ରେ, କଷ୍ଟମ ଅଧିକାରୀମାନେ ପ୍ରାୟ ୭ କୋଟି ଟଙ୍କାର ଚୋରା ସାମଗ୍ରୀ ସହିତ ଆଉ ଜଣେ କେରଳ ବାସିନ୍ଦାଙ୍କୁ ଗିରଫ କରିଥିଲେ। ଗତ ଜୁଲାଇ ୨୯, ୨୦୨୫ ରେ, ଅଧିକାରୀମାନେ ବ୍ୟାଙ୍କକରୁ ଏକ ବିମାନରେ ଛଅଟି ବ୍ୟାଗରେ ଲୁଚାଇ ରଖାଯାଇଥିବା ପ୍ରାୟ ୫୦ କିଲୋ ହାଇଡ୍ରୋପୋନିକ୍ ଗଞ୍ଜେଇ ଜବତ କରିଥିଲେ। ଯାହାର ମୂଲ୍ୟ ୩୦ କୋଟିରୁ ଅଧିକ ବୋଲି ସେହି ସମୟରେ କୁହାଯାଇଥିଲା। ଏହି ମାମଲାରେ ଉତ୍ତର ପ୍ରଦେଶର ତିନି ଜଣ ଯାତ୍ରୀଙ୍କୁ ଗିରଫ ହୋଇଥିଲେ।

## ବ୍ରାଉନସୁଗର କାରବାରରେ...

କରିଥିଲା। ସେମାନଙ୍କ ହେପାଜତରୁ ମୋଟ ୨୬୫ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଅଧିକ ପଚରାଉଚରା ପାଇଁ ସମସ୍ତଙ୍କୁ ଥାନାକୁ ଉଠାଇ ଆଣିଥିଲା। ସନ୍ତୋଷ ନିୟମିତ ବ୍ୟବଧାନରେ ଭୁବନେଶ୍ୱର ଆସି ଦେବୀକୁ ବ୍ରାଉନସୁଗର ଯୋଗାଉଥିଲା। ଦେବୀ ତା'ର ସହଯୋଗୀ ସୁକାନ୍ତ ମାଧ୍ୟମରେ ରାଜଧାନୀର ବିଭିନ୍ନ ଛୋଟ ଛୋଟ ନିଶା ବେପାରୀଙ୍କୁ ବ୍ରାଉନସୁଗର ବିକ୍ରି କରୁଥିଲା। ସମ୍ଭ୍ରାନ୍ତ ପରିବାରର ଅଭିଯୁକ୍ତ ଦେବୀ ଆଇନ ଛାତ୍ର ହୋଇଥିବା ବେଳେ ତା'ର ବାପା କ୍ଲାସ୍ ୧ ଠିକାଦାର ବୋଲି ଅଧିକ ତଦନ୍ତରୁ ଜଣାପଡ଼ିଥିଲା। ସେ ଦୀର୍ଘଦିନ ହେବ ରାଜଧାନୀରେ ବ୍ରାଉନସୁଗର ବେପାର କରି ଆସୁଥିବା ସ୍ୱୀକାର କରିଥିଲା। ସେହିପରି ସୁକାନ୍ତ ଅଭ୍ୟାସଗତ ବ୍ରାଉନସୁଗର ହୋଇଥିବା ବେଳେ ସନ୍ତୋଷ ଏକ ହତ୍ୟା ମାମଲାରେ ୬ ବର୍ଷ ଜେଲରେ କାଟିଛି। ଅଭିଯୁକ୍ତମାନେ ଦୀର୍ଘଦିନ ହେବ ନିଜେ ବ୍ରାଉନସୁଗର ସେବନ କରିବା ସହ ବିକ୍ରି କରି ଆସୁଥିଲେ ବୋଲି ଅବକାରୀ ବିଭାଗ କହିଛି। ଏନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି।

## ପୁଣି ମୁଣ୍ଡ ନେଲା...

ଆମ ବସ୍ ଡ୍ରାଇଭର ସୁଚିତ୍ର ସାହୁଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ଆଉ ଏକ ଆମ୍ ବସ୍ ସନ୍ଧ୍ୟା ସମୟରେ ଏକ ସ୍କୁଟିକୁ ପଛପଟୁ ଧକ୍କା ଦେଇଛି। ସ୍କୁଟି ଚାଳକ ଏଥିରେ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂଚନା ମୁତାବକ, ଅଟୋଟି ରାମ ମନ୍ଦିର ପଟୁ ବାଣୀବିହାର ଅଭିମୁଖେ ଯାଉଥିଲା। ରେଡ୍ ସିଗନାଲ୍ ଥିବାରୁ ଟ୍ରାଫିକ୍ ଛକରେ ଅଟକିଥିଲା। ଆଟୋର ସାମ୍ନାରେ ଏକ ସ୍କୁଲ୍ ବସ୍ ସାମ୍ନାରେ ଥିଲା। ଏହି ସମୟରେ ହଠାତ୍ କାଳ ରୂପରେ ପଛପଟୁ ମାଡ଼ି ଆସିଥିଲା 'ଆମ ବସ୍'। ଧୀରେଧୀରେ ଅଟୋ ପାଖକୁ ଯାଉ ଶେଷରେ ଅଟୋଟିକୁ ଚାପି ଦେଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଆମ ବସ୍ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଉତ୍ୟକ୍ତ ଲୋକେ ଭଙ୍ଗାରୁଜା କରିଥିଲେ। ଡ୍ରାଇଭରଙ୍କୁ ଅଟକାଇ ଲୋକେ ନିସ୍ତୁକ ମାଡ଼ ମାରିଥିଲେ। ଘଟଣାସ୍ଥଳରେ ପୁଲିସ ପହଁଞ୍ଚି ଆମ ବସ୍ ଚାଳକଙ୍କୁ ହେପାଜତକୁ ନେଇ ଥିଲା।

ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ କେଉଁ କାରଣରୁ ଦୁର୍ଘଟଣା ହୋଇଛି ବୋଲି କିଛି ସ୍ପଷ୍ଟ ହୋଇ ନଥିଲା ବେଳେ ପୁଲିସ ଏକାଧିକ ସିସିଟିଭି ଯାଞ୍ଚ କରିଥିଲା। ସିସିଟିଭିରୁ ଜଣାପଡ଼ିଥିଲା ଯେ ଅଟୋଟି ଛିଡା ହୋଇଥିଲା ବେଳେ ବସ୍ ପଛପଟୁ ଧକ୍କା ଦେଇଥିଲା। ଯାହାଦ୍ୱାରା ଅଟୋଟି ଚୁନା ହୋଇଯିବା ସହ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିଲା ବୋଲି କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷ କ୍ରୁଟ୍ ପକ୍ଷରୁ ଏଥିପାଇଁ କ୍ଷମା ପାର୍ଥନା କରାଯାଇଛି। ଏହା ସହ ନିୟମ ଅନୁଯାୟୀ ମୃତକଙ୍କୁ ୨ଲକ୍ଷ ଏବଂ ଆହତଙ୍କୁ ୫୦ହଜାର ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି କୁହାଯାଇଛି।

## ଥାନା ଆଗରେ...

ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିସହ ପୁଲିସ ଚଗଲାଙ୍କୁ ଘଟଣାସ୍ଥଳରୁ ଉଠାଇ ଆଣି ତଦନ୍ତ ଚଳାଇଛି। ଅନ୍ୟପଟେ ସନ୍ତୋଷଙ୍କୁ ଭୋଜି କରିବାକୁ ଡାକି ନେଇ ଚଗଲା ତାଙ୍କ ପାଉଣା ଦେଇ ନ ଥିବା ବେଳେ ମାଗିବାରୁ ସେ ହତ୍ୟାକାଣ୍ଡ ଘଟାଇଥିବା ସନ୍ତୋଷଙ୍କ ସ୍ତ୍ରୀ ଅଭିଯୋଗ ଆଣିଛନ୍ତି।


### ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ

ଅଭିନନ୍ଦନ ବାର୍ତ୍ତା

ଦୈନିକ ଖବର କାଗଜ "ସକାଳ" କୁ ନବବର୍ଷ ସ୍ୱତନ୍ତ୍ର ସଂଖ୍ୟା ପାଇଁ ଅଭିନନ୍ଦନବାର୍ତ୍ତା ନିମନ୍ତେ ଅବସରରେ "ଆମ ପରିଷଦ" ସହର ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ଶାନ୍ତି, ମୈତ୍ରୀ, ଭାଇଚାରା ର ବାର୍ତ୍ତା ବହନ କରୁଥିବା ଆମ ଗଞ୍ଜାମ ସହରକୁ ସ୍ୱଚ୍ଛ, ସବୁଜ, ସୁନ୍ଦର, ଖୋଲା ଶୌଚ ମୁକ୍ତ, ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଏବଂ ଶୃଙ୍ଖଳିତ ରଖିବା ଆମ ପରିଷଦର ମୂଳ ଲକ୍ଷ୍ୟ "ଆପଣଙ୍କ ସମସ୍ୟା ଆମର ସମାଧାନ" କୁ ସଫଳ କରିବା ପାଇଁ ପରିଷଦର ସମସ୍ତ କାର୍ଯ୍ୟରେ ସହର ବାସୀଙ୍କୁ ଗଠନ ମୂଳକ ସହଯୋଗ କାମନା କରୁଛୁ।

ଆପଣଙ୍କ ସହଯୋଗ:

୧. Swachh Survekshan-2025 ଅଭିଯାନରେ ନିଜକୁ ନିୟୋଜିତ କରି ଆମ ସହର କୁ ସ୍ୱଚ୍ଛ ଓ ନିର୍ମଳ ରଖନ୍ତୁ ଏବଂ ନିୟମିତ ପାଇଖାନା ବ୍ୟବହାର କରନ୍ତୁ। ଦୈନିକ ବର୍ଜ୍ୟବସ୍ତୁ ସଂଗ୍ରହ କରି ପରିଷଦର ସଫେଇ ଗାଡିରେ ଦିଅନ୍ତୁ। ଭଙ୍ଗା ଟିଭି, କମ୍ପୁଟର, ଫ୍ରିଜ ଆଦି e-Waste ଗୁଡିକୁ ପରିଷଦର ବୁଲୁଥିବା D/D BOV ଗାଡିରେ ଦିଅନ୍ତୁ।

୨. ରାସ୍ତାକଡ ଜମି ତଥା ସରକାରୀ ଜମି ଜବରଦଖଲରୁ ନିବୃତ୍ତ ରୁହନ୍ତୁ ଓ ପରିଷଦର ବିନା ଅନୁମତି ରେ ନୂତନ ଗୃହ କରନ୍ତୁ ନାହିଁ।

୩. ଗଞ୍ଜାମ ଏନଏସି ର ପ୍ରତ୍ୟେକ ବ୍ୟବସାୟୀ ପରିଷଦ ଠାରୁ ନିଜର ଟ୍ରେଡ ଲାଇସେନ୍ସ (Trade License) କରାଇ ନିଅନ୍ତୁ।

୪. ପୌର ପରିଷଦ ର e-Website ଏବଂ Social media Pages କୁ ଅନୁସରଣ କରନ୍ତୁ।

୫. ମୋ ଖତ (ଜୈବିକ ଖତ) ମାତ୍ର ୧୦/- ଟଙ୍କାରେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଉପଲବ୍ଧ। ଇଚ୍ଛୁକ ବ୍ୟକ୍ତିମାନେ ଯୋଗାଯୋଗ କରିପାରିବେ।

"ଆମ ପରିଷଦ ବିକଶିତ ପଥରେ..."

ଶ୍ରୀମତୀ ଅପର୍ଣ୍ଣା ଡାକୁଆ, କାର୍ଯ୍ୟ ନିର୍ବାହୀ ଅଧିକାରୀ

ଶ୍ରୀମତୀ ପ୍ରତିଭା ପାଢୀ, ଅଧ୍ୟକ୍ଷା

### OFFICE OF THE NOTIFIED AREA COUNCIL, BANPUR

Phone No.: 06756 25309
Email id: ulbnac.banpur@gmail.com
No. 2814 / Dt. 24.12.25

**QUOTATION CALL NOTICE**

Sealed quotations are invited from intended farms, advertising agencies and SHGs for fixing of hoardings in different prominent places and locations for commercial advertisement purpose. The quotations should reach before the undersigned on dated **07.01.2026** from **11.00 AM to 3.00 PM** and the same will be opened on dated **07.01.2026** in the chamber of **Executive Officer, Banpur NAC,** in presence of the applicant or their authorized representative. The applying agencies should have **GSTIN Number, PAN Card, Aadhar Card and 03 months Bank Statement.** The offset price for fixing hoardings is **Rs. 1,50,000/- (Rupees One Lakh Fifty Thousand)** only for one year from the date of executing agreement and the farms or agencies quoted more will be selected and the selected agencies will have to deposit the full amount before executing the agreement. In shape of DD in favor of **Executive Officer, Banpur NAC.**

The undersigned reserves the right to reject any or all quotations without assigning any reason thereof.

Sd/- Executive Officer
Banpur NAC

E-Mail: eerw_gm1@yahoo.co.in — O-1873

OFFICE OF THE SUPERINTENDING ENGINEER
RURAL WORKS DIVISION-I, GANJAM, BERHAMPUR
************
Government of Odisha e-Procurement Notice
**Bid Identification No. Online Tender // 21// SERWDG-I // 2025-26**
Letter no. 6986 / RWDG-I/BAM/Date- 24.12.225

| | | | |
|---|---|---|---|
| 1 | Name of the Work | :: | Building Work |
| 2 | Estimated Cost | :: | Rs.81.03 Lakhs |
| 3 | Period of Completion | :: | 09 (Nine)Calendar Months as shown in Column No.06 of Annexure. |
| 4 | Date & Time of Availability of Bid Documents in the Portal | :: | From 04.01.2026 at 11.00 AM to 21.01.2026 upto 5.00 PM |
| 5 | Last Date/ Time for Receipt of Bids in the Portal | :: | 21.01.2026 upto 5.00 PM |
| 6 | Name and Address of the Officer Inviting Bid | :: | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

ExecutiveEngineer
R.W Division-I, Ganjam
Berhampur

OIPR-2585/11/0047/2526

GOVERNMENT OF ODISHA — C-1948
OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR AT CHATRAPUR
E-mail – eephchpr@gmail.com
NATIONAL COMPETITIVE BIDDING THROUGH e-Procurement
**Invitation For Bids (IFB)**

| Sl.No | Name of work | Bid Identification No | Estimated cost (Rs. in Lakh) | Period of completion | Availability of Bid Document for online bidding From | To | Name & address of office inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Procurement, installation, testing and commissioning of Multijet water meter at consumer end of Chatrapur NAC under AAP-2025-26 -SUJAL. | Identification No 65/ 03 / SPH(C) / 2025-26 dt. 31.12.2025 | 12.41 | 3 (Three) Calendar Months | 11.00 Hrs of 03.01.2026 | 17.30 Hrs of 14.01.2026 | Superintending Engineer, P.H Division, Bhanjanagar at Chatrapur |

The Technical Bid shall be opened on dt **15.01.2026 at 01.00 PM**
Further details can be seen from the e-procurement portal https://www.tenderorissa.gov.in

Additional Chief Engineer (PH)
P.H. Division, Bhanjanagar
at Chatrapur

OIPR-13013/11/0047/2526

GOVERNMENT OF ODISHA — O-1904
OFFICE OF THE SUPERINTENDING ENGINEER,
RURAL WORKS DIVISION, KUCHINDA
E-mail-eerw_kuchinda@yahoo.com

**Identification No Online Tender /12 / RWD, Kuchinda / 2025-26.**
Letter No. 9349 — Date 30.12.2025

| | | | |
|---|---|---|---|
| 1. | The Superintending Engineer Rural Works, Division, Kuchinda behalf of the Governor of Odisha invites percentage rate bids to be received in **ONLINE MODE** Only for Roads Work. | | |
| 2. | No. of work | : | 8 Nos |
| 3. | Nature of Work | : | Road Repair |
| 4 | Class of Contractor | : | "D", "C" & "B" |
| 5 | Approx Value of Work | : | 5.51 Lakhs to 38.88 Lakhs |
| 6 | Tender Cost | : | 4000 & 6000 |
| 7 | Availability of Bid Documents in the Website | : | 05.01.2026 at 11. A.M to 12.01.2026 at 5.00 P.M |
| 8 | Last date & time for seeking clarification | : | 09.01.2026 at 05.00 A.M |
| 9 | Date of Opening of Bid | : | 13.01.2026 at 11.00 A.M |
| 10 | Other details can be Seen in the Bidding documents from the website : https://tendersodisha.gov.in | | |

Superintending Engineer
Rural Works Division,
Kuchinda

OIPR-25151/11/0049/2526

**AFFIDAVIT**

By virtue of an affidavit no.3244 before the Executive Magistrate, Phulbani, Kandhamal, dtd.31.12.2025, I, Dunja Kanhar, At- Upar Damingia, Po- Jajesapanga, PS- Phiringia, Dist- Kandhamal, Odisha, Pin–762011, have changed my name from Dunka Kanhar to **Dunja Kanhar**. Henceforth I shall be known as **Dunja Kanhar** for all purposes.
Sd/- Dunja Kanhar

**AFFIDAVIT**

By virtue of an affidavit No. 6580, sworn before the Executive Magistrate, Champua on dtd- 12/12/2025, I **Insha Parween,** D/o-MD. Azmatullah, permanent resident of Vill/Po/Ps- Jhumpra, Dist- Keonjhar, Odisha, Pin-758031 declare that I have changed my name from **Insah Parwin** (old name) to **Insha Parween** (new name). Henceforth, I shall be known as **INSHA PARWEEN** for all future purposes.
**Insha Parween**

**AFFIDAVIT**

By virtue of an affidavit no.3229 before the Executive Magistrate, Phulbani, Kandhamal, dtd.29.12.2025, I, Kartika Kumar Gurandi, At-Kamanakama, Po- Kelapada, Ps- Phiringia, Dist- Kandhamal, Odisha, Pin- 762011 have changed the name of my minor son from Karimdam Gurandi to Karindam Gurandi. Henceforth he shall be known as **Karindam Gurandi** for all purposes.
Sd/- Kartika Kumar Gurandi

**AFFIDAVIT**

By virtue of an affidavit (Sl No.13340, dtd- 01/12/2025) sworn before The Executive Magistrate, Jajpur. I, Bijay Kumar Maharana, S/o Sanatan Maharana, resident of Vill- Barttanda, PO- Atta, Ps- Sukinda, Dist- Jajpur, PIN-755018, Odisha declare that I have changed my name from Bijay Kumar Moharana to Bijay Kumar Maharana. Henceforth, I shall be known as **BIJAY KUMAR MAHARANA** (new name) for all purposes.

**AFFIDAVIT**

I, Mohammed Tahir, aged about 77 years, S/o- Abdul Rahman, resident of Subhash Nagar, Ward No 14, Po- Bargarh, Ps- Bargarh, Dist- Bargarh, Odisha, Pin- 768028, do hereby declare by this affidavit No.32, dtd- 03/01/2026, that now onwards I shall be known as **MOHAMMAD TAHIR** for all future purposes.

**ସତ୍ୟପାଠ**

ଏତଦ ଦ୍ୱାରା ଆମେ ମିନାକ୍ଷୀ ରାଉତ ବୟସ ୫୫ ବର୍ଷ, ପିତା-ଅଚ୍ୟୁତି ଖଟୁଆ, ସା- ଦେଈପୁର, ପୋ- କାଣ୍ଡୁକାଇପଡ଼ା, ଥାନା- ଡେରାବିଶ, ଜିଲ୍ଲା- କେନ୍ଦ୍ରାପଡା, ଗତ ତା- ୨୬.୧୨.୨୦୨୫ ରିଖରେ ନୋଟାରୀ ପବ୍ଲିକ୍ କେନ୍ଦ୍ରାପଡାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ସତ୍ୟପାଠ କରିଥାରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏହା ଜଣାଉଅଛୁ କି ଆମେ ଓ ଆମ ଭଉଣୀ ଲତା ରାଉତ, ସ୍ୱା- ଦୁର୍ଯ୍ୟୋଧନ ରାଉତ, ସା- ବିଦ୍ୟାଧରପୁର, ପୋ-ପୋଦ୍ଦାମରାଇ, ଥା- କୁଆଁପାଳ, ଜିଲ୍ଲା- କଟକ, ଆମେ ଉଭୟ ଆମ ପିତା ଅଚ୍ୟୁତି ଖଟୁଆ, ୮୫ବର୍ଷ ଙ୍କର ୨ ଝିଅ ଅଟୁ ଏବଂ ଆମ ପିତାଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତିର ଉତ୍ତରାଧିକାରୀଣୀ ଅଟୁ। ଯଦି କୌଣସି ବ୍ୟକ୍ତି ଆମ ପିତାଙ୍କର ବୟସାଧିକ କାରଣରୁ ସ୍ମରଣଶକ୍ତି ହାନି ଯୋଗୁ ଏହାର ସୁଯୋଗ ନେଇ ସମ୍ପତ୍ତିକୁ ହସ୍ତାନ୍ତର କରିଥାନ୍ତି ବା କରନ୍ତି ସେଥିଲାଗି ଆମେ ଦାୟୀ ରହିବୁ ନାହିଁ।
ସ୍ୱା/- ମିନାକ୍ଷୀ ରାଉତ

**AFFIDAVIT**

I, Rafat Sulana, aged about 33 years, W/o- Gulam Gous, resident of Subhash Nagar, Ward No 14, Po- Bargarh, Ps- Bargarh, Dist- Bargarh, Odisha, Pin- 768028, do hereby declare by this affidavit No.33, dtd- 03/01/2026, that now onwards I shall be known as **RAFAT SULTANA** for all future purposes.

**AFFIDAVIT**

I, Mohmooda Khatun, aged about 64 years, W/o-Mohammad Tahir, resident of Subhash Nagar, Ward No. 14, Po- Bargarh, Ps- Bargarh, Dist- Bargarh, Odisha, Pin- 768028, do hereby declare by this affidavit No.31, dtd-03/01/2026, that now onwards I shall be known as **MHMUDA KHATUN** for all future purposes.

**AFFIDAVIT**

By virtue of an affidavit No. 03 sworn before the Executive Magistrate, Champua on dated- 02/01/2026, I **Gurucharana Moharana**, S/o- Brundaban Maharana, permanent resident of Vill- Kansara (Kha) Po- Bhanda, Ps- Baria, Dist- Keonjhar, Odisha, Pin- 758044 declare that I have changed my name from **Gura Maharana** (old name) to **Gurucharana Moharana** (new name). Henceforth, I shall be known as **Gurucharana Moharana** for all future purposes.
**Gurucharana Moharana**

**AFFIDAVIT**

By virtue of an affidavit No. 3518, sworn before the Executive Magistrate, Champua on dtd- 26/12/2025, I **Ambuja Nayak,** S/o-Pitambar Nayak, parmanent resident of Vill/Po- Rangamatia, Ps- Champua, Dist- Keonjhar, Odisha, Pin- 758044. I have changed my minor daughter's name from **Tejashini Nayak** (old name) to **Laxmipriya Nayak** (new name), Henceforth, she shall be known as **Laxmipriya Nayak** for all future purposes.
**Ambuja Nayak**

**AFFIDAVIT**

By virtue of an affidavit No.32 sworn before the Notary Public Swampatana on dtd- 03/01/2026, I **Umesh Chandra Mahanta,** S/o-Balaram Mohanta, permanent resident of At- Bhalughar, Po-Mushakhori Block-Patana, Dist-Keonjhar, Odisha, Pin- 758030, declare that I have changed my name from **Umesha Chandra Mahant** (old name) to **Umesh Chandra Mahanta** (new name). Henceforth, I shall be known as **Umesh Chandra Mahanta** for all future purposes.
**Umesh Chandra Mahanta**

# ସରକାରୀ ବସ୍ ସେବାରୁ ବଞ୍ଚିତ ଲକ୍ଷ୍ମୀପ୍ରସାଦ

ଜହ୍ନାପଙ୍କ,୩।୧(ସମିସ)

ସରକାରୀ ବସ୍ (ମୁଖ୍ୟମନ୍ତ୍ରୀ ବସ୍ ସେବା) ରୁ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ବଞ୍ଚିତ ହୋଇଛି। ଲୋକକଳା ଗ୍ରାମ ନାରାୟଣନଗର, ଜଗତି, ଲକ୍ଷ୍ମୀପ୍ରସାଦ, କୌଡିଆତୋଲା, ଗୁଡ଼ୀଆଲି, ମଝିଆଁଘରା ଓ ଡୁମ୍ବୁରିବେଡା ଗ୍ରାମକୁ ନେଇ ଏହି ପଞ୍ଚାୟତ ଗଠିତ। ଏହି ପଞ୍ଚାୟତରେ ଦୁଇଟି ଜମଜ ମନ୍ଦିର ଅବସ୍ଥିତ। ଗୋଟିଏ ହେଉଛି ଗନ୍ଧରାଡିରେ ଥିବା ଶିବ ଓ ବିଷ୍ଣୁଙ୍କ ମନ୍ଦିର। ଅନ୍ୟଟି ଲୋକକଳା ଗ୍ରାମ ନାରାୟଣନଗରରେ ଚଳିତ ବର୍ଷ ପ୍ରତିଷ୍ଠା ହୋଇଥିବା ଶ୍ରୀଜଗନ୍ନାଥ ଓ ଶ୍ରୀରାମ ମନ୍ଦିର। ଏହା ସହ ନାରାୟଣନଗର ଏକ ବ୍ୟବସାୟିକ ଗ୍ରାମ। ନାରାୟଣନଗର ଗ୍ରାମ ଉପରେ ୭ରୁ ୮ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି। ଲକ୍ଷ୍ମୀପ୍ରସାଦ ପଞ୍ଚାୟତକୁ ସବୁ ପଞ୍ଚାୟତରୁ ଯୋଗାଯୋଗ ସୁବିଧା ଅଛି। ହେଲେ ଏହି ପଞ୍ଚାୟତକୁ ପ୍ରଶାସନର ଆଢୁଆଳରେ ରଖି ଦିଆଯାଇଛି। ସରକାର ସମସ୍ତ ପଞ୍ଚାୟତକୁ ବସ୍ (ପୂର୍ବର ଲକ୍ଷ୍ମୀ ବସ୍) ବ୍ୟବସ୍ଥା କରିଥିଲେ; ମାତ୍ର ଲକ୍ଷ୍ମୀପ୍ରସାଦ ପଞ୍ଚା।ୟତକୁ ସରକାରୀ ବସ୍ ବ୍ୟବସ୍ଥା ହୋଇନାହିଁ। ବୌଦ୍ଧ ବ୍ଲକର ସମସ୍ତ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ବସ୍ ଯାଉଛି। ଲକ୍ଷ୍ମୀପ୍ରସାଦ ପଞ୍ଚାୟତକୁ କିନ୍ତୁ ଆସୁନାହିଁ। ଜହ୍ନାପଙ୍କ ବସଷ୍ଟାଣ୍ଡଠାରୁ ନାରାୟଣନଗର ଦେଇ ଚାରିଶମ୍ଭୁ, ଜଗତି ଦେଇ ଯଦି ସରକାରୀ ବସ୍ ଚଳାଚଳ କରେ ତେବେ ଐତିହାସିକ ପୀଠ ଗନ୍ଧରାଡୀ ଓ ନାରାୟଣନଗର ଯୁଗ୍ମ ମନ୍ଦିରକୁ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଭକ୍ତ ଠାକୁର ଦର୍ଶନ କରି ଯାଇ ପାରନ୍ତେ। ନାରାୟଣନଗର ଏକ ବ୍ୟବସାୟିକ ଗ୍ରାମ ହୋଇଥିଲେ ମଧ ଲୋକେ ବିଭିନ୍ନ ସାମଗ୍ରୀ କିଣାବିକା କରି ସରକାରୀ ବସ୍ ମାଧମରେ ଅନ୍ୟ ଗ୍ରାମକୁ ଯାଇ ପାରନ୍ତେ। ଏହି ଗ୍ରାମରେ ସାପ୍ତାହିକ ବଜାର ସହ ପ୍ରତ୍ୟେହ ଦିନ ଦୈନିକ ବଜାର ବସେ। ଜହ୍ନାପଙ୍କ ବସଷ୍ଟାଣ୍ଡଠାରୁ କୌଡିଆତୋଲା, ସାପଦୋହଲି, ଜଗତି, ଡୁମ୍ବୁରୀବେଡା ଗ୍ରାମ ୫/୬ କିଲୋମିଟର ଦୂର।

ସରକାରୀ ବସ୍ ନ ଥିବା ଯୋଗୁଁ ଲୋକେ ଜହ୍ନାପଙ୍କ ବସଷ୍ଟାଣ୍ଡକୁ ଆସି ବୌଦ୍ଧ, ସୋନପୁର ଆଦି ସ୍ଥାନକୁ ଯାଇଥାନ୍ତି। ସରକାର ସବୁ ପଞ୍ଚାୟତକୁ ସରକାରୀ ବସ୍ ବ୍ୟବସ୍ଥା କରି ୫ ଟଙ୍କାରେ ଯିବା ଆସିବା କରିବା ପାଇଁ ବ୍ୟବସ୍ଥା କରିଥିଲେ ସୁଦ୍ଧା ଏହି ପଞ୍ଚାୟତକୁ ଅଣଦେଖା କରାଯାଇଛି। ଏହା ସହ ଜହ୍ନାପଙ୍କଠାରୁ ଜଗତି, ରାମପୁର, ସୁବର୍ଣ୍ଣପୁର, କମ୍ପରା ଦେଇ ସହାଜପାଲକୁ ନୂତନ ରାସ୍ତା ନିର୍ମାଣ ହୋଇଛି। ଏହି ରାସ୍ତା ଦେଇ ସରକାରୀ ବସ୍ ଚଳାଚଳ କଲେ ୨୦ରୁ ଅଧିକ ଗ୍ରାମ ଲୋକେ ବସ୍ ସେବା ପାଇ ପାରନ୍ତେ।

## କଣ୍ଟାମାଲ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ



କଣ୍ଟାମାଲ,୩।୧(ସମିସ): କଣ୍ଟାମାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୌଦ୍ଧ ଜିଲ୍ଲା କଣ୍ଟାମାଲ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଛି। ଓଡ଼ିଶା ଲିଫ୍ଟ କୃଷି ସମବାୟ ବିଭାଗ କଣ୍ଟାମାଲ ଶାଖା ନିର୍ବାହୀ ଯନ୍ତ୍ରୀ ନରେଶ ବାରିକଙ୍କ ତତ୍ତ୍ୱାବଧାନରେ ପ୍ରବନ୍ଧ, ବକ୍ତୃତା, କୁଇଜ୍, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। କଣ୍ଟାମାଲ ବିଇଓ ଆଶୋଭ ରଞ୍ଜନ ମାଳି ପର୍ଯ୍ୟବେକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ। କଣ୍ଟାମାଲ ଉଚ୍ଚ ବିଦ୍ୟାଳୟ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଂଜନ ପ୍ରଧାନ ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ହେମବନ୍ତି ବାଘ, ଶିକ୍ଷକ ଆଲୋକ ପରଡ଼ିଆ, ବନମାଳୀ ମେହେର, ସତ୍ୟଜିତ ପଣ୍ଡା, ସରୋଜ ସାହୁ, ଶିକ୍ଷୟିତ୍ରୀ ଏମ୍ ମାଧୁରୀ ଦୋରା, ମୀରାବାଇ ଧାରୁଆ, ଶିକ୍ଷକ ସୌରଭ ସାହୁ, ସୁଦାମ ମିଶ୍ର, ଦେବାଶ୍ରୀତ ପ୍ରଧାନ, ବୀରଭଦ୍ର ମିଶ୍ର ବିଭିନ୍ନ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏଥିରେ କଣ୍ଟାମାଲ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପାଣି ପଞ୍ଚାୟତ କର୍ମଚାରୀ ସଞ୍ଜୟ ମହାନ୍ତି ଚୁଡ଼ାମଣି ଗୁର୍ଲିଆ ଓ ଅନାଦି ବେହେରା ସହଯୋଗ କରିଥିଲେ।

## ମାତା ସାବିତ୍ରୀ ବାଇ ଫୁଲେଙ୍କ ଜୟନ୍ତୀ



ଡୁଙ୍ଗୁରିପାଲି,୩।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଲକ୍ଷେ ଘର ଗଣ୍ଡା ସମାଜ କାର୍ଯ୍ୟାଳୟରେ ମାତା ସାବିତ୍ରୀ ବାଇ ଫୁଲେଙ୍କ ୧୯୫ତମ ଜୟନ୍ତୀ ଓ ଶିକ୍ଷା ଦିବସ ପାଳିତ ହୋଇଛି। ସାନନ୍ଦ ତାଣ୍ଡି ଏଥିରେ ଅଧକ୍ଷତା କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲା ଓବିସି ସମାଜର ସଭାପତି ଗଙ୍ଗାଧର ଖମାରୀ, ଡୁଙ୍ଗୁରିପାଲି ବ୍ଲକ୍ ଏସ୍‌ସି କଲ୍ୟାଣ ସଙ୍ଘର ସଭାପତି ସୁରୁବାବୁ ନନ୍ଦ, ଡୁଙ୍ଗୁରିପାଲି ବ୍ଲକ୍ ଲକ୍ଷେ ଘର ଗଣ୍ଡା ସମାଜ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବାଗ, ଡୁଙ୍ଗୁରିପାଲି ବ୍ଲକ୍ ଆମ୍ବେଦକର ସେବା ସଙ୍ଘର ସଭାପତି ରାଜକିଶୋର ତାଣ୍ଡି ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଡୁଙ୍ଗୁରିପାଲି ବ୍ଲକ୍ ଲକ୍ଷେ ଘର ଗଣ୍ଡା ସମାଜ ଉପଦେଷ୍ଟା ସୁନାରାମ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଅସରପି କୁମ୍ଭାର ସହଯୋଗ କରିଥିଲେ। କପାସିରା ପଞ୍ଚାୟତ ଡାହୁଗୁଡ଼ ଗ୍ରାମର ଗଣ୍ଡାପଡା ଓ ତମାମୁରା ଗ୍ରାମର ଗଣ୍ଡାପଡାରେ ମଧ୍ୟ ମାତା ସାବିତ୍ରୀ ବାଇ ଫୁଲେଙ୍କ ଜୟନ୍ତୀ ଓ ଶିକ୍ଷା ଦିବସ ପାଳିତ ହୋଇଛି।

## ବାହାଲି ଟିକିରାସାହିରେ ଅଗ୍ନିକାଣ୍ଡ

ହରଭଙ୍ଗା,୩।୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ମହଲିକପଡା ପଞ୍ଚାୟତର ବାହାଲି ଟିକିରାସାହିରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଭୀମସେନ ଦେହୁରୀ, ସହଦେବ ଦେହୁରୀ ଏବଂ ଅର୍ଜୁନ ଦେହୁରୀଙ୍କ ଘରେ ନିଆଁ ଲାଗି ୩ ବଖରା ଚାଳଘର ପୋଡି ପାଉଁଶ ହୋଇଯାଇଛି। ଚୁଲିରୁ କୌଣସି କାରଣବଶତଃ ଭୀମସେନଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। ପରେ ଏହା ଅନ୍ୟ ୨ ଭାଇଙ୍କ ଘରକୁ ବ୍ୟାପିଥିଲା। ଖବର ପାଇ ହରଭଙ୍ଗା ଦମକଳ କେନ୍ଦ୍ରର କର୍ମଚାରୀ ବାହାଲି ଗାଁ ଅଭିମୁଖେ ବାହାରିଥିଲା; ମାତ୍ର କୁଶଙ୍ଗଠାରୁ ବାଣିଗୋଛା ରାସ୍ତା ନିର୍ମାଣାଧୀନ ଥିବାବେଳେ ଶଙ୍କୁରୀ ନିକଟରେ ପୋଲ ନିର୍ମାଣ ପାଇଁ ସମସ୍ୟା ହୋଇଥିଲା। ଏକ ଅଣଓସାରିଆ ଡାଇଭର୍ସନ ରାସ୍ତାରେ ଗୋଟିଏ ଧାନବୋଝେଇ ପିକଅପ୍‌ର ଚକା ଫାଟି ଅଟକିଥିବାରୁ ଦମକଳ ଆଉ ଆଗକୁ ଯାଇପାରି ନ ଥିଲା। ଏହା ସତ୍ତ୍ୱେ ଅଗ୍ନିଶମ କର୍ମଚାରୀ ଅଟୋ ଭଡା କରି ଘଟଣାସ୍ଥଳରେ ପହଞ୍ଚି ଥିଲେ। ସେତେବେଳକୁ କିନ୍ତୁ ସବୁ ପାଉଁଶ ହୋଇ ଯାଇଥିଲା।

## ତେଲନଦୀ ବ୍ରିଜ୍ ତଳୁ ଦୋକାନୀଙ୍କ ମୃତଦେହ ଉଦ୍ଧାର

ତୁଷୁରା,୩।୧(ସମିସ): ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ତୁଷୁରାସ୍ଥିତ ଗୁଡଭେଲା ରାସ୍ତାର ତେଲନଦୀ ବ୍ରିଜ ତଳୁ ସ୍ଥାନୀୟ ଜଣେ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଦେଉଳଗୁଡ଼ିର ନଟରାଜ ଥନାପତି। ଖବର ପାଇ ତୁଷୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର



ତରଭା,୩।୧(ସମିସ): ତରଭା ଏନଏସି ନିବୃତ୍ତି ଜୋର କୂଳରେ ଯାଇଥିବା ବାଇପାସ ରାସ୍ତାର କନିଆଁଦରହ ଘାଟରୁ ପ୍ରାୟ ଶହେ ମିଟର ଆଗରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ହୋଇପଡ଼ିଛି। ବିଭାଗୀୟ ଅଧିକାରୀ, କର୍ମଚାରୀ ଏହା ଜାଣିଥିଲେ ହେଁ କୌଣସି ପ୍ରତିକାର କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ତାର ବାଡ଼ ଦିଆଯାଇ ନ ଥିବାରୁ ଭିତରକୁ ଅବାଧରେ ଗୋରୁଗାଈ ପ୍ରବେଶ କରୁଛନ୍ତି। ଟ୍ରାନ୍ସଫର୍ମର ନିକଟରେ ଅଙ୍ଗନବାଡ଼ି କେନ୍ଦ୍ର ଥିବାରୁ କୋମଳମତି ଶିଶୁଙ୍କ ପ୍ରତି ବିପଦ ରହିଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ବାଡ଼ ଦେବାକୁ ଦାବି ହେଉଛି।

## ଶ୍ରୀରାମ ମନ୍ଦିର କମିଟି ଗଠିତ

ବୌଦ୍ଧ,୩।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଛକ ସ୍ଥିତ ଶ୍ରୀରାମ ମନ୍ଦିର କମିଟି ଗଠିତ ହୋଇଛି। ମନ୍ଦିର ପରିସରରେ ଏକ ଜରୁରୀ ବୈଠକ ବସିଥିଲା। ଏଥିରେ ସଭାପତି ସନ୍ତୋଷ ବିଶି ଅଧକ୍ଷତା କରିଥିଲେ। ଏଥିରେ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ନୂତନ କମିଟି ଗଠିତ ହୋଇଛି। ଆନନ୍ଦ ଚନ୍ଦ୍ର ପାଢ଼ୀଙ୍କୁ ସଭାପତି, ସନ୍ତୋଷ ବିଶିଙ୍କୁ ସମ୍ପାଦକ ଓ ସନତ ମିଶ୍ରଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଛି। ସେହିପରି ହରିବନ୍ଧୁ ପୁରୋହିତଙ୍କୁ ଉପସଭାପତି ଓ ମନୋଜ ରାଜହଂସଙ୍କୁ ଯୁଗ୍ମ ସମ୍ପାଦକ ଭାବେ ଚୟନ କରାଯାଇଛି। ଜୟ ମହାରଣା, ବାଳକୃଷ୍ଣ ମିଶ୍ର, ଅପର୍ତ୍ତି ପ୍ରଧାନ, ଭୀମସେନ ସ୍ୱାଇଁ, ରାଜକିଶୋର ମିଶ୍ର, ପ୍ରଦୀପ ପ୍ରଧାନ, ହିମାଂଶୁ ଶେଖର ରଣା, ଶୋଭାଗିନୀ ଗୁରୁ, ଯଶୋଦା ବରର୍ତ୍ତୀ, ସତ୍ୟଭାମା ସାହୁ, କଇଁ ବରର୍ତ୍ତୀ ଆଦି ସଦସ୍ୟ ରହିଛନ୍ତି। ନବୀନ ବିଶି, ବସନ୍ତ ମିଶ୍ର, ଶରତ ପୁରୋହିତ, ଭାଗ୍ୟଧର ମିଶ୍ର ଓ ଜୟକୃଷ୍ଣ ମିଶ୍ର ପ୍ରମୁଖ ଉପଦେଷ୍ଟା ରହିଛନ୍ତି।

## ସୁବଳୟାରେ ସୁନ୍ଦରାକାଣ୍ଡ ପାରାୟଣ କାର୍ଯ୍ୟକ୍ରମ

ବୀରମହାରାଜପୁର,୩।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଧିବାରପଡାସ୍ଥିତ ବାବା ଅବଧୂତ ସାଂସ୍କୃତିକ ସଙ୍ଘ ଆନୁକୂଲ୍ୟରେ ନବମ ବର୍ଷ ବାବା ଅବଧୂତ ମହୋତ୍ସବ ଆରମ୍ଭ ହୋଇଛି। ଏହି ସାଂସ୍କୃତକ ମହୋତ୍ସମ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିବସରେ ସୁନ୍ଦରାକାଣ୍ଡ ପରାୟଣ କାର୍ଯ୍ୟକ୍ରମ ହୋଇଥିଲା। ମୋନାଲି ମହାପାତ୍ର ସୁନ୍ଦରାକାଣ୍ଡ ପରାୟଣ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ମହେନ୍ଦ୍ର ମହାଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଖେଳ ଶିକ୍ଷକ ବ୍ରଜ ଗୋପାଳ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ହନୁମାନ ଏବଂ ବିଭୀଷଣ ଭୂମିକାରେ ଜାମପାଲି ଗ୍ରାମର ଚିତ୍ତରଞ୍ଜନ ମେହେର ଅଭିନୟ କରିଥିଲେ।

## କାନପୁରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ବୀରମହାରାଜପୁର,୩।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଉଫୁଲା ପଞ୍ଚାୟତ କାନପୁରରେ ଭୁବନେଶ୍ୱରର ଗୁଞ୍ଜ୍ ଓ ସୋନପୁରର ରେଆର୍ ସଂଗଠନ ତରଫରସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ମିଳିତ ଭାବେ ଗ୍ରାମର ପୋଖରୀ ହିଡ, ସ୍କୁଲ ପରିସର, ନଳକୂପ ଚାନ୍ଦିନୀ ଓ ମନ୍ଦିର ଚାରିପାଖ ସଫା କରିଥିଲେ। ଏଥିପାଇଁ ଅନୁଷ୍ଠାନ ତରଫରୁ ଏକ ଉପହାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମୀନକେତନ ମହାକୁର, ରେଆର୍ ପ୍ରତିନିଧି ବିଶ୍ୱମ୍ବର ସାହୁ ଓ ସୁଦାମ ଗାଇଗରିଆ ପରିଚାଳନା କରିଥିଲେ।

## ଆଜି ବୌଦ୍ଧ ମହୋତ୍ସବରେ ହଟହଟା ହୋଇପାରନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ



ବୌଦ୍ଧ,୩।୧(ସମିସ): ବୌଦ୍ଧ ମହୋତ୍ସବରେ ରବିବାର ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ତାଙ୍କୁ କିନ୍ତୁ ଜିଲ୍ଲା ପାଣ ଗଣ୍ଡା ସମାଜ ବିକାଶ ପରିଷଦ ବିରୋଧ କରିବ। ଶନିବାର ପରିଷଦର ସମ୍ପାଦକ ସୁଧାଂଶୁ ଡାଙ୍ଗଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଏ ସମ୍ପର୍କରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସାକ୍ଷାତ କରି ଲିଖିତ ଭାବେ ଜଣାଇଛନ୍ତି। ସୂଚନାଯୋଗ୍ୟ, ଜାଲ୍ ପ୍ରମାଣ ପତ୍ର (ଏସସି) ଦେଇ ଶ୍ରୀ ମହାଲିଙ୍ଗ ବିଧାୟକ ଓ ମନ୍ତ୍ରୀ ହୋଇଛନ୍ତି। ଏଣୁ ଦୀର୍ଘ ବର୍ଷ ହେଲା ପାଣ ଗଣ୍ଡା ସମାଜ ବିକାଶ ପରିଷଦ ତାଙ୍କୁ ଗିରଫ ଦାବି କରି ଆସୁଛି। ସରକାର କିନ୍ତୁ ଚୁପ୍ ଥିବା ପରିଷଦ ଅଭିଯୋଗ କରିଛି।

## ୬ରେ ଦେଓଗାଁ ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ

ଦେଓଗାଁ,୩।୧(ସମିସ): ୬ରେ ଦେଓଗାଁ ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ ଅନୁଷ୍ଠିତ ହେବ। ଏଥିଲାଗି ବ୍ଲକ କାର୍ଯ୍ୟାଳୟ ସଭାକକ୍ଷରେ ବିଡିଓ ପ୍ରୀୟ ରଞ୍ଜନ କୁମାରଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

ଏଥିରେ ବ୍ଲକର ୨୬ ପଞ୍ଚାୟତର ବିଭିନ୍ନ ଗାଁରେ ରହିଥିବା ପାରମ୍ପାରିକ ଲୋକନୃତ୍ୟ(ଦଳୀୟ), ଲୋକବାଦ୍ୟ(ଏକକ,ଦଳୀୟ) ଲୋକ ସଂଗୀତ (ଏକକ ଓ ଦଳୀୟ) ଆଦି ପ୍ରଦର୍ଶିତ ହେବ। ବୈଠକରେ ଏବିଡିଓ ପୁଷ୍ପାଞ୍ଜଳି ନାଏକ, ସୁଦାମ ଚରଣ ବିଶି, ଓଡିଶା ଜୀବିକା ମିଶନର ବ୍ଲକ ସଂଯୋଜିକା ସବ୍ୟାରଣୀ ମହାଲିଙ୍ଗ , ବରିଷ୍ଠ କଳାକାର ଉପେନ୍ଦ୍ର ଥନାପତି, ରାଜେନ୍ଦ୍ର ନନ୍ଦ, ନିରଞ୍ଜନ ଦଣ୍ଡସେନା, ମହାଦେବ ମେହେର, ଗଣ୍ଡାରାମ କପାଟ, ଧନଞ୍ଜୟ ସାମଲ, ଭୀମ ସାଗର, ସତ୍ୟନାରାୟଣ ନନ୍ଦ, ଯୌବନ ନନ୍ଦ, ଶତର ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଉଦ୍‌ଘାଟିତ

ବୌଦ୍ଧ, ୩।୧(ସମିସ): ବୌଦ୍ଧ କଚେରୀ ପଡିଆରେ ଚାଲିଥିବା ବୌଦ୍ଧ ମହୋତ୍ସବ ଅବସରରେ ବୟନିକା ପକ୍ଷରୁ ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଉଦ୍‌ଘାଟିତ ହୋଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବିଧାୟକ ସରୋଜ ପ୍ରଧାନ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଅରୁଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ।

## କଂସବଧ ସହ ନୂଆଁପାଲି ଧନୁଯାତ୍ରା ଉଦ୍‌ଯାପିତ

ଦେଓଗାଁ,୩।୧(ସମିସ): ଉପରଝର ପଞ୍ଚାୟତ ନୂଆଁପାଲିରେ ୨୯ ତାରିଖରୁ ଚାଲିଥିବା ଆଞ୍ଚଳିକ ଧନୁଯାତ୍ରା ଶନିବାର ସନ୍ଧ୍ୟାରେ କଂସବଧ ସହ ଯାତ୍ରା ସମ୍ପନ୍ନ ହୋଇଛି। କୌସ୍ତୁଭମଣି ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ବିଧାୟକ କଳିକେଶ ନାରାୟଣ ସିଂଦେଓ, ସୁଶୀଳ ଚାନ୍ଦ, ଲକ୍ଷ୍ମଣ ମେହେର, ସ୍ଥାନୀୟ ସରପଞ୍ଚ ଯଶୋବନ୍ତୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ।

## କୁଲିଆବାହାଲରେ ରାମାଭିଷେକ ମହୋତ୍ସବ ଉଦ୍‌ଯାପିତ

ଦେଓଗାଁ,୩।୧(ସମିସ): ସାଲେପାଲି ପଞ୍ଚାୟତ କୁଲିଆବାହାଲରେ ଚାଲିଥିବା ୨୫ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ଶ୍ରୀ ରାମାଭିଷେକ ମହୋତ୍ସବ ଶନିବାରଅପରାହ୍ନରେଉଦ୍‌ଯାପିତ ହୋଇଛି। ରାମାଭିଷେକ ଓ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଥିବା ବେଳେ ଅପରାହ୍ନରେ ନେତ୍ରୋତ୍ସବ ଓ ଶ୍ରୀରାମ ଚରିତମାନସର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ରଙ୍କ ପହଣ୍ଡି କାର୍ଯ୍ୟକ୍ରମ ସହ ଗ୍ରାମରେ ଶତାଧିକ ଭକ୍ତଙ୍କ ଗହଣରେ ଶ୍ରୀ ରାମରଥ ପରିକ୍ରମା କରାଯାଇଥିଲା। ଏଥିରେ ପୁରାଣ ବ୍ୟାସ ଭାବେ ପ୍ରଶାନ୍ତ ମିଶ୍ର ଯୋଗ ଦେଇଥିବା ବେଳେ ପୂଜକ ଭାବେ ପରମେଶ୍ୱର ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ। କର୍ତ୍ତାଭାବେ ହଳଧର ସିଂ ଚିନ୍ଦା ଓ ତାଙ୍କ ପତ୍ନୀ ସନ୍ଧ୍ୟାରାଣୀ ସିଂ ଚିନ୍ଦା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ଦଣ୍ଡନୃତ୍ୟ ଅନୁଷ୍ଠିତ ହୋଇଥିଲା। ହୃଷିକେଶ ସିଂ ଚିନ୍ଦା, ଛବିଳ ମୋହନ ସିଂ ଚିନ୍ଦା, ତ୍ରିଲୋଚନ ସିଂ ଚିନ୍ଦା, ଦିଲୀପ ସାହୁ, କିଶୋର ମାଝୀ, ନିତ୍ୟା ମିର୍ଦ୍ଧାଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ବଡବନ୍ଧ ପଞ୍ଚାୟତ ସିଲେଟକାନୀରେ ମଧ ଶ୍ରୀରାମରଥ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଧାୟକ କଳିକେଶ ନାରାୟଣ ସିଂଦେଓ, ବିଧାୟକଙ୍କ ବ୍ଲକ ପ୍ରତିନିଧି ସୁଶୀଳ ଚାନ୍ଦ, ଲକ୍ଷ୍ମଣ ମେହେର ପ୍ରମୁଖ ଯୋଗ ଦେଇଥିଲେ।

## ନିମନ୍ତ୍ରଣପତ୍ର ବିବାଦକୁ ନେଇ ଉତ୍ତର ରଖିଲେ ଡିଆଇପିଆର୍‌ଓ

ବୌଦ୍ଧ,୩।୧(ସମିସ): ବୌଦ୍ଧ ମହୋତ୍ସବ ନିମନ୍ତ୍ରଣ ପତ୍ରକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉପରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତୀ ବଲିଆରସିଂ ସ୍ପଷ୍ଟୀକରଣ ଦେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀ ଡାକି ସେ କହିଛନ୍ତି ଯେ, ମହୋତ୍ସବ ପୂର୍ବରୁ ଏକ ନିମନ୍ତ୍ରଣ ପତ୍ର ପ୍ରସ୍ତୁତ କରାଯାଇଥିଲା। ତାହା ସମସ୍ତ ମନ୍ତ୍ରୀ, କମିଶନର, ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ବୁଦ୍ଧିଜୀବୀ, ଗଣମାଧମ ପ୍ରତିନିଧିଙ୍କୁ ଦିଆଯାଇଥିଲା। ନିଜେ ସେ ପ୍ରେସ୍‌ରେ ବସି ନିମନ୍ତ୍ରଣ କାର୍ଡ ପ୍ରସ୍ତୁତ କରିଥିଲେ। ପରେ ଅନଲାଇନରେ ସେହି ନିମନ୍ତ୍ରଣ କାର୍ଡକୁ କେବଳ ସୂଚନା ନିମନ୍ତେ ଗଣମାଧମକୁ ପଠାଇଥିଲେ; ଯେଉଁଥିରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦିନ କଣ୍ଟାମାଳ ବିଧାୟକଙ୍କ ନାମ ନ ଥିଲା। ଗଣମାଧମ ପ୍ରତିନିଧିମାନେ ବାରମ୍ବାର କାର୍ଯ୍ୟକ୍ରମ ବିଷୟରେ ତଥ୍ୟ ମାଗୁଥିବାରୁ ତରତରରେ ସେହି ରଫ୍ କପିକୁ ସେ ହ୍ୱାଟ୍ସଆପରେ ପଠାଇଥିଲେ। ୫ ମିନିଟ ଭିତରେ ସେହି କାର୍ଯ୍ୟକ୍ରମକୁ ପରିବର୍ତ୍ତନ କରାଯିବା ନେ ପୁଣି ଥରେ ସେ ଗଣମାଧମକୁ ସୂଚନା ଦେଇଥିଲେ; କିନ୍ତୁ ବାରମ୍ବାର ନିମନ୍ତ୍ରଣ କାର୍ଡ ଛପା ଯାଇନାହିଁ। କେବଳ ଗଣମାଧମକୁ ସୂଚନା ପାଇଁ ସେହି ଅନଲାଇନ କାର୍ଡ ଛଡା ଯାଇଥିଲା ବୋଲି କହିଛନ୍ତି।

## ଉଗ୍ରେସେନ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ
## ଚଲ୍‌କିକୁ ହରାଇ ମନିଗାଁ ଚାମ୍ପିଅନ




ମୁରିବାହାଲ,୩।୧(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ଗୋଇମୁଣ୍ଡ ପଞ୍ଚାୟତର ଭୋଇପଡା ଖେଳ ପଡିଆରେ ଉଗ୍ରେସେନ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅଥିତି ରୂପେ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଇମୁଣ୍ଡ ସରପଞ୍ଚ କାଳିଆ ସରାଫ, ବରିଷ୍ଠ ବିଜେପି ନେତା ପୁରନ୍ଦର ବାଗ, ପତ୍ରାପାଲି (କ) ସମିତି ସଭ୍ୟ ସନ୍ୟାସୀ ପୁଟେଲ, ବେଲାର ବେହେରା, ସନ୍ତୋଷ ସରାଫ, ଭାଗରଥୀ ସରାଫ, ସୁରେଶ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ବସନ୍ତ ସରାଫଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ ଚଲକି ଏବଂ ମନିଗାଁ ମଧ୍ୟରେ ହୋଇଥିଲା। ଏଥିରେ ମନିଗାଁ ବିଜୟୀ ହୋଇଥିଲା। ଦୁଷ୍ମନ୍ତ ସାହୁ ଖେଳପରିଚାଳନା କରିଥିଲେ। ଦୁଷ୍ମନ୍ତ ବେହେରା ଏବଂ ଡିସେମ୍ବର ଭୋଇ ଲାଇନରେ ସହଯୋଗ କରିଥିଲେ। ମୋହିତ ସରାଫ, ଗରୁଡ଼ ସରାଫ, ହିମାନ ସାହୁ, ସଞ୍ଜୟ ସରାଫ, ଦୀପକ ସରାଫ, ତିରିତ ସରାଫ ପ୍ରମୁଖ ସହଯୋଗ କରିଥିଲେ।

## ଫଟାମୁଣ୍ଡାରେ ଓଏଭି ଛାତ୍ରୀ ନିବାସ ଉଦ୍‌ଘାଟିତ





ଡୁଙ୍ଗୁରିପାଲି,୩।୧(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ଫଟାମୁଣ୍ଡାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ଶହେ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଉଦ୍‌ଘାଟିତ ହୋଇଛି। ଜିଲ୍ଲାପାଳ ଡ. ନୃପରାଜ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଲ, ବିଡିଓ ଦିଲୀପ ବାଡା, ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିଷାନ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ଅଧପକ ପ୍ରସନ୍ନ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସ୍କୁଲ ଅଧକ୍ଷ ହିମାଂଶୁ କୁଅଁର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀମାନେ ତାଲିଖାଇ ନାଚ ପରିବେଷଣ କରିଥିଲେ।

## କୁମେଲବନ୍ଧ-ଡୁଲାବାଲି ରାସ୍ତାକାମର ଶିଳାନ୍ୟାସ



କଣ୍ଟାମାଲ,୩।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍‌ର ଉପାନ୍ତ ବରଗାଁ ପଞ୍ଚାୟତ କୁମେଲବନ୍ଧରୁ ଡୁଲାବାଲି ପର୍ଯ୍ୟନ୍ତ ରାସ୍ତାର ଉନ୍ନତି ପାଇଁ ଶିଳାନ୍ୟାସ କରାଯାଇଛି। କାର୍ଯ୍ୟକ୍ରମରେ ବିଧାୟକ କହ୍ନେଇଚରଣ ଡାଙ୍ଗ, ଏସ୍‌ଡିଓ ସାଗୁ ନାଏକ, ପରେଶ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ବରଗାଁ ସରପଞ୍ଚ ରଶ୍ମିତା ରଣା, ବରଗାଁ ସମିତି ସଭ୍ୟା ଅଙ୍ଗୁରି ତାଣ୍ଡି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ତେବେ ମଞ୍ଚକୁ କନ୍ଧମାଳ ସାଂସଦଙ୍କ ବ୍ଲକ୍ ପ୍ରତିନିଧି ଦୀପକ ବାରିକଙ୍କୁ ଡକା ନ ଯିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ସାଗର ନାଏକ ମଞ୍ଚ ପରିଚାଳନା କରିଥିଲେ। ପିନାକଧର ରଣା, ଅନିଲ ପ୍ରଧାନ, ଠାକୁର ଚରଣ ନାଏକ, ରାମଚନ୍ଦ୍ର ତାଣ୍ଡି, କୃଷ୍ଣଚନ୍ଦ୍ର କଅଁର, ବିଜୁ ସାହୁ, ମହେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ ଲୋପ ପାଇବାକୁ ବସିଲାଣି ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ପରମ୍ପରା

# ପୌଷ ପୂର୍ଣ୍ଣିମାରେ ଶୁଭିଲାନି ଛେରଛେରା ଗୀତ

**କେସିଙ୍ଗା, ୩।୧(ସମିସ):** ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଓଡ଼ିଶାରେ ବାର ମାସରେ ତେର ପର୍ବ। ଉପକୂଳିଆ ଅଞ୍ଚଳରେ ରଜ ମୁଖ୍ୟପର୍ବ ହୋଇଥିବାବେଳେ ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ଓ ପୌଷପୂର୍ଣ୍ଣିମା ( ପୁଷପୁନି) ମୁଖ୍ୟ ପର୍ବ ଭାବରେ ପାଳନ କରାଯାଇଥାଏ। ପଶ୍ଚିମ ଓଡ଼ିଶାରେ ନୂଆଖାଇଁ ପରେ ପୌଷପୂର୍ଣ୍ଣିମା ହେଉଛି ଦ୍ୱିତୀୟ କୃଷିଭିତ୍ତିକ ବଡ଼ ପର୍ବ। ବିଲରୁ ଚାଷକରି ଧାନ ଘରକୁ ଆଣିବାର ପର୍ବ ପୁଷପୁନି। ଏହି ଦିନ ଚାଷୀ ବର୍ଷକର କଠିନ ପରିଶ୍ରମରୁ ମୁକ୍ତି ପାଇଥାଏ ଓ ବିଶେଷ କରି ଗାଆଁ ଗହଳି ରେ ଶ୍ରମିକ ଓ ସାହୁକାରମାନଙ୍କ ମଧ୍ୟରେ ଥିବା ବାର୍ଷିକ ଚୁକ୍ତିର ଶେଷ ଦିନ ହେବା ସହିତ ନୂତନ ଚୁକ୍ତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଏ, ସେଥିପାଇଁ ଏହାକୁ ଆନନ୍ଦ, ସହଭାଗିତା ଏବଂ କୃତଜ୍ଞତା ଜ୍ଞାପନର ପର୍ବ କୁହାଯାଏ। ଆନନ୍ଦର ଏହି ପର୍ବରେ ପଶ୍ଚିମ ଓଡ଼ିଶାରେ ଛେ ଛେରା ମାଗିବାର ପରମ୍ପରା ଅତି ସୁନ୍ଦର ହୋଇଥାଏ। ଛୋଟରୁ ବଡ଼ ସମସ୍ତେ ଗାଆଁ ମାନକର ବ୍ୟାଗ୍ ଗୋଟିଏ ଓ ବାଡ଼ି ଖଣ୍ଡେ ଧରି ଘରଘର ବୁଲି ଛେର୍ ଛେରାର ସୁମଧୁର ଗୀତ 'ଛେର ଛେରଛେରା ଇ ଘର ବୁଡି କାହିଁ ଗଲା ଲିଆ ଖାଇଖାଇ ଛେରେଇ ହେଲା ଛେର ଛେରଛେରା' ଗୀତ ଗାନ କରି ଦୁଆର ମୁହଁରେ ବାଡ଼ି ବାଡେଇ ଚାଉଳ ପଇସା ମାଗି ଶେଷରେ ଗାଆଁ ମୁଣ୍ଡରେ ଭୋଜି ଭାତ କରି ଖାଇ ଥାଆନ୍ତି। କିନ୍ତୁ ସେହି ସୁମଧୁର ପରମ୍ପରା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି> ଏବେ ଆଉ ଶୁଭୁନି ଛେରଛେରର ଗୀତ ଓ ଦେଖାଯାଉ ନାହାନ୍ତି ସେହି ବାଡ଼ି ଧରି ଛୋଟ ଛୋଟ ପିଲାମାନେ। ଏହି ଏହି ପର୍ବ ମାଧ୍ୟମରେ ଆମେ ଆମର ମାଟି ଏବଂ କୃଷି ସଂସ୍କୃତି ପ୍ରତି ଥିବା ସମ୍ମାନକୁ ପ୍ରକଟ କରିଥାଉ କିନ୍ତୁ ବର୍ତ୍ତମାନର ଯୁଗରେ ତାହା ଲୋପ ପାଇବାକୁ ବସିଲାଣି।

# ନୂଆପଡ଼ା କେକ କର୍ଣ୍ଣର ଉପରେ ଚଢ଼ଉ; ୩ ହଜାର ଟଙ୍କା ଜରିମାନା



**ନୂଆପଡ଼ା, ୩।୧(ସମିସ):** ନୂଆପଡ଼ା ଏନ୍‌ଏସି ସଦର ବ୍ଲକ କାର୍ଯ୍ୟାଳୟଠାରେ ଥିବା ଏକ କେକକର୍ଣ୍ଣର ଉପରେ ନୂଆପଡ଼ା ଖାଦ୍ୟ ନିରାପତ୍ତା ବିଭାଗ ଓ ନୂଆପଡ଼ା ଏନଏସି ପକ୍ଷରୁ ଚଢ଼ଉ କରାଯାଇଥିଲା। ଆଜିକୁ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିନା ଲାଇସେନ୍ସରେ ଚାଲୁଥିବାବେଳେ ପଲିଥିନ ବ୍ୟବହାର କରୁଥିବାରୁ ୩ହଜାର ଟଙ୍କା ଜରିମାନା କରିଛନ୍ତି। ଶନିବାର ମଧ୍ୟାହ୍ନରେ ଖାଦ୍ୟ ନିରାପତ୍ତା ଅଧିକାରୀ କୃଷ୍ଣପ୍ରିୟା ସାହୁ, ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ନାଏକ, ନୂଆପଡ଼ା ଏନ୍‌ଏସି ଇଓ ଶ୍ରୀନିବାସ ମିର୍ଦ୍ଧା, ଆରଏମସି ସମ୍ପାଦକ ଆର୍ଯ୍ୟ ମୁଦୁଲୀ ଉପସ୍ଥିତ ଥିଲେ।

# ଭ୍ରାମ୍ୟମାଣ ଜନସେବା କେନ୍ଦ୍ର 'ସହଯୋଗ'ର ଶୁଭାରମ୍ଭ



**ଧର୍ମଗଡ଼, ୩।୧(ସମିସ):** ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଭ୍ରାମ୍ୟମାଣ ଜନସେବା କେନ୍ଦ୍ର ସହଯୋଗର ଶୁଭାରମ୍ଭ ହୋଇଛି। ଧର୍ମଗଡ଼ ଏନ୍‌ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ରଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଗରିବ ଓ ଯୋଗ୍ୟ ପରିବାରମାନଙ୍କୁ ସରକାରୀ କଲ୍ୟାଣକାରୀ ଯୋଜନା ଗୁଡ଼ିକୁଅତି ସହଜରେ ସଂଯୋଗ କରି ସମସ୍ତଙ୍କର ଉନ୍ନତି ସୁନିଶ୍ଚିତ କରିବା ନିମନ୍ତେ 'ସହଯୋଗ' କାର୍ଯ୍ୟକ୍ରମ ମାଧ୍ୟମରେ ଅଞ୍ଚଳର ଯୋଗ୍ୟ ଗରିବ ପରିବାରମାନଙ୍କୁ ଚିହ୍ନଟ କରି ସରକାରୀ କଲ୍ୟାଣ ଯୋଜନାର ସୁବିଧାପ୍ରାପ୍ତି ସୁନିଶ୍ଚିତ କରିବା ଏହାର ଲକ୍ଷ୍ୟ ବୋଲି ପ୍ରକାଶ ପାଇଛି।

ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

# ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଉତ୍ପାଦନ ବୃଦ୍ଧି ହେବ

**ଭବାନୀପାଟଣା, ୩।୧(ସମିସ)**

କଳାହାଣ୍ଡି ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆରମ୍ଭ ହୋଇଯାଇଛି। ଏହି ମେଳାକୁ ଭବାନୀପାଟଣା କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ଦିପ୍ତ କୁମାର ନାଏକ ଉଦ୍‌ଘାଟନ କରିଥିଲେ। ଉକ୍ତମେଳାରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷକମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ କୃଷି କାର୍ଯ୍ୟରେ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଉତ୍ପାଦନ ବୃଦ୍ଧି ହେବ ସହିତ ଶ୍ରମ ଲାଘବ, ସ୍ୱଳ୍ପଖର୍ଚ୍ଚ ହେବ ଏବଂ କୃଷି କାର୍ଯ୍ୟ ଠିକ୍ ସମୟରେ ସମ୍ପାଦନ କରାଯାଇପାରିବ। ଫସଲ ବିବିଧତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଏହି ମେଳା ଜାନୁଆରୀ ୩ ରୁ ୭ ତାରିଖ, ୨୦୨୬ ପର୍ଯ୍ୟନ୍ତ ଚାଲିବ, ଯାହା ଚାଷୀମାନଙ୍କୁ ଆଧୁନିକ କୃଷି ଯନ୍ତ୍ରପାତି ସହ ପରିଚିତ କରାଇବା ପାଇଁ ଏକ ପ୍ରମୁଖ ମାଧ୍ୟମ ସାଜିବ। ମୁଖ୍ୟବକ୍ତା ଡ. ସନ୍ଦିପ୍ତ କୁମାର ନାଏକ କୃଷି କାର୍ଯ୍ୟ କିପରି କଲେ ଆମେ ଅଧିକ ଅମଳ କରିପାରିବା ଓ



ବିଭିନ୍ନ ପ୍ରକାର ବୈଜ୍ଞାନିକ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରା ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଅଜୟ କୁମାର ମାରାଣ୍ଡି, ନିର୍ବାହୀ ଯନ୍ତ୍ରୀ (କୃଷି) ମେଳାର ଉଦ୍ଦେଶ୍ୟ, କୃଷି ଯନ୍ତ୍ରପାତିର ବ୍ୟବହାର ଏବଂ ତା ଉପରେ ମିଳୁଥିବା ସରକାରୀ ରିହାତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। କୃଷି ବିଜ୍ଞାନକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଅମିତାଭ ପଣ୍ଡା ଚାଷରେ ନୂତନ ଜ୍ଞାନକୌଶଳ ଓ ବୈଜ୍ଞାନିକ ପଦ୍ଧତିର ପ୍ରୟୋଗ ସମ୍ପର୍କରେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହି ସଭାରେ ଆଞ୍ଚଳିକ ଅନୁସନ୍ଧାନ ଓ ସମ୍ପ୍ରସାରଣ କେନ୍ଦ୍ରର ସହକାରୀ ଗବେଷଣା ନିର୍ଦ୍ଦେଶକ ଡ. ଭବାନୀ ନାଏକ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାକର ନାଏକ, ଭବାନୀପାଟଣାର ଅତିରିକ୍ତ କୃଷି ଅଧିକାରୀ ଅଜିତ କୁମାର ମହାପାତ୍ର, ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ମୋନାଲିସା ପ୍ରଧାନ ଏବଂ ଜୁନାଗଡ଼ର ସାଂସଦ ପ୍ରତିନିଧି ଭାବେ କୁନ୍ତଳା ରାଉତ ଦେବୀ ଯୋଗଦେଇ ଥିଲେ। ମେଳାରେ ମୋଟ ୬୦ଟି ଷ୍ଟଲ ଖୋଲାଯାଇଛି, ଯେଉଁଥିରେ କୃଷି ଯନ୍ତ୍ରପାତି ନିର୍ମାତା ଏବଂ ବିକ୍ରେତା। କୃଷି ଭିତ୍ତିକ ଷ୍ଟାର୍ଟଅପ୍ ଏବଂ ବେସରକାରୀ ସଂସ୍ଥା, ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିଭାଗ ଭଳି ସରକାରୀ ଆନୁଷଙ୍ଗିକ ସଂସ୍ଥାମାନେ ସାମିଲ ଅଛନ୍ତି। ଆଜି ପ୍ରଥମ ଦିନରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକରୁ ବହୁ ସଂଖ୍ୟାରେ ଚାଷୀ ଯୋଗଦେଇଥିଲେ। ମେଳାର ପ୍ରଥମ ଦିବସରେ ମୋଟ ୨.୮୨ କୋଟି ଟଙ୍କାର କୃଷି ଯନ୍ତ୍ରପାତି ବୁକିଂ ହେଇଥିଲା ଯାହାର ରିହାତି ମୂଲ୍ୟ ୪୬.୩୪ ଲକ୍ଷ୍ୟ ଟଙ୍କା। ଅଜିତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଗଣଶିକ୍ଷା ମନ୍ତ୍ରୀଙ୍କୁ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ଦାବିପତ୍ର

**କୋକସରା, ୩।୧ (ସମିସ):** ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ବିଭାଗ କଳାହାଣ୍ଡି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲା ଶାଖାପକ୍ଷରୁ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଙ୍ଘର କର୍ମକର୍ତ୍ତା ମାନେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଉମରକୋଟ ସ୍ଥିତ ବାସଭବନରେ ୩ ଦଫାଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ତିନି ପ୍ରମୁଖ ଦାବି ମଧ୍ୟରେ ୬ ବର୍ଷର ଠିକା କର୍ମଚାରୀ ସମୟକୁ ନିୟମିତ ଚାକିରି ଭାବେ ଗଣନା କରିବା, ୬ ବର୍ଷକୁ ନିୟମିତ କରିବା ସହିତ ୬ ନେସନାଲ ଇଂକ୍ରିମେଣ୍ଟ ମୂଳ ଦରମାରେ ଯୋଗକରି ପେ ଫିକ୍ସ କରିବା, ସରକାରଙ୍କ ଠିକା ନିଯୁକ୍ତି ଉଚ୍ଛେଦ ନିୟମ ଆଧାରରେ ଆର୍ଥିକ ଅନୁଦାନ ପ୍ରଦାନ କରିବା ଦାବି ପ୍ରମୁଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ କଳାହାଣ୍ଡି, ନବରଙ୍ଗପୁର ଓ ରାୟଗଡ଼ା ସଙ୍ଘ ଜିଲ୍ଲା ଜିଲ୍ଲା ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଙ୍ଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



# ବୌଦ୍ଧ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ବୌଦ୍ଧ, ୩।୧(ସମିସ):** ବୌଦ୍ଧଠାରେ ଚାଲିଥିବା ବୌଦ୍ଧ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳ ବିଭୁତିଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବରେ ସମବାୟ ହସ୍ତତନ୍ତ ବୟନ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଫୁଲବାଣୀ ବିଧାୟକ ଉମା ଚରଣ ମଲିକ, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ମଞ୍ଚାସୀନ ଥିଲେ। ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ ସ୍ୱାଗତଭାଷଣ ଦେଇଥିବା ବେଳେ ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଚାର୍ଲ୍ସ ନାଏକ ଧନ୍ୟବାଦ ଦେଇଥିଲେ।

# ପୁଷପୁନି ଲାଗି ଗାଁ ଉତ୍ସବମୁଖର

**କୋମନା, ୩।୧(ସମିସ):** ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ 'ପୁଷପୁନି' ବା 'ପୁଷ ପୂର୍ଣ୍ଣିମା' କୋମନା ବ୍ଲକରେ ପାଳିତ ହୋଇଯାଇଛି। ଅମଳପରେ ଚାଷୀର ମନରେ ଖୁସି ଏବଂ ଗାଁର ଭାଇଚାରାକୁ ନେଇ ଏହିପର୍ବ ପୁରା ଅଞ୍ଚଳକୁ ଉତ୍ସବମୁଖର କରିଦେଇଛି। କୋମନା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଆଜି ସକାଳୁ ସକାଳୁ ଏକ ନିଆରା ପରିବେଶ ଦେଖିବାକୁ ମିଳିଥିଲା। ପ୍ରତିଟି ଘରେ ବିଭିନ୍ନ ପ୍ରକାରର ପାରମ୍ପରିକ ପିଠାପଣା, ଖିରି ଏବଂ ସୁଆଦିଆ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଛି। ଖଳାବାଡ଼ିରୁ ସୁନା ରଙ୍ଗର ଧାନ ଘରକୁ ଆସିବାପରେ ଚାଷୀ ପରିବାର ଏହି ଦିନଟିକୁ ବିଜୟ ଉତ୍ସବ ଭାବେ ପାଳନ କରୁଥିବା ବେଳେ ପୁଷପୁନିର ମୁଖ୍ୟ ଆକର୍ଷଣ ହେଉଛି 'ଛେରଛେରା'। ଗାଁର କୁନି କୁନି ପିଲାମାନେ ଦଳ ଦଳ ହୋଇ ଘରକୁ ଘର ବୁଲି 'ଛେ ଛେରଛେରା କହି ଅନ୍ନ ମାଗୁଥିବାର ଦୃଶ୍ୟ ବେଶ୍ ମନୋରମ ଥିଲା।

# ଲକ୍ଷ୍ମଣ ମାଝୀଙ୍କ ପରଲୋକ

**ଭବାନୀପାଟଣା, ୩।୧ (ସମିସ):** ରୁପ୍ରାରୋଡ୍ ରେଲଷ୍ଟେସନ ସୁପରିଟେଣ୍ଡେଣ୍ଟ ଧବଳେଶ୍ୱର ମାଝୀଙ୍କ ପିତା ଲକ୍ଷ୍ମଣ ମାଝୀଙ୍କ ଦେହାନ୍ତ ହୋଇଛି। ଉକ୍ରେଲା ନିବାସୀ ସ୍ୱର୍ଗତ ଲକ୍ଷ୍ମଣ ମାଝୀ ପରିବହନ ବିଭାଗରେ କାମ କରି ଅବସରଗ୍ରହଣ କରିଥିଲେ। ଏଥିସହ ସେ କେସିଙ୍ଗା ବ୍ଲକ କଂଗ୍ରେସର ବରିଷ୍ଠ ନେତୃତ୍ୱ ତଥା



କନ୍ଧ ସମ୍ପ୍ରଦାୟର ଜଣେ ବରିଷ୍ଠ ସଙ୍ଗଠକ ଥିଲେ। ୭୮ ବର୍ଷ ବୟସରେ ସେ ତାଙ୍କ ଉକ୍ରେଲା ସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ, ଦୁଇ ଝିଅ, ଜୋଇଁ, ବୋହୂ, ପରିବାର ସଦସ୍ୟ, ବନ୍ଧୁ ବାନ୍ଧବ ସମସ୍ତେ ଉପସ୍ଥିତ ଥିଲେ। ସ୍ଥାନୀୟ ଏରୋଡ୍ରମ ପଡ଼ିଆ ନିକଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ନର୍ଲା ବ୍ଲକ ଆଦିବାସୀ ସଂଘ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ହରିଶଙ୍କର ମାଝୀ, ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ନର୍ଲାର ପୂର୍ବତନ ବିଧାୟକ ଭୁପିନ୍ଦର ସିଂ ଓ କୁମରମଣି ଶବର, କେସିଙ୍ଗା ବ୍ଲକ କନ୍ଧ ସମାଜ ସଭାପତି ଶେଷଦେବ ମାଝୀ, ଉକ୍ରେଲା ସମିତି ସଭ୍ୟ ତ୍ରିନାଥ ମାଝୀଙ୍କ ସମେତ ଅଞ୍ଚଳ ବରିଷ୍ଠ ନାଗରିକ ଶୋକାକୁଳ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ଦୁଃଖ ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ଜୁନିଅର ରେଡକ୍ରସ୍ ପ୍ରସ୍ତୁତି ବୈଠକ

**ଲାଞ୍ଜିଗଡ଼, ୩।୧(ସମିସ):** କାଉଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆସନ୍ତା ୫ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ହେମସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୁପଶିଂ ରାଉତ, କନିଷ୍ଠ ରେଡକ୍ରସ୍ କାଉନସିଲର ନାରାୟଣ ବେହେରା, ଲାଞ୍ଜିଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଡ଼ଳଦେବ ମୁଣ୍ଡ, ଭାରତଭୁଷଣ ସାହୁ ପ୍ରମୁଖ ଆଲୋଚନା କରିଥିଲେ। ଏହି ବୈଠକରେ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ୧୩ଟି ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଆସନ୍ତ ୬ ତାରିଖରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ସାବିତ୍ରୀ ବାଇ ଫୁଲେଙ୍କ ଜୟନ୍ତୀ ପାଳିତ

**ଜୁନାଗଡ଼/ମାଟିଗାଁ, ୩।୧(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ସନ୍ୟାସୀ କୁଣ୍ଡାମାଲସ୍ଥିତ ନୂତନ ପଣ୍ଡରାମାଳି ସମାଜ ଭବନଠାରେ ପଣ୍ଡରାମାଳି ସେବା ସଂଘ ଓ ପଣ୍ଡରାମାଳି ଯୁବ ବାହିନୀ ପକ୍ଷରୁ ଶନିବାର ରାଷ୍ଟ୍ରୀୟ ମାତା ସାବିତ୍ରୀ ବାଇ ଫୁଲେଙ୍କ ୧୯୫ ତମ ଜୟନ୍ତୀ ପାଳିତ ହୋଇଛି। ପଣ୍ଡରାମାଳି ସେବା ସଂଘର ସଭାପତି ଇଶ୍ୱର ପୁଝାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜୁନାଗଡ଼ ଏନ୍‌ଏସି ଅଧ୍ୟକ୍ଷା ହିମାଦ୍ରୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସ୍ୱର୍ଗତଃ କୁମୁଦୀନି ନାୟକଙ୍କ ଉଦ୍ଦେଶ୍ୟରେ ମାନପତ୍ର ଦେଇ ତାଙ୍କ ପରିବାରଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଆଇନ ପରାମର୍ଶଦାତା ତଥା ଯୁବ ବାହିନୀ ପ୍ରତିଷ୍ଠାତା ଦୁର୍ଗାପ୍ରସାଦ ନାଏକ ସଂଯୋଜନା କରିଥିଲେ। ପଣ୍ଡରାମାଳି ଯୁବ ବାହିନୀ ସଭାପତି ଭବାନୀଶଙ୍କର ବଣିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଛତିଶଗଡ଼, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକରୁ ଶତାଧିକ ଲୋକେ ଯୋଗଦେଇ ଥିଲେ।



# ୨୮ ତମ କଳାହାଣ୍ଡି ଉତ୍ସବ 'ଘୁମୁରା' ଲାଗି ପ୍ରସ୍ତୁତି ବୈଠକ

**ଭବାନୀପାଟଣା, ୩।୧(ସମିସ):** କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାରର ବାର୍ତ୍ତାବହ ୨୮ ତମ କଳାହାଣ୍ଡି ଉତ୍ସବ 'ଘୁମୁରା'-୨୦୨୬ ଆସନ୍ତା ଜାନୁଆରୀ ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଭବାନୀପାଟଣା ଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ, ଉତ୍ସବ ପାଳନ ସବ୍ କମିଟିର ଆବଶ୍ୟକ ପୂର୍ବ ପ୍ରସ୍ତୁତି ଜାରି ରହିଛି। ଏହି କ୍ରମରେ ଶନିବାର ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରେ ଇନ୍ଦ୍ରଜିତ ମହାଖୁଡ଼ଙ୍କ ଅଧ୍ୟକ୍ଷତାରେ ପଞ୍ଜିକରଣ, ଆବାସ ଓ ପରିବହନ ବ୍ୟବସ୍ଥା ଉପ ସମିତିର ଏକ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ୨୮ ତମ କଳାହାଣ୍ଡି ଉତ୍ସବ-୨୦୨୬ କୁ ଅଧିକ ଆକର୍ଷଣୀୟ ଓ ସରସ ସୁନ୍ଦର ଭାବରେ ସମସ୍ତଙ୍କ ସହଯୋଗରେ ଜିଲ୍ଲା, ଜିଲ୍ଲା ବାହାରୁ ରାଜ୍ୟ ବାହାରୁ ଆସୁଥିବା ସାଂସ୍କୃତିକ ଦଳର ସଦସ୍ୟ ମାନେ ରହିବା, ପରିବହନ ଓ ପଞ୍ଜିକରଣ କେମିତି ସୁନ୍ଦର ଭାବେ ହେଇ ପାରିବ ସେହି ବିଷୟରେ ଆଲୋଚନା କରାଗଲା। ଏହି ବୈଠକରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆ, ଉପ ସମିତିର ଉପଦେଷ୍ଟା ହିମାଂଶୁ ବିଶ୍ୱାଳ, ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ର, ଆବାହକ ଆଲୋକ କୁମାର ସାହୁଙ୍କ ସମେତ ଉପସମିତିର ଅନ୍ୟ ସଦସ୍ୟ ଅମିୟ ସାହୁ, ଚିନ୍ମୟ ଦୋରା, ଯୁଧିଷ୍ଠିର ମୁଦୁଲି, ଦେବେନ୍ ଗହିର ପ୍ରମୁଖ ଯୋଗ ଦେଇଥିଲେ। ନୀଳାଞ୍ଚଳ ପାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଞ୍ଚ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଲାଞ୍ଜିଗଡ଼, ୩।୧(ସମିସ):** ଲାଞ୍ଜିଗଡ଼ ବ୍ଲକ ବନବାସୀ ଏକଲ ବିଦ୍ୟାଳୟକୁ ନେଇ ୫ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବନବାସୀଙ୍କୁ ନେଇ ଗାଁ କମିଟି ଅନୁସାରେ ବ୍ଲକରେ ଶିକ୍ଷା ଓ କଲଚରାଲକୁ ନେଇ ୨୦୧୬ରେ ଦୁଇଟି ଲାଞ୍ଜିଗଡ଼ ଓ ବିଶ୍ୱନାଥପୁର ସଞ୍ଚ ଗଠନ କରାଯାଇଥିଲା। ଏହି ସଞ୍ଚ ଅଧୀନରେ ୬୦ଟି ଏକଲ ବିଦ୍ୟାଳୟ ରହିଥିବାବେଳେ ସନ୍ଧ୍ୟା ଓ ସକାଳେ ବନବାସୀଙ୍କୁ ୩ ଘଣ୍ଟା ଲେଖାଏଁ ଶିକ୍ଷା ପ୍ରଦାନ କରାଯାଇଛି। ଏହି ବିଦ୍ୟାଳୟ ମାନଙ୍କର ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କୁ ନେଇ ବ୍ଲକର ହରିହରପୁର ସାପୁଲ କୁଟା ପ୍ରାଥମିକ ବିଦ୍ୟାଳୟଠାରେ ୫ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ସବିତା ପଟ୍ଟନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଘନଶ୍ୟାମ ଭାଟି, ସମାଜସେବୀ ଧର୍ମୁଚାନ୍ଦ ଅଗ୍ରୱାଲ, ରମେଶ ମାଝୀ, ଅବସରପ୍ରାପ୍ତ ଶିକ୍ଷକ ହରେକୃଷ୍ଣ ଯୋଶୀ, ସୁବାସ ଚନ୍ଦ୍ର ଅଗ୍ରୱାଲ ଓ ବିଷ୍ଣୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱନାଥପୁର ସଞ୍ଚ ପ୍ରମୁଖ ଗିରିଧାରୀ ଚଣ୍ଡୀ ଓ ଲାଞ୍ଜିଗଡ଼ ସଞ୍ଚ ପ୍ରମୁଖ ମନୋଜ କୁମାର ନାଏକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଭାଷା, ଗଣିତ, ସାମାଜିକ ଜ୍ଞାନ ବିଜ୍ଞାନ, ସଂସ୍କାର, ସ୍ୱାସ୍ଥ୍ୟ, ଶାରୀରିକ, ହସ୍ତଶିଳ୍ପକୁ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ବିଶ୍ୱନାଥପୁର ଓ ଲାଞ୍ଜିଗଡ଼ ସଞ୍ଚ ଅଧୀନରେ ଥିବା ୬୦ ଟି ବନବାସୀ ବିଦ୍ୟାଳୟର ପ୍ରଶିକ୍ଷକ ଭାବେ ଡମ୍ବରୁଧର ମାଝୀ, ଘନଶ୍ୟାମ ମାଝୀ, ଗିରିଧାରୀ ଚଣ୍ଡୀ ଓ ମନୋଜ କୁମାର ନାଏକ ତାଲିମ ପ୍ରଦାନ କରିଥିଲେ। ଆଜି ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ବିଶ୍ୱନାଥପୁର ସଞ୍ଚ ସଭାପତି ଟଙ୍କାଧର ପ୍ରଧାନୀ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାବେ ଅଞ୍ଚଳ ଅଭିଯାନ ପ୍ରମୁଖ ବିଷ୍ଣୁ ଷଣ୍ଢ, ଗ୍ରାମସ୍ତରୀୟ ସଞ୍ଚ ପ୍ରମୁଖ ଶ୍ୟାମ ସୁନ୍ଦର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ବ୍ଲକ ଆଦିବାସୀ ସଭାପତି ସୁକ୍ରୁ ମାଝୀ, ଶିକ୍ଷକ ହରିଚଣ୍ଡୀ, ମାଧବ ନନ୍ଦ ଗିରି, ବିଶି କେସନ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଡମ୍ବରୁ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।



# କେସିଙ୍ଗା ଡାକ୍ତରଖାନାର ବିଭିନ୍ନ ସମସ୍ୟା ନେଇ ଦାବିପତ୍ର



**କେସିଙ୍ଗା, ୩।୧(ସମିସ)**

କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ଥିବା ମେଡିକାଲର ବିଭିନ୍ନ ସମସ୍ୟାକୁ ନେଇ କେସିଙ୍ଗାର ଯୁବ ସଂଗଠକ ସୁରେଶ ରାଓ ଭୁବନେଶ୍ୱରଠାରେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ଗୁରୁଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ କେସିଙ୍ଗା ମେଡିକାଲରେ ଖାଲି ପଡ଼ିଥିବା ଥିବା ବିଶେଷଜ୍ଞ ଡାକ୍ତର ପଦପୂରଣ ସାଙ୍ଗକୁ ମେ'ରେ ଠପ୍ ପଡ଼ିଥିବା ଅତିଜରୁରୀ ସେବା ଗୁଡ଼ିକୁ ଯଥାଶୀଘ୍ର ପୂରଣ କରି ଲୋକଙ୍କ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ଅନୁରୋଧ କରାଯାଇଛି। ଦାବିପତ୍ରରେ ମୁଖ୍ୟତଃ ପ୍ରସୂତି ମହିଳାଙ୍କ ପାଇଁ ହେଉଥିବା ସମସ୍ୟା ଯଥା ଏନେସେସିଆ ଡାକ୍ତରଙ୍କ ଅନୁପସ୍ଥିତ ଯୋଗୁଁ ବର୍ତ୍ତମାନ ସପ୍ତାହରେ ମାତ୍ର ଦୁଇଦିନ ସିଏସ ହେଉଛି ଫଳରେ ଅନେକ ଗର୍ଭବତୀ ମହିଳା ସମୟରେ ସିଏସ ସୁବିଧା ନପାଇ ଜରୁରୀ ହେଲେ ବେସରକାରୀ ମେଡିକାଲ୍‌କୁ ଯାଇ ସି ଏସ କରାଇ ଅନେକ ଖର୍ଚ୍ଚାନ୍ତ ହେଉଛନ୍ତି। ଏଠାରେ ପ୍ରକାଶ ଥାଉକି, କେସିଙ୍ଗା ମେଡିକାଲ ଉପରେ କେସିଙ୍ଗା ଏନଏସି ସମେତ ସମସ୍ତ କେସିଙ୍ଗା ବ୍ଲକ ଓ ଆଖପାଖର ତିନୋଟି ବ୍ଲକ ଓ ପଡ଼ୋଶୀ ବଲାଙ୍ଗିର ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳରର ଲକ୍ଷ୍ୟ ଲକ୍ଷ୍ୟ ଲୋକ ମେଡିକାଲ ସେବା ପାଇଁ କେସିଙ୍ଗା ମେଡିକାଲ ଉପରେ ନିର୍ଭର କରିଥାନ୍ତି। ଅନେକ ସମୟରେ ଅନେକ ଅସୁବିଧା ବିଷୟରେ ବିଭିନ୍ନ ଗଣମାଧ୍ୟମ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କିଛି ସମସ୍ୟାର ସମାଧାନ ହେଉନାହିଁ। ଦାବିପତ୍ର ଗ୍ରହଣ କରି ଯଥା ଶୀଘ୍ର ସମସ୍ୟା ଗୁଡ଼ିକର ସମାଧାନ କରାଯିବ ବୋଲି ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଥିବା ସୁରେଶ ରାଓ ପ୍ରକାଶ କରିଛନ୍ତି।

# ସାହିତ୍ୟିକ ଜନ୍ମେଜୟ ପାତ୍ରଙ୍କ ଅବର୍ତ୍ତମାନରେ ଶୋକସଭା

**ଭବାନୀପାଟଣା, ୩।୧(ସମିସ):** ବର୍ଷିୟାନ ସାହିତ୍ୟିକ, ବରିଷ୍ଠ କଳାକାର, ନାଟ୍ୟକାର ତଥା ଛାତ୍ର ବତ୍ସଳ ଶିକ୍ଷକ ଏବଂ କଳାହାଣ୍ଡି ଲେଖକ କଳା ପରିଷଦ ଜନ୍ମବେଦୀର ସାକ୍ଷୀ ଜନ୍ମେଜୟ ପାତ୍ରଙ୍କ(୮୬) ଧର୍ମଗଡ଼ ସ୍ଥିତ ବାସଭବନରେ ଦେହାବସାନ ହୋଇଛି। ସେ ଜଣେ ପ୍ରବୀଣ ଶିକ୍ଷକ, ଭାଷା ସାହିତ୍ୟରେ ଗଭୀର ପ୍ରବେଶ ଥିବା ଜଣେ ସୁସାହିତ୍ୟିକ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ଅବର୍ତ୍ତମାନରେ ସ୍ଥାନୀୟ ଲେଖକ କଳା ପରିଷଦ ସଭାଗୃହରେ ଏକ ଶୋକସଭା ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର, ଡ. ତପନ କୁମାର ରଥ, ପୂର୍ବତନ ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଆଶୁତୋଷ ପୁରୋହିତ, ତାପସ ପଟେଲ, ସୌରଭ ମହାପାତ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ।








# ଭେନେଜୁଏଲା ଉପରେ ଆକ୍ରମଣ କାହିଁକି

ମସ୍କୋ, ୩୧୧ (ଏଜେନ୍ସି): ସାରା ବିଶ୍ୱରେ ପୁଣି ଆମେରିକାର ଏକଚାଟିଆ ନୀତିକୁ ନିନ୍ଦା କରାଯାଉଛି । ଭେନେଜୁଏଲା ଉପରେ କରାଯାଇଥିବା ଆକ୍ରମଣର ଗମ୍ଭୀର ପ୍ରଭାବ ଆଞ୍ଚଳିକ ଏବଂ ବିଶ୍ୱର ସ୍ଥିରତା ଉପରେ ପଡ଼ିବ ବୋଲି ଦେଶଗୁଡ଼ିକୁ ୱାସିଂଟନକୁ ଚେତାବନୀ ଦେଇଛନ୍ତି । ଏପରି ସମୟରେ ଆମରିକା ନିଜ ଆକ୍ରମଣକୁ ପ୍ରାସଙ୍ଗିକ ଦର୍ଶାଇବାକୁ ପ୍ରୟାସ କରିଛି । ଦୀର୍ଘ ଦିନ ହେଲା ଆମେରିକା ଏବଂ ଭେନେଜୁଏଲା ମୁହାଁମୁହିଁ ସ୍ଥିତିରେ ଥିଲେ । କ୍ରମାଗତ ଭାବେ ସାମରିକ କାର୍ଯ୍ୟାନୁଷ୍ଠାନକୁ ଏଡ଼ାଇ ଚାଲିଥିବା ଆମେରିକା ଶୁକ୍ରବାର ରାତିରେ ଅଚାନକ ଆକ୍ରମଣ କରି ମାଦୁରୋଙ୍କୁ ହେପାଜତକୁ ନେଇଥିଲା । ଆମେରିକାକୁ ନିଶା, ପ୍ରବାସୀ ଚାଲାଣ କରି ଜାତୀୟ ଏବଂ ବିଶ୍ୱ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଥିବାରୁ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆର୍ଥିକ ସ୍ଥିତି ଭୁଶୁଡ଼ିବା ଏବଂ ରାଜନୈତିକ କାରଣ ଯୋଗୁଁ ୨୦୧୩ରୁ ଏ ପର୍ଯ୍ୟନ୍ତ ୮ ନିୟୁତ ଭେନେଜୁଏଲା ନାଗରିକ ଆମେରିକା ଆସିଛନ୍ତି । ମାଦୁରୋ ନିଜ ଜେଲରୁ ପାଗଳ ଏବଂ କଏଦୀଙ୍କୁ ଆମେରିକା ତଡୁଛନ୍ତି । ସେହିପରି ଭେନେଜୁଏଲା ଦେଇ ବିପୁଳ କୋକେନ ଏବଂ ଫେଣ୍ଟାନାଇଲ ଆମେରିକାରେ ପହଞ୍ଚୁଛି । ଏଥିରେ ଭେନେଜୁଏଲାରେ ଦୁଇଟି କାର୍ଟେଲ ସାମିଲ ରହିଛି । ମାଦୁରୋ ଏହାର ନେତୃତ୍ୱ ନେଉଥିବା ଟ୍ରମ୍ପ ଅଭିଯୋଗ କରୁଛନ୍ତି । ଏଥିରୁ ମୁକ୍ତି ଦେବା ପାଇଁ ଆକ୍ରମଣକୁ ଆମେରିକା ବୈଧ ଦର୍ଶାଇଛି ।

ଅନ୍ୟପଟେ ରୁଷ, ଇରାନ, ଆର୍ଜେଣ୍ଟିନା, କ୍ୟୁବା, ସ୍ପେନ, କଲମ୍ବିଆ, ଜର୍ମାନୀ, ବଲିଭିଆ, ମେକ୍ସିକୋ ପ୍ରମୁଖ ଦେଶ ଏହାକୁ ବିରୋଧ କରିଛନ୍ତି । ରୁଷ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି) ର ଜରୁରୀ ବୈଠକ ଡାକିଛି । ଲାଟିନ ଆମେରିକୀୟ ଦେଶ ଏଥିପାଇଁ ଦେଇଥିବା ଆହ୍ୱାନକୁ ରୁଷ ସମର୍ଥନ କରିଛି । ରୁଷ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ସଶସ୍ତ୍ର କାର୍ଯ୍ୟାନୁଷ୍ଠାନର କୌଣସି ବୈଧ କାରଣ ନ ଥିଲା । ଏହା କୌଣସି ଦୃଷ୍ଟିରୁ ଗ୍ରହଣଯୋଗ୍ୟ ନୁହେଁ । ଏଭଳି ଆକ୍ରମଣ ଗମ୍ଭୀର ଚିନ୍ତାର ବିଷୟ ଏବଂ ନିନ୍ଦନୀୟ । ଏହାକୁ ବୈଧ ଦର୍ଶାଇବା ପାଇଁ କରାଯାଉଥିବା ସମସ୍ତ ପ୍ରୟାସ ଅଯୌକ୍ତିକ ଏବଂ ଆଧାରହୀନ । ଆଦର୍ଶଗତ ପ୍ରତିଶୋଧ ଉପରେ ବ୍ୟବସାୟୀକ ଉଦ୍ଦେଶ୍ୟ ଭାରି ପାଲଟି ଯାଇଛି ବୋଲି ରୁଷ ପକ୍ଷରୁ କୁହାଯାଇଛି ।

## ବସ୍ ଡ୍ରାଇଭରରୁ ରାଷ୍ଟ୍ରପତି



ୱାସିଂଟନ, ୩୧୧ (ଏଜେନ୍ସି): ଗତ ୧୩ ବର୍ଷ ହେଲା ଭେନେଜୁଏଲାର ଶାସନ ଗାଦିରେ ବସିଥିବା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଆମେରିକା ବନ୍ଦୀ କରି ନେଇଛି । ଏବେ ସେ କେଉଁଠି ଅଛନ୍ତି ତାହା ଜଣ ପଡ଼ି ନ ଥିବାବେଳେ ଜୀବନ ଯାତ୍ରାକୁ ନେଇ ମାଦୁରୋ ଚର୍ଚ୍ଚାରେ ଅଛନ୍ତି । ୧୯୬୨ ନଭେମ୍ବର ୨୩ରେ ରାଜଧାନୀ କାରକାସର ଏକ ଶ୍ରମିକ ପରିବାର ଜନ୍ମିତ ମାଦୁରୋ ପ୍ରଥମେ କ୍ଷମତା କେନ୍ଦ୍ରଠାରୁ ବହୁତ ଦୂରରେ ଥିଲେ । ସେ ସୀମିତ ସମୟ ମଧ୍ୟରେ ବିଶ୍ୱର ସବୁଠାରୁ ଅଧିକ ତୈଳ ଭଣ୍ଡାର ଥିବା ଦେଶର ନେତୃତ୍ୱ ନେଇ ପାରିଥିଲେ । ମାଦୁରୋ ବସ୍ ଡ୍ରାଇଭର ଭାବେ କ୍ୟାରିୟର ଆରମ୍ଭ କରିଥିଲେ । ପରେ ମେଟ୍ରୋ ୟୁନିଅନର ନେତା ହୋଇଥିଲେ । ସେ ୧୯୯୯ ରେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ । ଘନିଷ୍ଠ ସହଯୋଗୀ ହ୍ୟୁଗୋ ଚାଭେଜ ତାଙ୍କ ରାଜନୈତିକ କ୍ୟାରିୟରକୁ ଗତି ଦେଇଥିଲେ ।

ମାଦୁରୋ ୨୦୦୬ରୁ ୨୦୧୩ ପର୍ଯ୍ୟନ୍ତ ଭେନେଜୁଏଲା ବୈଦେଶିକ ମନ୍ତ୍ରୀ ହୋଇଥିଲେ । ଏହି ସମୟରେ ସେ ଆଞ୍ଚଳିକ ସଂଗଠନ ଆଲ୍‌ବା ଏବଂ ସେଲାକ ଆଦି ଗଠନ କରିଥିଲେ । ୨୦୧୨ରେ ଉପ-ରାଷ୍ଟ୍ରପତି ଭାବେ ମାଦୁରୋ ଦାୟିତ୍ୱ ଗ୍ରହଣ କରିଥିଲେ । ଚାଭେଜଙ୍କ ମୃତ୍ୟୁ ପରେ ସେ ୨୦୧୩ରେ ଅନ୍ତରୀଣ ରାଷ୍ଟ୍ରପତି ନିଯୁକ୍ତ ହୋଇଥିଲେ । ସେହି ବର୍ଷ ଅନୁଷ୍ଠିତ ନିର୍ବାଚନରେ ସେ ବହୁତ କମ୍ ଭୋଟରେ ବିଜୟୀ ହୋଇଥିଲେ । ସେବେଠାରୁ ଏ ପର୍ଯ୍ୟନ୍ତ ସେ କ୍ଷମତାରେ ଅଛନ୍ତି । କ୍ରମାଗତ ଭାବେ ତାଙ୍କ ବିରୋଧରେ ନିର୍ବାଚନରେ ଜାଲିଆତି ଅଭିଯୋଗ ଲାଗି ଆସୁଛି । ଏହି ସମୟରେ ଭେନେଜୁଏଲା ଉପରେ ଆମେରିକା ଏବଂ ଅନ୍ୟ ଅନ୍ତର୍ଜାତୀୟ କଟକଣା ଲଗାଇ ଥିଲା । ଏଥିଯୋଗୁଁ ଅର୍ଥନୀତି ଭୁଶୁଡ଼ି ଯାଇଥିଲା । ଦେଶରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା ଏବଂ ଭେନେଜୁଏଲା ପ୍ରାୟ ଏକଘରିକିଆ ହୋଇଯାଇଥିଲା ।

ମାଦୁରୋଙ୍କ ବ୍ୟକ୍ତିଗତ ସମ୍ପତ୍ତିକୁ ନେଇ ସର୍ବଦା ବିଶ୍ୱରେ ଚର୍ଚ୍ଚା ହେଉଛି । ଆର୍ଥିକ ସ୍ୱଚ୍ଛତା ନ ଥିବାରୁ ତାଙ୍କ ସମ୍ପତ୍ତି ବିବାଦର ପ୍ରସଙ୍ଗ ପାଲଟି ଯାଇଛି । ଯେତିକି ଘୋଷଣା ହୋଇଛି ତା ତୁଳନାରେ ମାଦୁରୋଙ୍କ ଅମାପ ସମ୍ପତ୍ତି ରହିଥିବା କୁହାଯାଉଛି । ସେ ଅନେକ ଦୁର୍ନୀତିରେ ମଧ୍ୟ ଲିପ୍ତ ରହିଛନ୍ତି । ସରକାରୀ ସୂଚନା ଅନୁଯାୟୀ, ମାଦୁରୋଙ୍କ ସମ୍ପତ୍ତି ୨ ନିୟୁତ ଡଲାର ରହିଛି । ରାଷ୍ଟ୍ରପତି ଭାବେ ତାଙ୍କୁ ମାସକୁ ୪ ହଜାର ଡଲାର ଦରମା ମିଳୁଥିଲା । କିନ୍ତୁ ନିର୍ଦ୍ଦେଶ ନ ମାନିବାରୁ ଆମେରିକା କ୍ରମାଗତ ଭାବେ ମାଦୁରୋଙ୍କ ବିରୋଧୀ ରହି ଆସିଛି । ୨୦୨୦ ମାର୍ଚ୍ଚରେ ସେ ଆମେରିକାକୁ ନିଶା ଚାଲାଣ କରୁଥିବା ଅଭିଯୋଗ ଲଗା ଯାଇଥିଲା ।

# ବାଂଲାଦେଶରେ ଅରାଜକତା: ଆଖି ବୁଜିଲେ ଗୁରୁତର ହିନ୍ଦୁ ବ୍ୟବସାୟୀ

ଢାକା,୩୧୧(ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ଖାସ୍ କରି ହିନ୍ଦୁଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ବାଂଲାଦେଶରେ ଆଉ ଜଣେ ହିନ୍ଦୁ ବ୍ୟକ୍ତି ଖୋକନ ଚନ୍ଦ୍ର ଦାସ ଭିଡ଼ ହତ୍ୟାର ଶିକାର ହୋଇଛନ୍ତି । କିଛିଦିନ ତଳେ ତାଙ୍କୁ କେତେକ ଲୋକ ଏକାଠି ହୋଇ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ ଓ ପରେ ତାଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ । ଢାକା ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶନିବାର ସେ ମୃତ୍ୟୁବରଣ କରିଛନ୍ତି । ଢାକାଠାରୁ ୧୫୦ କିମି ଦୂରରେ ଥିବା ତାଙ୍କ ଗାଁରେ ଖୋକନ ଔଷଧ ଓ ମୋବାଇଲ ବ୍ୟାଙ୍କିଙ୍ଗ୍ ବ୍ୟବସାୟ କରୁଥିଲେ । ବୁଧବାର ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା ଓ ନିଆଁ ଲଗାଇ ତାଙ୍କୁ ପୋଡି ଦେବାକୁ ଭିଡ଼ ଚେଷ୍ଟା କରିଥିଲା । କିନ୍ତୁ ସେ ପୋଖରୀକୁ ଡେଇଁ ଦେହରେ ଲାଗିଥିବା ନିଆଁକୁ ଲିଭାଇବାରେ ସକ୍ଷମ ହୋଇଥିଲେ । ଏହାପରେ ଆକ୍ରମଣକାରୀମାନେ ସେଠାରୁ ପଳାଇଯାଇଥିଲେ । ପ୍ରଥମେ ତାଙ୍କୁ ନିକଟସ୍ଥ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏହାପରେ ଡାକ୍ତରମାନେ ତାଙ୍କୁ ଢାକାର ଏକ ବଡ଼ ହସ୍ପିଟାଲକୁ ପଠାଇବାକୁ ନିଷ୍ପତ୍ତି ନେଇଥିଲେ । ଶେଷରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ସେ ମୃତ୍ୟୁବରଣ କରିଛନ୍ତି । ସେ ଅଞ୍ଚଳରେ ଖୋକନଙ୍କ କେହି ଶତ୍ରୁ ନଥିବା ବେଳେ ତାଙ୍କୁ କାହିଁକି ଆକ୍ରମଣ କରାଗଲା ବୋଲି ତାଙ୍କ ପତ୍ନୀ ସୀମା ଦାସ ପ୍ରଶ୍ନ କରିଛନ୍ତି । ଆକ୍ରମଣକାରୀମାନେ ମୁସଲମାନ ହୋଇଥିବା ବେଳେ ପରିବାରକୁ ସାହାଯ୍ୟ କରିବା ପାଇଁ ସୀମା ସରକାର ଓ ପୁଲିସକୁ ନିବେଦନ କରିଛନ୍ତି । ଦୁଇଜଣ ଆକ୍ରମଣକାରୀଙ୍କୁ ଚିହ୍ନଟ କରିବା କାରଣରୁ ଖୋକନଙ୍କୁ ପୋଡି ଦିଆଯାଇଥିଲା ବୋଲି ସୀମା ଅଭିଯୋଗ କରିଛନ୍ତି । ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଅନ୍ତରୀଣ ସରକାରଙ୍କ କାର୍ଯ୍ୟକାଳରେ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ତୀବ୍ରତର ହେବାରେ ଲାଗିଛି । ଗତ ୧୫ ଦିନ ମଧ୍ୟରେ ବାଂଲାଦେଶରେ ଦ୍ୱିତୀୟ ହିନ୍ଦୁ ବ୍ୟକ୍ତିଙ୍କୁ ପୋଡି ଓ ମୋଟ ଉପରେ ୪ ହିନ୍ଦୁ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି । ପୂର୍ବରୁ ଡିସେମ୍ବର ୧୮ରେ ମେମନସିଂ ଜିଲ୍ଲାରେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁଙ୍କୁ ପିଟିପିଟି ମାରିଦିଆଯାଇଥିଲା ଓ ଏହାପରେ ତାଙ୍କ ମୃତଦେହକୁ ଗଛରେ ଓହଳାଇ ପୋଡିଦିଆଯାଇଥିଲା ।

**ଆକ୍ରମଣ କରି ନିଆଁ ଲଗାଇ ଦେଇଥିଲେ ଚରମପନ୍ଥୀ**

**୧୫ ଦିନରେ ୪ ହିନ୍ଦୁ ହତ୍ୟାର ଶିକାର**



# ୧୨୭ ବର୍ଷ ପରେ ଭାରତକୁ ଅଣାଗଲା ବୁଦ୍ଧଙ୍କ ପବିତ୍ର ଅବଶେଷ

ନୂଆଦିଲ୍ଲୀ,୩୧୧(ଏଜେନ୍ସି): ଦୀର୍ଘ ୧୨୭ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି । ଶେଷରେ ଭଗବାନ ବୁଦ୍ଧଙ୍କ ଅବଶେଷ ଭାରତକୁ ଅଣାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଏ ନେଇ ଘୋଷଣା କରିଛନ୍ତି । ଏହା ଆମ ପାଇଁ ଗର୍ବ, ଗୌରବ ଓ ଆନନ୍ଦର ବିଷୟ ବୋଲି ସେ କହିଛନ୍ତି । ଏହାକୁ ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ଏକ ଗୌରବର ବିଷୟ ବୋଲି ସେ କହିଛନ୍ତି । ଏହା ବିକାଶ ଓ ଐତିହ୍ୟର ଭାବନାକୁ ପ୍ରତିଫଳିତ କରେ ଓ ଏହାର ଆଧ୍ୟାତ୍ମିକ ପରମ୍ପରାକୁ ସଂରକ୍ଷଣ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ବୁଦ୍ଧଙ୍କର ଏହି ଅବଶେଷ ୧୮୯୮ ରେ ଉତ୍ତରପ୍ରଦେଶର ପିପ୍ରାହୱା ସ୍ତୁପ ଖନନ ବେଳେ ବ୍ରିଟିଶ ଅଧିକାରୀ ୱିଲିୟମ କ୍ଲାକ୍ସଟନ ପାପେ ଆବିଷ୍କୃତ କରିଥିଲେ ଓ ଏହାକୁ ଭାରତ ବାହାରକୁ ପଠାଯାଇଥିଲା । ଏଥିରେ ଝାଡ଼ଖଣ୍ଡ, ସ୍ଫଟିକ ପାତ୍ର, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ନୈବେଦ୍ୟ ଅନ୍ତର୍ଭୁକ୍ତ ଥିଲା । ଏଗୁଡିକୁ ବୌଦ୍ଧ ପରମ୍ପରା ଅନୁଯାୟୀ ସ୍ତୂପରେ ରଖାଯାଇଥିଲା । ଏକ ବ୍ରାହ୍ମୀ ଶିଳାଲିପି ଅନୁଯାୟୀ ଏହି ଅବଶେଷ ଶାକ୍ୟ ବଂଶର ରାଜାମାନଙ୍କ ଦ୍ୱାରା ଭଗବାନ ବୁଦ୍ଧଙ୍କ ପ୍ରତି ସମର୍ପିତ ଥିଲା । ଏଗୁଡିକ ବୁଦ୍ଧଙ୍କ ପରିବାରର ଥିଲା । ଦିଲ୍ଲୀର ରାୟ ପିଥୋରା ସାଂସ୍କୃତିକ ପରିସରରେ ଭଗବାନ ବୁଦ୍ଧଙ୍କ ସହିତ ଜଡିତ ପବିତ୍ର ମୂର୍ତ୍ତି, ଅବଶେଷ ପ୍ରଦର୍ଶନୀରେ ରଖାଯାଇଛି । ପ୍ରଧାନମନ୍ତ୍ରୀ ଏହି ପ୍ରଦର୍ଶନୀକୁ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି । ପିପ୍ରାହୱା ଅବଶେଷଗୁଡିକ ହେଉଛି ଭଗବାନ ବୁଦ୍ଧଙ୍କ ସହିତ ଜଡିତ ପବିତ୍ର ଓ ପ୍ରତ୍ନତାତ୍ତ୍ୱିକ କଳାକୃତି । ବିଶ୍ୱାସ କରାଯାଏ ଯେ, ଏହି ଅବଶେଷରେ ବୁଦ୍ଧଙ୍କ ସହିତ ଜଡିତ ହାଡ଼ (ଧାତୁ ଅବଶେଷ) ଓ ପ୍ରାଚୀନ ବସ୍ତୁ ରହିଛି । ଏଗୁଡିକୁ ତାଙ୍କ ମହାନିର୍ବାଣ ପରେ ବିଭିନ୍ନ ସ୍ଥାନରେ ରଖାଯାଇଥିଲା ।

# 'ବିଜେପିକୁ ଆର୍‌ଏସ୍‌ଏସ୍ ନିୟନ୍ତ୍ରଣ କରେନି'

ଭୋପାଳ,୩୧୧(ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ପୁଣିଥରେ ବିଜେପି ଓ ବିଶ୍ୱ ହିନ୍ଦୁ ପରିଷଦ ନେଇ ଆଭିମୁଖ୍ୟ ଓ ମତ ସ୍ପଷ୍ଟ କରିଛନ୍ତି । ବିଜେପି ଓ ବିଶ୍ୱ ହିନ୍ଦୁ ଦୃଷ୍ଟିକୋଣରୁ ଆରଏସ୍‌ଏସ୍‌କୁ ବୁଝିବା ଭୁଲ । ସବୁ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରୁଛନ୍ତି । ସଂଘ କାହକୁ ନିୟନ୍ତ୍ରଣ କରେ ନାହିଁ । ସଂଘର ଉଦ୍ଦେଶ୍ୟ କ୍ଷମତା, ଟିକଟ କିମ୍ବା ନିର୍ବାଚନ ନୁହେଁ । ଆରଏସ୍‌ଏସ୍ ଉନ୍ନତ ସମାଜ ଗଠନ ଓ ଚରିତ୍ର ନିର୍ମାଣକୁ ଗୁରୁତ୍ୱ ଦେଇଥାଏ ବୋଲି ସେ କହିଛନ୍ତି । ଭୋପାଳରେ ଆରଏସ୍‌ଏସ୍‌ର ୧୦୦ ବର୍ଷ ପୂର୍ତ୍ତି ପାଳନ ନେଇ ଆୟୋଜିତ 'ପମୂଖ ଜନଗୋଷ୍ଠୀ' କାର୍ଯ୍ୟକ୍ରମରେ ଯୋଗ ଦେଇ ଭାଗବତ କହିଛନ୍ତି ଯେ, ଆମେ ସ୍ୱତନ୍ତ୍ର ପୋଷାକ ପିନ୍ଧୁଛୁ ଓ ଲାଠିକୁ ନେଇ ଅଭ୍ୟାସ କରୁଛୁ । ଏଭଳି ସ୍ଥିତିରେ ଯଦି କିଏ ଆରଏସ୍‌ଏସ୍‌କୁ ଏକ ଅର୍ଦ୍ଧ ସାମରିକ ବାହିନୀ ବୋଲି ବିଚାର କରେ ତାହା ଭୁଲ ବୋଲି ସେ ସ୍ପଷ୍ଟ କରିଛନ୍ତି । ଆମ ମଧ୍ୟରେ ମତ-ପନ୍ଥ, ସମ୍ପ୍ରଦାୟ, ଭାଷା ଓ ଜାତି ଭିନ୍ନ ହୋଇପାରେ । କିନ୍ତୁ ଏହା ସତ୍ତ୍ୱେ ହିନ୍ଦୁ ପରିଚୟ ଆମକୁ ଏକାଠି କରିଥାଏ । ଆମର ସଂସ୍କୃତି ଗୋଟିଏ, ଧର୍ମ ଗୋଟିଏ, ପୂର୍ବଜ ମଧ୍ୟ ସମାନ ।

## ୭ ଇମ୍ରାନ ସମର୍ଥକଙ୍କୁ ଆଜୀବନ କାରାଦଣ୍ଡ

ଇସଲାମାବାଦ୍,୩୧୧(ଏଜେନ୍ସି): ପାକିସ୍ତାନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ୭ ଜଣ ସମର୍ଥକଙ୍କୁ ଏକ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛି । ୨୦୨୩ ଇମ୍ରାନ ଗିରଫ ହେବା ପରେ ହିଂସକ ପ୍ରଦର୍ଶନ ସହିତ ଏହି ମାମଲା ଜଡିତ । ଏହି ୭ ଜଣଙ୍କ ଉପରେ ଦେଶର ବିଭିନ୍ନ ପ୍ରତିଷ୍ଠାନ ବିରୋଧରେ ଡିଜିଟାଲ ଆତଙ୍କବାଦରେ ଲିପ୍ତ ରହିବାର ଅଭିଯୋଗ କରାଯାଇଥିଲା । କୋର୍ଟ କହିଛନ୍ତି ଯେ, ପ୍ରତିବାଦ ସମୟରେ ଏମାନେ ହିଂସା ଓ ଅଶାନ୍ତି ସୃଷ୍ଟି କରିବା ପାଇଁ ଅନ୍‌ଲାଇନ ପ୍ଲାଟଫର୍ମ ତଥା ସାମାଜିକ ଗଣମାଧ୍ୟମରେ ଦୁରୁପଯୋଗ କରିଥିଲେ । ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ୟୁଟ୍ୟୁବର ଆଦିଲ ରାଜା, ସାମ୍ବାଦିକ ୱାଜହତ ସଇଦ ଖାନ୍, ସାବିର ସାକିର ସେହବାଇ, ଟେଲିଭିଜନ ଉପସ୍ଥାପକ ହାଇଦର ରାଜା ମେହେଦି, ବିଶ୍ଳେଷକ ମୋଇଦା ପିରଜାଦା ଏବଂ ପୂର୍ବତନ ସେନା ଅଧିକାରୀ ଆକବର ହୁସେନ ଅନ୍ତର୍ଭୁକ୍ତ ।

## ଚୀନ୍ କଥାରେ ହଁ ମାରିଲା ପାକିସ୍ତାନ

ବେଜିଂ/ଇସଲାମାବାଦ୍,୩୧୧(ଏଜେନ୍ସି): 'ଅପରେସନ ସିନ୍ଦୂର' ଅବସରରେ ଚୀନର ମଧ୍ୟସ୍ଥତା ଦାବିକୁ ପାକିସ୍ତାନ ସ୍ୱୀକାର କରିବା ସହ ସମର୍ଥନ କରିଛି । ଅର୍ଥାତ ଚୀନକୁ ପାକିସ୍ତାନ ଅସ୍ତ୍ରବିରତିର ଶ୍ରେୟ ଦେବାକୁ ପଛାଇନାହିଁ । ଚୀନ୍‌ର ଦାବି ସହିତ ଜଡିତ ଏକ ପ୍ରଶ୍ନର ଉତ୍ତର ଦେବା ଅବସରରେ ପାକିସ୍ତାନ ବିଦେଶ ମନ୍ତ୍ରଣାଳୟର ପ୍ରବକ୍ତା ତାହିର ଆନ୍ଦ୍ରେବୀ ଏ ନେଇ ସୂଚନା ଦେଇଛନ୍ତି । ଅପରେସନ ସିନ୍ଦୂର ବେଳେ ଚୀନ୍‌ର ନେତାମାନେ ପାକିସ୍ତାନ ନେତୃତ୍ୱ ସହ ଲଗାତର ସମ୍ପର୍କରେ ଥିଲେ । ସେହିପରି ସେମାନେ ଭାରତୀୟ ନେତୃତ୍ୱସହ ମଧ୍ୟ କିଛି କଥାବାର୍ତ୍ତା କରିଥିଲେ । ଫଳରେ ଏହି ଅଞ୍ଚଳରେ ଉତ୍ତେଜନା କମ୍ ହୋଇଥିଲା ଏବଂ ଶାନ୍ତି, ସୁରକ୍ଷାକୁ ଫେରାଇଆଣିବାରେ ଏହା ବେଶ ସହାୟ ହୋଇଥିଲା । ତେଣୁ ଚୀନ୍‌ର ଏହି ଦାବି ଆଦୌ ମିଥ୍ୟା ନୁହେଁ ବୋଲି ଆନ୍ଦ୍ରେବୀ କହିଛନ୍ତି ।

## ୟୁକ୍ରେନ ଯୁଦ୍ଧରେ ଜଳନ୍ଧରର ଯୁବକ ସହିଦ

ଜଳନ୍ଧର,୩୧୧(ଏଜେନ୍ସି): ୪ ବର୍ଷ ଧରି ଚାଲିଆସୁଥିବା ରୁଷ- ୟୁକ୍ରେନ ଯୁଦ୍ଧରେ ପଞ୍ଜାବ ଜଳନ୍ଧରର ଗୋରାୟାର ଜଣେ ଯୁବକ ସହିଦ ହୋଇଛନ୍ତି । ଟ୍ରାଭେଲ ଏଜେଣ୍ଟମାନେ ତାଙ୍କୁ ପ୍ରଲୋଭିତ କରି ରୁଷ ନେଇଯାଇଥିଲେ ଓ ସେଠାରେ ତାଙ୍କୁ ବଳପୂର୍ବକ ରୁଷ୍ ସେନାରେ ଭର୍ତ୍ତି କରିଥିଲେ । କିଛିମାସ ଧରି ନିଖୋଜ ରହିବା ପରେ ତାଙ୍କୁ ମୃତଦେହକୁ ଏବେ ଭାରତ ଫେରାଇ ଅଣାଯାଇଛି । ଏହି ଯୁବକ ହେଉଛନ୍ତି ୩୦ ବର୍ଷୀୟ ମନଦୀପ କୁମାର । ଦୀର୍ଘଦିନ ଧରି ରୁଷ୍‌ରେ ରହି ସେ ଏକ ଉନ୍ନତ ଭବିଷ୍ୟତ ଓ ନିଯୁକ୍ତିର ସ୍ୱପ୍ନ ଦେଖୁଥିଲେ । ତାଙ୍କ ପରିବାରର ସଦସ୍ୟମାନେ କହିଛନ୍ତି ଯେ, ମନଦୀପ ଟ୍ରାଭେଲ ଏଜେଣ୍ଟଙ୍କ ପ୍ରତାରଣାର ଶିକାର ହୋଇଥିଲେ । ତାଙ୍କୁ ଚାକିରିର ମିଥ୍ୟା ପ୍ରତିଶ୍ରୁତି ଦେଇ ରୁଷ୍ ପଠାଯାଇଥିଲା । କିନ୍ତୁ ସେଠାରେ ପହଞ୍ଚିବା ପରେ ସ୍ଥିତି ବଦଳିଯାଇଥିଲା ।

## ଗାନ୍ଧୀନଗରରେ ଟାଇଫଏଡ୍: ହସ୍ପିଟାଲରେ ୧୦୦

ଗାନ୍ଧୀନଗର, ୩୧୧(ଏଜେନ୍ସି): ଗାନ୍ଧୀନଗରରେ ଟାଇଫଏଡ ଅର୍ଥାତ ଆନ୍ତ୍ରିକ ଜ୍ୱରରେ ୧୦୦ରୁ ଅଧିକ ଲୋକ ସଂକ୍ରମିତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଗାନ୍ଧୀନଗର ସିଭିଲ ହସ୍ପିଟାଲରେ ଛୋଟପିଲାଙ୍କ ସମେତ ୧୦୪ ଜଣ ଭର୍ତ୍ତି ହେବା ପରେ ଗୁଜରାଟ ଉପ-ମୁଖ୍ୟମନ୍ତ୍ରୀ ହର୍ଷ ସାଂଘଭି ଶନିବାର ସ୍ଥିତି ସମୀକ୍ଷା କରିଛନ୍ତି । ଗତ ୩ ଦିନରେ ସିଭିଲ ହସ୍ପିଟାଲରେ ଟାଏଫଏଡ ମାମଲା ବୃଦ୍ଧି ପାଇଛି । ସବୁ ରୋଗୀଙ୍କୁ ଶିଶୁ ଭବନରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି ବୋଲି ଅଧିକାରୀମାନେ କହିଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଜିଲ୍ଲାପାଳଙ୍କ ସହ ଫୋନ୍‌ରେ ୩ଥର ପରିସ୍ଥିତି ବିଷୟରେ ଆଲୋଚନା କରିଛନ୍ତି । ରୋଗୀଙ୍କ ଚିକିତ୍ସା କରିବାକୁ ୨୨ଜଣ ଡାକ୍ତରଙ୍କୁ ନେଇ ଟିମ୍ ଗଠନ କରାଯାଇଛି ।

## ସୋମବାର ଉମରଙ୍କ ଜାମିନ ନେଇ ରାୟ ଦେବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୩୧୧(ଏଜେନ୍ସି): ଦିଲ୍ଲୀ ଦଙ୍ଗା ମାମଲାରେ ସୁପ୍ରିମକୋର୍ଟ ସୋମବାର ଉମର ଖାଲିଦ, ଶର୍ଜିଲ ଇମାମ, ଫାତିମା, ମୀରାନ ହାଇଦର ଓ ସିଫା ଉର ରହମାନଙ୍କ ଜାମିନ ଆବେଦନ ନେଇ ବଡ଼ ରାୟ ପ୍ରଦାନ କରିବେ । ଏମାନେ ଗତ ୪ ବର୍ଷ ହେବ ଜେଲ୍‌ରେ ରହିଆସୁଛନ୍ତି । ୨୦୨୦ ଫେବୃଆରୀ ହୋଇଥିବା ଦିଲ୍ଲୀ ଦଙ୍ଗା ପାଇଁ ଏମାନେ ବଡ଼ ଷଡ଼ଯନ୍ତ୍ର କରିଥିଲେ ବୋଲି ଅଭିଯୋଗ ହୋଇଥିଲା । ଜଷ୍ଟିସ ଅରବିନ୍ଦ କୁମାର ଓ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ମାମଲାରେ ଅଭିଯୁକ୍ତଙ୍କ ଅନେକ ଆବେଦନ ଉପରେ ରାୟ ଘୋଷଣା କରିବେ । ନ୍ୟୁୟର୍କର ନବ ନିର୍ବାଚିତ ମେୟର ଜୋହରାନ ମମ୍‌ଦାନୀଙ୍କ ଦ୍ୱାରା ଉମର ଖାଲିଦଙ୍କୁ ସମ୍ବୋଧିତ କରି ଏକ ଚିଠି ଇଣ୍ଟରନେଟ ଓ ସାମାଜିକ ଗଣମାଧ୍ୟମରେ ବିବାଦ ସୃଷ୍ଟି କରିବା ପରେ ଓ ବିଜେପିର ମନ୍ତ୍ରୀମାନଙ୍କ ପ୍ରତିକ୍ରିୟା ପ୍ରକାଶ ହେବା ପରେ ଜାମିନ ଆବେଦନକୁ ନେଇ ସୁପ୍ରିମକୋର୍ଟ ରାୟ ଦେବାକୁ ଯାଉଛନ୍ତି ।

## ମହାନଗର ନିଗମ ନିର୍ବାଚନ: ବିଜେପି-ଏନ୍‌ସିପି ତୁତୁମେଁମେଁ

ମୁମ୍ବଇ, ୩୧୧ (ଏଜେନ୍ସି): ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନକୁ ନେଇ କ୍ଷମତାସୀନ ମହାଯୁତି ମେଣ୍ଟ (ଏନଡିଏ)ରେ ତୁତୁ ମେଁମେଁ ଆରମ୍ଭ ହୋଇଛି । ଏହି ମେଣ୍ଟରେ ସାମିଲ ତିନି ଦଳ ପରସ୍ପର ସହ ଝଗଡ଼ାରେ ଲିପ୍ତ ରହି ଗୋହି ଖୋଲିବା ଆରମ୍ଭ କରିଦେଇଛନ୍ତି । ଶୁକ୍ରବାର ପିମ୍ପରି-ଚିଞ୍ଚୱାଡରେ ଏକ ସାମ୍ବାଦିକ ସମ୍ମିଳନୀ କରି ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ବିଜେପିକୁ ଘେରିଛନ୍ତି । ସେ କହିଥିଲେ ଯେ ଯେଉଁମାନେ ମୋ ଉପରେ ୭୦ ହଜାର କୋଟିର ଜଳସେଚନ ଦୁର୍ନୀତି ଅଭିଯୋଗ ଲଗାଇ ଥିଲେ ତାଙ୍କ ସହ ଆଜି ମୁଁ କ୍ଷମତାରେ ରହିଛି । ଖାଲି ଅଭିଯୋଗ ଲଗାଇ ଦେଲେ କେହି ଦୋଷୀ ହୋଇଯାଏନି । ଅଦାଲତରେ ଏହି ଅଭିଯୋଗକୁ ସାବ୍ୟସ୍ତ କରିବାକୁ ପଡ଼େ । ସେହିପରି କେଉଁ ଦଳ ଅପରାଧିକ ପୃଷ୍ଠଭୂମିରୁ ଆସୁଥିବା କେତେ ଲୋକଙ୍କୁ ଟିକଟ ଦେଇଛି ଏବଂ ପଳାତକଙ୍କୁ ସହାୟତା କରିଛି ତାହା ଜାଣିବା ପାଇଁ ୧୫ ବର୍ଷର ରେକର୍ଡ ଦେଖିବା ଉଚିତ । ଅନ୍ୟପଟେ ବିଜେପି ପ୍ରଦେଶ ଅଧ୍ୟକ୍ଷ ରବୀନ୍ଦ୍ର ଚୌହାନ ନିଜେ ନିଜକୁ ଦେଖିବା ପାଇଁ ଏନ୍‌ସିପି ମୁଖ୍ୟଙ୍କୁ କହିଛନ୍ତି ।


## ନିୟନ୍ତ୍ରୀତ ବଜାର କମିଟି, ଭଦ୍ରକ
## ଜିଲ୍ଲା - ଭଦ୍ରକ

ଏତଦ୍ ଦ୍ୱାରା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଭଦ୍ରକ ଅନ୍ତର୍ଗତ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା. ୦୫.୦୧.୨୦୨୬ ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି । ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୫-୨୬) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ତେଣୁ ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ (WSHG) ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ ।

"ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ । ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୂର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବ ।"

ସୋମବାର | ମଙ୍ଗଳବାର | ବୁଧବାର | ଶୁକ୍ରବାର | ଶନିବାର

ସମୟ - ସକାଳ ୮ଘଟିକାରୁ ଦିବା ୨ ଘଟିକା ମଧ୍ୟରେ ଧାନ ବିକ୍ରୟ କରି ପାରିବେ ।

### ଧାନର ଗୁଣାତ୍ମକ ମାନ

| କ୍ର.ନଂ | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍. ଏ. କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବୀକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଦୂଳି ଇତ୍ୟାଦି) | ୧.୦% |
| ୨. | ଜୈବୀକ ବାହ୍ୟ ପଦାର୍ଥ (କାଠି, କୁଟା, ଧୁଷ, ଅଗାଡ଼ି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା - ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ "ଏ" ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

-: ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା :-

| କ୍ର.ନଂ | (FAQ) ଧାନର ମାନ | କ୍ୱିଣ୍ଟାଲ ପ୍ରତି ଧାନର ସହାୟକ ମୂଲ୍ୟ |
|---|---|---|
| ୧. | ସାଧାରଣ ମାନ (Common FAQ) | ୩୧୦୦/- |



ଚଳିତ ବର୍ଷ ଧାନ କ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କ ମୋବାଇଲ ନମ୍ବର (SMS) ଜରିଆରେ ଚାଷୀମାନଙ୍କୁ ସେମାନଙ୍କର ବିକ୍ରୀଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ହେବା ପାଇଁ ବାର୍ତ୍ତା (ଅଗ୍ରୀମ ଟୋକନ୍) ପ୍ରେରଣ କରାଯିବ ଯାହାକି ୩୦ ଦିନ ବୈଧ ରହିବ । ଅଗ୍ରୀମ ଟୋକନ୍ ପାଇଲା ପରେ ସଂପୃକ୍ତ କ୍ରୟକାରୀ ପ୍ରାଥମିକ କୃଷି ସମବାୟ ସମିତି (PACS) ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ । ଚଳିତ ବର୍ଷ ଟୋକନ୍ ରେ ଦିଆଯାଇଥିବା ଦିନ ଓ ପରିମାଣର ଧାନ ନେଇ ଆସିଥିବା ଚାଷୀମାନଙ୍କ ଠାରୁ କ୍ରମାନ୍ୱୟ (FIFO) ରେ ଧାନ କ୍ରୟ କରାଯିବ । ବିନା ଟୋକନ୍ ରେ ମଣ୍ଡିକୁ ଧାନ ନ ଆଣିବା ପାଇଁ ଚାଷୀ ଭାଇମାନଙ୍କୁ ଅନୁରୋଧ ।

ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିଜର ନାମ ପଞ୍ଜିକରଣ ସମୟରେ ଦେଇଥିବା ଆଧାର ପରିଚୟପତ୍ର ଏବଂ ପ୍ରାପ୍ତହୋଇଥିବା ଟୋକନ୍ ଆଣିବେ । ରେଜିଷ୍ଟିଭୁକ୍ତ ଚାଷୀ ଭାଇଭଉଣୀମାନେ ତାଙ୍କର ପଞ୍ଜିକୃତ ହୋଇଥିବା ମୋ.ନଂ ରୁ ଟୋଲ୍ ଫ୍ରି ନଂ 1967 ଡାଏଲ କରି ତାଙ୍କର ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ, ଟୋକନ୍‌ର ସ୍ଥିତି ଏବଂ ଦେୟର ସ୍ଥିତି ପରିମାଣ ଜାଣିପାରିବେ ।

I.V.R.S ପଦ୍ଧତିରେ -
୫ ନମ୍ବର ଚୟନ କଲେ ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ ଜାଣିପାରିବେ ।
୬ ନମ୍ବର ଚୟନ କଲେ ଟୋକନ୍ ର ସ୍ଥିତି ଜାଣିପାରିବେ ।
୭ ନମ୍ବର ଚୟନ କଲେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଦେୟର ସ୍ଥିତି ଜାଣିପାରିବେ ।


ସା - ସଂପାଦକ
ନିୟନ୍ତ୍ରୀତ ବଜାର କମିଟି, ଭଦ୍ରକ

ସା - ଉପଜିଲ୍ଲାପାଳ ଭଦ୍ରକ ତଥା ଅଧ୍ୟକ୍ଷ
ନିୟନ୍ତ୍ରୀତ ବଜାର କମିଟି, ଭଦ୍ରକ


# କୁହୁଡ଼ି ପାଇଁ ରେଳ, ବିମାନ ଚଳାଚଳ ବାଧାପ୍ରାପ୍ତ

ନୂଆଦିଲ୍ଲୀ,୩୧୧(ଏଜେନ୍ସି): ଦେଶ ସାରା ଖାସ୍ କରି ଉତ୍ତର ଭାରତରେ ପ୍ରବଳ କୁହୁଡି ଜାରି ରହିଛି । ଫଳରେ ରେଳ ଓ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଶନିବାର ବହୁ ଟ୍ରେନ ବିଳମ୍ବ ହୋଇଥିବାରୁ ସୂଚନା ମିଳିଛି । ଖରାପ ପାଗ କାରଣରୁ ବହୁ ଟ୍ରେନ୍‌ର ଯାତ୍ରା ପୁନଃନିର୍ଦ୍ଧାରିତ କରାଯାଇଛି । ଇତିମଧ୍ୟରେ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ ସାମାଜିକ ଗଣମାଧ୍ୟମ ଏକ୍ସରେ ଏକ ପୋଷ୍ଟ କରି ଉଲ୍ଲେଖ କରିଛିଯେ, ଉତ୍ତର ଭାରତରେ କିଛି ବିମାନବନ୍ଦରରେ ଖରାପ ପାଗ କାରଣରୁ ଦୃଶ୍ୟମାନ ଦୂରତା ହ୍ରାସ କାରଣରୁ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇପାରେ । ଧର୍ମଶାଳା, ଇନ୍ଦୋରରେ ବିମାନ ଚଳାଚଳ ପ୍ରଭାବିତ ହୋଇପାରେ । ସେପଟେ ରାଜସ୍ଥାନରେ ପ୍ରବଳ କୁହୁଡି ଯୋଗୁ ଦୃଶମାନ ଦୂରତା ହ୍ରାସ ପାଇବା କାରଣରୁ ଏକ ସ୍ଲିପର ବସ୍ ଓଲଟି ପଡିଛି । ଯାହା ଫଳରେ ୩୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି । ସେହିପରି ମଧ୍ୟ ପ୍ରଦେଶରେ ପ୍ରବଳ କୁହିଡି ଯୋଗୁ ଦୃଶ୍ୟମାନ ଦୂରତା ୨୦ମି ତଳକୁ ଖସିଛି । ଉତ୍ତର ପ୍ରଦେଶ କାଶୀରେ ହାଲ୍‌କା ବର୍ଷା ହୋଇଛି । ବିହାରରେ ଅତ୍ୟଧିକ ଥଣ୍ଡା ଓ କୁହୁଡି ପରିଲକ୍ଷିତ ହୋଇଛି । ପାଟନା, ସମସ୍ତିପୁର ଓ ଜେହାନାବାଦ୍‌ରେ ପ୍ରବଳ କୁହୁଡି ଦେଖିବାକୁ ମିଳିଥିଲା । ରାଜ୍ୟର ସବୁ ୩୮ଟି ଜିଲ୍ଲାରେ କୁହୁଡି ନେଇ ସତର୍କତା ଜାରି କରାଯାଇଛି ।





## ୧୦ରୁ 'ଗୋମାତା କାନ୍ଦୁଛି ରାଜରାସ୍ତାରେ'ର ସୁଟିଂ

ଜାନୁଆରୀ ୧୦ ତାରିଖରୁ ନୂଆ ଓଡ଼ିଆ ସିନେମା 'ଗୋମାତା କାନ୍ଦୁଛି ରାଜରାସ୍ତାରେ'ର ସୁଟିଂ ଆରମ୍ଭ ହେବ। ଏହାର ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନାରେ ଅଛନ୍ତି ସୁଧାକର ବସନ୍ତ। ସିନେମାର କାହାଣୀ ଏବଂ ସଂଳାପ ରଚନା କରିଛନ୍ତି ସୁକାନ୍ତ ପାତ୍ର। ସିନେମାର ମୁଖ୍ୟ ଚରିତ୍ରରେ ସୁକାନ୍ତ ପାତ୍ର ନଜର ଆସିବେ। ଅରୁଣ ମନ୍ତ୍ରୀ ଗୀତ ରଚନା କରିଥିବା ବେଳେ ସଂଗୀତରେ ଅଛନ୍ତି ପ୍ରଶାନ୍ତ ପାଢ଼ୀ। ଗୋ ମାତା ଉପରେ ଅତ୍ୟାଚାରକୁ ନେଇ ଫିଲ୍ମର କାହାଣୀ ଆଧାରିତ। ମୁଖ୍ୟତଃ ସିନେମାଟି ଏକ ସାମାଜିକ ବାର୍ତ୍ତା ଭାରତ ସମେତ ଅନ୍ୟ ଦେଶକୁ ପ୍ରଦାନ କରିବ ବୋଲି ନିର୍ଦ୍ଦେଶକ ସୁଧାକର ବସନ୍ତ କହିଛନ୍ତି। ଭଲ କନ୍‌ସେପ୍ଟ ଏହାକୁ ନିର୍ମାଣ କରାଯାଉଥିବା ବେଳେ ଫିଲ୍ମ ଫେଷ୍ଟିଭାଲ- ୨୦୨୬, ଗୋଆ ପାନାଗୋମା ଫିଲ୍ମ ଫେଷ୍ଟିଭାଲ, ଦିଲ୍ଲୀ ଫିଲ୍ମ ଫେଷ୍ଟିଭାଲ ଏବଂ ଆନ୍ତର୍ଜାତୀୟ ସିନେ ଫେଷ୍ଟିଭାଲକୁ ଦୃଷ୍ଟିରେ ରଖି ସୁଧାକର ଏହି ସିନେମାଟିକୁ ନିର୍ମାଣ କରୁଥିବା କହିଛନ୍ତି।



## ପ୍ରେକ୍ଷାଳୟରେ 'ଲଢ଼େଇ'

ଡିସେମ୍ବର ୩୧ରେ ମୁକ୍ତିଲାଭ କରିଛି ନୂଆ ଓଡ଼ିଆ ସିନେମା 'ଲଢ଼େଇ'। ଏହି ଚଳଚ୍ଚିତ୍ର ଜରିଆରେ ନବାଗତ ନାୟକ ଲୋହିତାକ୍ଷ ଆତ୍ମପ୍ରକାଶ କରିଛନ୍ତି। ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ 'ଲଢ଼େଇ'ରେ ନାୟିକା ଅଛନ୍ତି ନବାଗତା ଅଙ୍କିଲିଆ। 'ଲଢ଼େଇ' ଏକ ବଳିଷ୍ଠ, ମୌଳିକ ଓ ଭିନ୍ନ ଧରଣର କଥାବସ୍ତୁ ଉପରେ ପର୍ଯ୍ୟବସିତ। ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଲୋହିତାକ୍ଷ ଓ ଅଙ୍କିଲିଆଙ୍କ ବ୍ୟତୀତ ଅନ୍ୟାନ୍ୟ ଚରିତ୍ରରେ ପ୍ରତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକଙ୍କ ଅଭିନୟ ଦେଖିବାକୁ ମିଳିଛି। ଏଥିରେ ସଙ୍ଗୀତ ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥୀ। ଡ. ନିର୍ମଳ ନାୟକ, ବାପୁ ଗୋସ୍ୱାମୀ ଓ ଡେ. ପି. ୱାର୍ଡସ୍ମିଥଙ୍କ ଦ୍ୱାରା ରଚିତ ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ସଙ୍ଖ ପ୍ରଭାସ ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଓ ସୋମେଶ ଶତପଥୀ ପ୍ରମୁଖ କଣ୍ଠଶିଳ୍ପୀ।



## ଶୁଭମୁକ୍ତିକୁ 'ଅପେକ୍ଷା'

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଅପେକ୍ଷା'କୁ ଅପେକ୍ଷା କରିଛନ୍ତି ପ୍ରଯୋଜକ ଡ. କେ. ତମନ୍ନା, ନିର୍ଦ୍ଦେଶକ ଆନନ୍ଦ କୁମାର, ନୂଆପିଢ଼ିର ନାୟକ ସାର୍ଥକ ଏବଂ ନାୟିକା ଶୁଭାଙ୍ଗି। ଡ. କେ. ତମନ୍ନା ଅନେକ ତେଲୁଗୁ ଚଳଚ୍ଚିତ୍ର କରିସାରିଛନ୍ତି। ତେବେ 'ଅପେକ୍ଷା' ଫିଲ୍ମଟି ରିଲିଜ ହେଲେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନୂଆ କଳାକାର ଏବଂ ନିର୍ଦ୍ଦେଶକଙ୍କ ପରିଚୟ ଓ ପ୍ରତିଷ୍ଠା ବଢ଼ିବ ବୋଲି ସମସ୍ତେ ଆଶାବାଦୀ। ଏହି ଚଳଚ୍ଚିତ୍ରରେ ଚୌଧୁରୀ ବିକାଶ ଦାସ, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ପ୍ରଦୀପ ଦେବତା, ଗୁଡୁ, ଟୁନା ଟନ ଟନ ପ୍ରମୁଖ ଅଭିନୟ କରିଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ କୁମାର, ସଂଗୀତ ନିର୍ଦ୍ଦେଶନାରେ ଅଛନ୍ତି ବୈଦ୍ୟନାଥ ଦାଶ। କାହାଣୀ ଓ ସଂଳାପ ଆଶୁତୋଷ ବାରିକ ଲେଖିଥିବାବେଳେ ନିର୍ମଳ ନାୟକ, ଅରୁଣ ମନ୍ତ୍ରୀ ଗୀତ ରଚନା କରିଛନ୍ତି। ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଚିରାଗ, ଇପ୍‌ସିତା ସାହୁ ଓ ଉମାକାନ୍ତ ବାରିକ।

## ନୂଆ ଚଳଚ୍ଚିତ୍ର 'ସଂଘର୍ଷ'



ଏ.କେ. ଫିଲ୍ମସ୍ ବଲାଙ୍ଗିର ବ୍ୟାନରରେ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ସଂଘର୍ଷ'। ଏହାର ସୁଟିଂ ଫେବୃଆରୀ ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଜଣାପଡ଼ିଛି। ଏହି ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ସହିତ ପ୍ରଯୋଜନା ଓ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅଶୋକ ମିଶ୍ର। 'ଶକ୍ତ' ଚଳଚ୍ଚିତ୍ର ପାଇଁ ଅଶୋକ ଦୁଇ ଦୁଇଟି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସହ ଉଚ୍ଚ ପ୍ରଶଂସିତ ହୋଇଥିଲେ। 'ସଂଘର୍ଷ' ସିନେମାର କାହାଣୀ ବିସ୍ଥାପନ ଉପରେ ଗଢ଼ିଉଠିଛି। ଏଥିରେ ଡ. ରଜନୀ ରଞ୍ଜନ ଓ ରତନ ପ୍ରଧାନଙ୍କ ଗୀତଗୁଡ଼ିକକୁ ସଂଗୀତ ନିର୍ଦ୍ଦେଶନା ଦେଉଛନ୍ତି ଯଜ୍ଞ ଦାଶ। ସେହିପରି ଏହାର ସଂଳାପ ରଚନା ମଧ୍ୟ ଡ. ରଜନୀ ରଞ୍ଜନ କରିଛନ୍ତି। ତେବେ ୧୯୯୦-୯୧ ମସିହାରେ ଏଇ 'ସଂଘର୍ଷ' ନାମରେ ଏକ ଚଳଚ୍ଚିତ୍ର ନିର୍ମିତ ହୋଇଥିଲା। ଏହି ଚଳଚ୍ଚିତ୍ରରୁ ହିଁ ଗୀତିକାର ଭାବରେ ଡ.ରଜନୀ ରଞ୍ଜନଙ୍କର ଓଲିଉଡ୍‌ରେ ଏଣ୍ଟ୍ରି ହୋଇଥିଲା।

## କିମିଆ କରିଛି 'ହେ କଳା ବାନ୍ଧବ'



ଆଖି ନଥିବା ମଣିଷ ପାଇଁ ଏ ଦୁନିଆଟା ଅନ୍ଧାର, କଳା କିଟିମିଟି । କଳା ବି ଆମ କାଳିଆ ଠାକୁର । ହେଲେ ସେହି କଳା ସାଆନ୍ତଙ୍କୁ କେମିତି ଦେଖେ ଆଖି ନଥିବା ମଣିଷଟି ? ଦୃଷ୍ଟିଶକ୍ତି ହରାଇଥିବା ବ୍ୟକ୍ତିଟି ବାସ୍ତବିକ କେଉଁ ରୂପରେ ଦର୍ଶନ କରେ ? ଏ ପ୍ରଶ୍ନର ଗୋଟିଗୋଟି ଉତ୍ତର ନିକଟରେ ରିଲିଜ୍ ହୋଇଥିବା ଏକ ସୁନ୍ଦର ଭାବପୂର୍ଣ୍ଣ ଭଜନ 'ହେ କଳା ବାନ୍ଧବ'ରେ ପ୍ରତିଫଳିତ ହୋଇଛି । ଏହା ଏକ ମ୍ୟୁଜିକ ଭିଡିଓ ହୋଇଥିଲେ ହେଁ ଦେଖିବାକୁ ଗଲେ ଏହା ଏକ ଛୋଟ ସିନେମା ପରି । ଏ କାହାଣୀ ଅଭିମାନର, କାହାଣୀ କୌତୁହଳର, କାହାଣୀ ମୀରା ଓ କାଳିଆର ବନ୍ଧୁତ୍ୱର । 'ଡବି ବବି' ପ୍ରସ୍ତୁତ ଏହି ଗୀତଟି ଶ୍ରୋତାଙ୍କ ମନକୁ ବେଶ୍ ଛୁଇଁପାରିଛି । ମନୋଜ ଏବଂ ସମୀରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ବିଶ୍ୱଜିତ ଶତପଥୀଙ୍କ ଦ୍ୱାରା ପ୍ରଯୋଜିତ ଏହି ଭଜନରେ ଜଣେ ଛୁଆ ଝିଅ (ମୀରା) ର ଜଗା ପ୍ରତି ଥିବା ନିଷ୍କପଟ ଭକ୍ତି ଓ ଆବେଗକୁ ଅତି ସୁନ୍ଦର ଭାବେ ଚିତ୍ରଣ କରାଯାଇଛି । ଏଥିରେ ମୁଖ୍ୟ ଭୂମିକାରେ ଶିଶୁ କଳାକାର ସାଇ ଦିବ୍ୟାଂଶୀ ଅଭିନୟ କରିଥିବା ବେଳେ ଭଜନରେ କଣ୍ଠଦାନ ମଧ୍ୟ କରିଛନ୍ତି । ଭେଟେରାନ ଅଭିନେତ୍ରୀ ଛଣା ବିବର୍ତ୍ତୀ ଏବଂ ଜଗେଶ୍ୱର ଖୁଣ୍ଟିଆ ଏଥିରେ ଅଭିନୟ କରିଛନ୍ତି । ଭକ୍ତିର ଏହି ସୁନ୍ଦର ଭଜନକୁ ଗୀତିକାର ପୁଷ୍ପକ ପରିଡ଼ା ଶବ୍ଦରେ ସଜାଇଥିବା ବେଳେ ମ୍ୟୁଜିକ ଅନିଲ ନାଏକ ଦେଇଛନ୍ତି । ତେବେ ପୂରା ଟିମ୍‌ର ଏହି ପ୍ରୟାସକୁ ଦର୍ଶକ ବେଶ ପସନ୍ଦ କରୁଥିବା ବେଳେ ବର୍ତ୍ତମାନ ଏହି ଭିଡିଓଟି ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେଉଛି ।

## ସାକ୍ଷାତକାର



# "ଭଲ କଳାକାର ହେବା ପାଇଁ ଧୈର୍ଯ୍ୟ ଦରକାର"

**ଆୟୁଷ୍ମାନ ଦାସ, ଅଭିନେତା**

ପାଠପଢ଼ାରେ ତାଙ୍କର ମନ ଲାଗୁ ନ ଥିଲା । ସ୍କୁଲ ଓ କଲେଜରେ ସବୁଠି ଅଭିନୟ କରି ପୁରସ୍କୃତ ହେଉଥିଲେ । ତାଙ୍କ ଭିତରେ ଥିବା ପ୍ରତିଭାକୁ ପ୍ରଥମେ ମା' ଚିହ୍ନିଥିଲେ । ଖୋର୍ଦ୍ଧା ଜିଲ୍ଲା ବନମାଳିପୁର ଗାଁର ଆୟୁଷ୍ମାନ ଦାସ ମାଆଙ୍କ ମାର୍ଗଦର୍ଶନରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଡ୍ରାମା ବିଭାଗରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି । ଏହା ପରେ ସେ ଧାରାବାହିକରେ ନିଜ ଭାଗ୍ୟ ପରୀକ୍ଷା କରିଥିଲେ । 'ମହାଦେବୀ' ତାଙ୍କର ପ୍ରଥମ ଧାରାବାହିକ । ପରେ କିଛି ହାତଗଣତି ଧାରାବାହିକରେ ଅଭିନୟ କରିଛନ୍ତି ଆୟୁଷ୍ମାନ । ଏବେ ହିନ୍ଦୀ ଧାରାବାହିକ 'ସତ୍ୟା ସାଚୀ'ରେ ଖଳନାୟକ ଚରିତ୍ରରେ ଅଭିନୟ କରୁଛନ୍ତି । ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ଆୟୁଷ୍ମାନଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ ।

**ଅଭିନୟ ପାଇଁ କେବେଠୁ ଦୁର୍ବଳତା ଆସିଲା?**

● ପିଲାଦିନେ କ୍ରିକେଟ୍ ଖେଳୁଥିଲି । ପଢ଼ା ପଢ଼ି ପ୍ରତି ଏତେଟା ମନ ଲାଗୁନଥିଲା । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଉଥିଲି । ଏହା ପରେ ମୁଁ ଆର୍ମିରେ କ୍ୟାରିୟର କରିବାକୁ ଚିନ୍ତା କରିଥିଲି । ଅଭିନୟ ପ୍ରତି ଦୁର୍ବଳତା ଦେଖି ମୋ ମା' ସଙ୍ଗୀତ ମହାବିଦ୍ୟାଳୟରେ ପଢ଼ିବାକୁ କହିଥିଲେ । ଯେହେତୁ ମା' ସେଠାରେ ପଢ଼ିଥିଲେ ଆଉ ସେ ଜଣେ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ତେଣୁ ଏ କ୍ଷେତ୍ରରେ ଆଗକୁ ବଢ଼ିବାକୁ ମୋତେ ସହଜ ହୋଇଥିଲା । ସ୍ନାତକ ପରେ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ଅଭିନୟରେ ସ୍ନାତକୋତ୍ତର କରିଛି । ଦୀର୍ଘବର୍ଷର ଅଭିଜ୍ଞତାକୁ ନେଇ ଫିଲ୍ମ ଲାଇନ୍‌କୁ ଆସିଥିଲି ।

**ଧାରାବାହିକରେ କେମିତି ସୁଯୋଗ ପାଇଲେ?**

● ମୁଁ ଯୁକ୍ତ ୩ ପ୍ରଥମ ବର୍ଷରେ ପଢ଼ିବା ସମୟରୁ ସବୁ ସୁଟିଂ ସେଟ୍‌କୁ ଯାଇ ମ୍ୟାନେଜରମାନଙ୍କୁ ଦେଖା କରୁଥିଲି । ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ଅରୁ ଭାଇ ମୋତେ 'ମହାଦେବୀ' ଧାରାବାହିକରେ କାମ କରିବାକୁ ସୁଯୋଗ ଦେଇଥିଲେ । ଏଥିରେ ମଣିକାନ୍ତ ବାବା ଚରିତ୍ରରେ କାମ କରିଥିଲି । ଏହା ପରେ ମୁଁ ଦିବ୍ୟଦୃଷ୍ଟିରେ କାମ କରିବାକୁ ସୁଯୋଗ ପାଇଲି । 'ଝିଲି' ଧାରାବାହିକରେ 'ରୁଦ୍ର' ପୋଲିସ ଚରିତ୍ରରେ କାମ କରିଛି । ରୁଦ୍ର ଚରିତ୍ରଟି ମୋତେ ଅଧିକ ଲୋକପ୍ରିୟତା ଦେଇଛି ।

**ଏବେ ଆୟୁଷ୍ମାନ କ'ଣ କରୁଛନ୍ତି ?**

● ସନ୍ ନିଓରେ 'ସତ୍ୟା ସାଚୀ' ହିନ୍ଦୀ ଧାରାବାହିକରେ ଅଭିନୟ କରୁଛି । ଏଥିରେ ମୁଁ ଦୀପ ଖଳନାୟକ ଚରିତ୍ରରେ କାମ କରୁଛି ।

**କଳାକାର ହେବାକୁ ତାଲିମ ନେବାର ଆବଶ୍ୟକତା କେତେ?**

● ପ୍ରତ୍ୟେକ କ୍ଷେତ୍ରରେ ତାଲିମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମସ୍ତେ କୁହନ୍ତି ଭଲ ଅଭିନେତା ହେବାକୁ ହେଲେ ଚରିତ୍ରରେ ବୁଡ଼ିଯିବାକୁ ହୁଏ, କିନ୍ତୁ ତାଲିମ ଦ୍ୱାରା ଚରିତ୍ରରେ କେମିତି ପ୍ରବେଶ କରିବ ଓ ବୁଡ଼ିଯିବ ତା'ର ରାସ୍ତା ମିଳିଯାଏ । ଏହା ଦ୍ୱାରା ଅଭିନୟ ମାର୍ଜିତ ହୁଏ । ତାଲିମ ନେବା ପରେ ସମସ୍ତେ ଗୋଟେ ମୁଖ୍ୟ ଚରିତ୍ରରେ କାମ କରିବାକୁ ଇଚ୍ଛା ରଖନ୍ତି । ଅବଶ୍ୟ ଏସବୁ ପାଇଁ ଧୈର୍ଯ୍ୟ ରଖିବା ଦରକାର ।

**ଚରିତ୍ରକୁ ଜୀବନ୍ତ କରିବାକୁ ଆୟୁଷ୍ମାନ କ'ଣ କରନ୍ତି?**

● ଯେଉଁ ଚରିତ୍ର ମିଳେ, ସେହି ଚରିତ୍ରଗୁଡ଼ିକ କାହା ସହିତ କେମିତି ବ୍ୟବହାର କରୁଛନ୍ତି । ସେମାନଙ୍କ ଚତୁଃପାର୍ଶ୍ୱିକ ପରିସ୍ଥିତି, ପୋଷାକ ପିନ୍ଧା ଶୈଳୀ, ସଂଳାପ କହିବା ଶୈଳୀ, ଚରିତ୍ରର କେଉଁ ପାର୍ଟରେ ଏଣ୍ଟରଟେନମେଣ୍ଟ ରହୁଛି ସେ ସବୁକୁ ଗୁରୁତ୍ୱ ଦିଏ ।

**ଆଗାମୀ ଯୋଜନା?**

● ଏହି ଧାରାବାହିକ ସରିବା ପରେ ସାଙ୍ଗସାଥିଙ୍କ ସହିତ କିଛି ସମୟ ବିତାଇବା ପରେ ମୁଁ ପୁଣି ମୋର କାମକୁ ଗୁରୁତ୍ୱ ଦେବି । ଜୀବନ ଥିବା ଯାଏଁ ମୁଁ ଅଭିନୟ କରିବି ।

**ସ୍ମରଣୀୟ ମୁହୂର୍ତ୍ତ?**

● 'ଝିଲି' ଧାରାବାହିକରେ 'ରୁଦ୍ର' ଭୂମିକା ମୋତେ ବହୁତ ଭଲ ଲାଗିଥିଲା । ପୋଲିସ ଆଉ ପୋଲିସ ପୋଷାକ ପ୍ରତି ମୋର ସବୁବେଳେ ଦୁର୍ବଳତା ରହିଛି । ମୁଁ ଯେତେବେଳେ ପୋଲିସ ପୋଷାକ ପିନ୍ଧିଲି, ସେତେବେଳେ ବହୁତ ଖୁସି ଲାଗିଥିଲା । ସୌଭାଗ୍ୟବଶତଃ ରୁଦ୍ର ଚରିତ୍ରକୁ ଦର୍ଶକ ବହୁତ ଭଲପାଇବା ଦେଲେ । ସାମାଜିକ ଗଣମାଧ୍ୟମରେ ମୋ ଚରିତ୍ରକୁ ନେଇ ଚର୍ଚ୍ଚା ହେବା ମୋ' ପାଇଁ ସୌଭାଗ୍ୟର ବିଷୟ ।

**ଫିଟ୍ ରହିବାର ଫର୍ମୁଲା?**

● କଳାକାର ପାଇଁ ଫିଟ୍ ରହିବା ନିହାତି ଦରକାର । କାରଣ ଆମର କାମ କରିବା ତରିକା ଟିକେ ଭିନ୍ନ ଥାଏ । ବିଳମ୍ବିତ ରାତି ଯାଏଁ କାମ ସାଙ୍ଗକୁ ଖାଦ୍ୟପେୟ ଗ୍ରହଣରେ ସମୟ ନଥାଏ । ତେଣୁ ଶାରୀରିକ କାର୍ଯ୍ୟକଳାପ, ଯୋଗ, ବ୍ୟାୟାମ କରିବା ସହ ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦିଏ ।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ପାଆନ୍ତି?**

● କ୍ରିକେଟ୍ ଖେଳିବାକୁ ପସନ୍ଦ କରେ । ଏହା ଦ୍ୱାରା ମୋତେ ଶାନ୍ତି ମିଳେ । କାମକୁ ଗୁରୁତ୍ୱ ଦିଅନ୍ତୁ ।


**ଅଭିନୟକୁ ଯେଉଁମାନେ ଆସୁଛନ୍ତି, ସେମାନଙ୍କୁ କ'ଣ କହିବେ?**

● ଅଧିକାଂଶ ପିଲା ରାତାରାତି ଲୋକପ୍ରିୟ ହେବାକୁ ଇଚ୍ଛା ରଖନ୍ତି । ଆଜିକାଲିର ପିଲାଙ୍କ ଧୈର୍ଯ୍ୟ ଶକ୍ତି ବହୁତ କମ୍ । ହେଲେ ମୁଁ କହିବି ଜଣେ କଳାକାର ଭିତରେ ଧୈର୍ଯ୍ୟ ରହିବା ବହୁତ ବଡ଼ କଥା । ଏହି କାମରେ ଜୀବନସାରା ରହିବେ । ତେଣୁ କାମକୁ ଗୁରୁତ୍ୱ ଦିଅନ୍ତୁ ।

## ପରଦା ପଛର କାହାଣୀ

### ନିଆଁରେ ଅଭିନେତାଙ୍କ ଫିଲ୍ମ ସୁଟିଂ

ନିଜ ଦମ୍‌ଦାର ଅଭିନୟ ତଥା ଆକ୍ସନ ସିନ୍ ପାଇଁ ବଲିଉଡ୍‌ର ଅଭିନେତା ଧର୍ମେନ୍ଦ୍ର ବେଶ୍ ଲୋକପ୍ରିୟ। ଦୀର୍ଘ ଜୀବନକାଳ ମଧ୍ୟରେ ସେ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ସେମିତି ଏକ ଫିଲ୍ମ ହେଉଛି ୧୯୬୬ ମସିହାରେ ରିଲିଜ୍ ହୋଇଥିବା 'ଫୁଲ ଔର୍ ପଥର' । ଏହି ଫିଲ୍ମ ପାଇଁ ଧର୍ମେନ୍ଦ୍ର ରାତାରାତି ଷ୍ଟାର୍ ପାଲଟି ଯାଇଥିଲେ । ତେବେ ଫିଲ୍ମକୁ ନେଇ ଏକ ରୋଚକ କାହାଣୀ ରହିଛି । ଏହି ଫିଲ୍ମରେ ଧର୍ମେନ୍ଦ୍ର ସତସତିକା ନିଆଁରେ ସୁଟିଂ କରିଥିଲେ । ଫଳରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହୋଇଯାଇଥିଲା । ଫିଲ୍ମର ଏକ ଦୃଶ୍ୟରେ ଧର୍ମେନ୍ଦ୍ରଙ୍କୁ ଜଳନ୍ତା ଶିଢ଼ିରୁ ଜଣେ ଛୋଟ ଝିଅକୁ ତଳକୁ ଆଣିବାର ଥିଲା । ତେବେ ନିଆଁ ଦେଖିବା ପରେ ଧର୍ମେନ୍ଦ୍ରଙ୍କ ପାଇଁ ଏହି ଦୃଶ୍ୟ ସୁଟ୍ କରିବା ସୁରକ୍ଷିତ ନ ଥିବା ଫିଲ୍ମ ନିର୍ଦ୍ଦେଶକ ଓ. ପି. ରଲହନ୍ ଅନୁଭବ କରିଥିଲେ । ଏଥିପାଇଁ ଏଭଳି ବିପଦଜ୍ଜନକ ଭାବେ ସୁଟ୍ ନ କରିବା ପାଇଁ ତାଙ୍କୁ କହିଥିଲେ । କିନ୍ତୁ ଧର୍ମେନ୍ଦ୍ର ଏହାକୁ ଠିକ୍ ଭାବେ ବୁଝି ପାରି ନଥିଲେ । ରଲହନ୍ ଏହି ଦୃଶ୍ୟ ସୁଟିଂ କରିବା ପାଇଁ ନିର୍ଦ୍ଦେଶ ଦେଲେ ବୋଲି ଭାବିଥିଲେ । ଆଉ ଧର୍ମେନ୍ଦ୍ର ଏହି ନିଆଁ ଦୃଶ୍ୟ ସୁଟିଂ କରିଥିଲେ । ଫଳସ୍ୱରୂପ ସେ ନିଆଁରେ ପୋଡ଼ି ଯାଇଥିଲେ । ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଧମାଲ କରିଥିଲା । ୧ କୋଟି ବ୍ୟୟରେ ନିର୍ମିତ 'ଫୁଲ ଔର୍ ପଥର' ପ୍ରାୟ ୧୭ କୋଟି ଟଙ୍କା ଆୟ କରିଥିଲା । ଏହାର ସଫଳତାକୁ ଦୃଷ୍ଟିରେ ରଖି ଏହାକୁ ତାମିଲ, ତେଲୁଗୁ ଏବଂ ମାଲାୟଲମ୍ ଭାଷାରେ ରିମେକ୍ କରାଯାଇଥିଲା । ଏହି ଫିଲ୍ମରେ 'ଶାକା' ନାମକ ଏକ ଗ୍ୟାଙ୍ଗଷ୍ଟାର୍ ଚରିତ୍ରରେ ଧର୍ମେନ୍ଦ୍ର ଅଭିନୟ କରିଥିଲେ । ଏଥିରେ ଟ୍ରାଜେଡି କୁଇନ୍ ମୀନା କୁମାରୀଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା । ଉଭୟଙ୍କ ଅଭିନୟକୁ ଦର୍ଶକମାନେ ଖୁବ୍ ପ୍ରଶଂସା କରିଥିଲେ ।



# କେକେଆର୍‌ରୁ ବାହାରିଲେ ମୁସ୍ତାଫିଜୁର

କୋଲକାତା, ୩।୧ (ଏଜେନ୍ସି): ଗତ କିଛିଦିନ ଧରି ଆଇପିଏଲ୍‌ରେ ବାଂଲାଦେଶ କ୍ରିକେଟର୍‌ଙ୍କ ଅଂଶଗ୍ରହଣକୁ ନେଇ ଲାଗି ରହିଥିବା ବିବାଦର ଏକପ୍ରକାର ଅନ୍ତ ଘଟିଛି। ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ନିର୍ଦ୍ଦେଶକ୍ରମେ ଶେଷରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଫ୍ରାଞ୍ଚାଇଜ ଦଳରୁ ବାଂଲାଦେଶ ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନଙ୍କୁ ବାହାର କରିଛି।



ଶେଷରେ ଆକ୍ସନ ନେଲା ବିସିସିଆଇ

ଶାହରୁଖ ଖାନଙ୍କ କେକେଆର ଫ୍ରାଞ୍ଚାଇଜ ପକ୍ଷରୁ ଶନିବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ଯେଉଁଥିରେ କୁହାଯାଇଛି ଯେ ଆଇପିଏଲ୍‌କୁ ବିସିସିଆଇ ପରିଚାଳନା କରୁଛି। ତେଣୁ ବିସିସିଆଇର ନିର୍ଦ୍ଦେଶ ଅନୁଯାୟୀ ଆଇପିଏଲ୍‌ର ଆଗାମୀ ସିଜନ ପୂର୍ବରୁ କୋଲକାତା ଦଳରୁ ମୁସ୍ତାଫିଜୁରଙ୍କୁ ରିଲିଜ କରାଯାଇଛି। ଏଥିସହ ତାଙ୍କ ବଦଳ ଖେଳାଳିଭାବେ ଆଉ ଜଣଙ୍କୁ ଦଳରେ ସାମିଲ କରିବାକୁ ବିସିସିଆଇ ଅନୁମତି ଦେଇଛି। ପ୍ରକାଶଯୋଗ୍ୟ, ଗତ ଖେଳାଳି ନିଲାମୀରେ କୋଲକାତା ୯.୨ କୋଟି ଟଙ୍କା ବ୍ୟୟରେ ମୁସ୍ତାଫିଜୁରଙ୍କୁ କ୍ରୟ କରିଥିଲା। କିନ୍ତୁ ସଦ୍ୟ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ଭୟଙ୍କର ଆକ୍ରମଣ ପରେ ପରିସ୍ଥିତି ବଦଳିଯାଇଥିଲା। ବାଂଲାଦେଶ ଖେଳାଳିଙ୍କୁ ଆଇପିଏଲ୍‌ରେ ସାମିଲ କରିବା ନେଇ ଅନେକେ ପ୍ରଶ୍ନ ଉଠାଇବା ସହ ବିସିସିଆଇ ଓ କେକେଆର୍‌କୁ ଟାର୍ଗେଟ କରିଥିଲେ। ଶେଷରେ ବିସିସିଆଇ ଏହି ବଡ଼ ନିଷ୍ପତ୍ତି ନେବାକୁ ବାଧ ହୋଇଥିଲା।

# ଭାରତ ଛାଡ଼ିଲେ; କାନାଡ଼ାରୁ ଖେଳିବେ

ଚଣ୍ଡିଗଡ଼, ୩।୧ (ଏଜେନ୍ସି): ଦୁଇଥରର ଏସିଆନ ଚାମ୍ପିଅନ ତଥା ଅଲିମ୍ପିଆନ ସୁଟର୍ ଅଙ୍ଗଦ ବୀର ସିଂହ ବାଜୱା କ୍ୟାରିୟରକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ୩୦ ବର୍ଷୀୟ ଏହି ସୁଟର୍ ଏବେ ଭାରତ ଛାଡ଼ି କାନାଡ଼ା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଅଙ୍ଗଦ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ତାଙ୍କ ପ୍ରଶଂସକଙ୍କୁ ଜଣାଇଛନ୍ତି। ଦେଶ ଛାଡ଼ିବାର କାରଣ ମଧ୍ୟ ଅଙ୍ଗଦ ଉଲ୍ଲେଖ କରିଛନ୍ତି। 'ଗତ ୧୨-୧୩ ବର୍ଷ ଧରି ଭାରତ ପକ୍ଷରୁ ଖେଳିଆସୁଛି। କିନ୍ତୁ ମୋ ପରିବାର କାନାଡାରେ ରହୁଛନ୍ତି ଏବଂ ସେଠାରେ ମଧ୍ୟ ମୋ ବ୍ୟବସାୟ ଚାଲିଛି। ପ୍ରତି ମାସରେ କାନାଡ଼ା ଯାତ୍ରା କରିବା ମୋ ପାଇଁ କଷ୍ଟସାଧ୍ୟ ଥିଲା। ତେଣୁ ଶେଷରେ ଏକ କଠିନ ଓ ଭାବବିହ୍ୱଳ ନିଷ୍ପତ୍ତି ନେଇଛି' ବୋଲି ଅଙ୍ଗଦ କହିଛନ୍ତି। ନ୍ୟାସନାଲ ରାଇଫଲ୍ ଆସୋସିଏସନ ଅଫ୍ ଇଣ୍ଡିଆ ପକ୍ଷରୁ ଅଙ୍ଗଦଙ୍କୁ ମଧ୍ୟ ଏନେଇ ସବୁଜ ସଙ୍କେତ ପ୍ରଦାନ କରାଯାଇଛି।



## ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

# ପନ୍ତ୍ ରହିଲେ, ଗିଲ୍ ଓ ଆୟର ଫେରିଲେ

ମୁମ୍ବଇ,୩।୧(ଏଜେନ୍ସି):

ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସହ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳର ନାମ ତାଲିକା ଘୋଷଣା କରାଯାଇଛି। ଆହତ ହୋଇ ଦଳରୁ ବାଦ୍ ପଡ଼ିଥିବା ଅଧିନାୟକ ଶୁବମନ ଗିଲ୍ ଓ ଉପଅଧିନାୟକ ଶ୍ରେୟସ ଆୟର ଦଳକୁ ଫେରିଛନ୍ତି। ଗିଲ୍ ମ୍ୟାଚ୍ ଫିଟ୍ ହୋଇଥିଲାବେଳେ ଫିଟ୍‌ନେସ ପରୀକ୍ଷାରେ ପାସ୍ ହେଲେ ଖେଳିବା ଲାଗି ସୁଯୋଗ ପାଇବେ। ଉଭୟ ଖେଳାଳି ଆସନ୍ତା ୬ ତାରିଖ ଖେଳାଯିବାକୁ ଥିବା ବିଜୟ ହଜାରେ ଟ୍ରଫିରେ ନିଜ ରାଜ୍ୟ ପକ୍ଷରୁ ଖେଳିବା ଲାଗି ସ୍ଥିର ହୋଇଛି। ଏଥିରେ ଉଭୟ ଖେଳାଳି ସେମାନଙ୍କ ମ୍ୟାଚ୍ ଫିଟ୍‌ନେସର ପ୍ରମାଣ ଦେବେ। ବରୋଦାରେ ଜାନୁଆରୀ ୧୧ରୁ ଦିନିକିଆ ସିରିଜ୍ ଆରମ୍ଭ ହେବ। ୧୪ ଓ ୧୮ରେ ସିରିଜ୍‌ର ଅନ୍ୟ ଦୁଇଟି ମ୍ୟାଚ୍ ଯଥାକ୍ରମେ ରାଜକୋଟ ଓ ଇନ୍ଦୋରରେ ଖେଳାଯିବ।

ଘୋଷିତ ୧୫ ଜଣିଆ ଦଳରେ ୱିକେଟ ରକ୍ଷକ ଋଷଭ ପନ୍ତ ସ୍ଥାନ ବଜାୟ ରଖିଛନ୍ତି। ସେ ଓ ଲୋକେଶ ରାହୁଲ ୱିକେଟ ରକ୍ଷକ ଭାବେ ସାମିଲ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍‌ରେ ଆହତ ଗିଲ୍‌ଙ୍କ ସ୍ଥାନରେ ରାହୁଲ ଦଳର ନେତୃତ୍ୱ ନେଇଥିଲେ, କିନ୍ତୁ ପନ୍ତ୍‌ଙ୍କୁ ଗୋଟିଏ ହେଲେ ମ୍ୟାଚ୍ ଖେଳିବାର ସୁଯୋଗ ମିଳି ନ ଥିଲା। ସେହିପରି ଦଳକୁ ଫେରିଥିବା ତୃତୀୟ ଖେଳାଳି ହେଲେ ମହମ୍ମଦ୍ ସିରାଜ୍। ସିରାଜ ଅଷ୍ଟ୍ରେଲିଆ ସିରିଜ୍ ପରେ ଆଉ ସୀମିତ ଓଭର ମ୍ୟାଚ୍ ଖେଳିନାହାନ୍ତି। କିନ୍ତୁ ନିଜ ଟିମ୍ ହାଇଦରାବାଦ୍ ପକ୍ଷରୁ ସୟଦ ମୁସ୍ତାକ ଅଲି ଟି-୨୦ ଓ ବିଜୟ ହଜାରେ ଟ୍ରଫିରେ ଖେଳିଛନ୍ତି। ତାଙ୍କ ସହ ଅର୍ଶଦୀପ ସିଂହ, ହର୍ଷିତ ରାଣା ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପେସ୍ ବୋଲର ଭାବେ ସାମିଲ କରାଯାଇଛି। ଏହା ଫଳରେ ମହମ୍ମଦ୍ ସାମି ନିରାଶ ହୋଇଛନ୍ତି। ଏହା ଫଳରେ ସାମିଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଏକପ୍ରକାର ଶେଷ ହୋଇଛି ବୋଲି କୁହାଯାଉଛି। ଟି-୨୦ ବିଶ୍ୱକପ୍ ଫେବୃଆରୀ ୭ରୁ ବିଶ୍ୱକପ୍ ଖେଳାଯାଉଥିବାରୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ୍ ବୁମରାଙ୍କୁ ଏହି ସିରିଜ୍ ଲାଗି ବିଚାରକୁ ନିଆଯାଇନାହିଁ।



| ଖେଳସୂଚୀ | | |
|---|---|---|
| ତାରିଖ | ମ୍ୟାଚ୍ | ଭେନ୍ୟୁ |
| ୧୧।୧ | ପ୍ରଥମ ଦିନିକିଆ | ବରୋଦା |
| ୧୪।୧ | ଦ୍ୱିତୀୟ ଦିନିକିଆ | ରାଜକୋଟ |
| ୧୮।୧ | ତୃତୀୟ ଦିନିକିଆ | ଇନ୍ଦୋର |

ଦଳକୁ ଫେରିଥିବା ୩ଜଣ ଖେଳାଳିଙ୍କ ମଧ୍ୟରୁ ଦକ୍ଷିଣ ଆଫ୍ରିକା ବିପକ୍ଷ କୋଲକାତା ଟେଷ୍ଟରେ ବେକରେ ଆଘାତ ଲାଗିବାରୁ ଗିଲ୍ ବାଦ୍ ପଡ଼ିଥିଲେ। ଅଷ୍ଟ୍ରେଲିଆରେ ପିଠିରେ ଆଘାତ ପାଇଥିବାରୁ ଆୟର ଆଉ ଖେଳି ପାରି ନ ଥିଲେ। ସିରାଜଙ୍କୁ ଦଳରେ ନିଆଯାଇ ନ ଥିଲା। ଗିଲ୍ ବିଜୟ ହଜାରେ ଟ୍ରଫି ଖେଳି ମ୍ୟାଚ୍ ଫିଟ୍ ପ୍ରମାଣ ଦେଇଛନ୍ତି। ଆୟର ଫିଟ୍ ହେବାର ପ୍ରମାଣ ଦେବାକୁ ବାକି ରହିଛି। ଗିଲ୍, ଆୟର ଓ ସିରାଜଙ୍କୁ ସାମିଲ କରାଯିବା ଫଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ଲାଗି ମନୋନୀତ ହୋଇଥିବା ତିଲକ ବର୍ମା, ଧ୍ରୁବ ଜୁରେଲ ଓ ଋତୁରାଜ ଗାଏକ୍ୱାଡ୍‌ଙ୍କୁ ବାଦ୍ ଦିଆଯାଇଛି। ରାହୁଲଙ୍କ ନେତୃତ୍ୱରେ ଭାରତ ୨-୧ରେ ଏହି ସିରିଜ୍ ଜିତିଥିଲାବେଳେ ତିଲକ ଓ ଜୁରେଲ ମ୍ୟାଚ୍ ଖେଳି ନ ଥିଲେ। କିନ୍ତୁ ଇନ୍ଦୋରରେ ଗୋଟିଏ ମ୍ୟାଚ୍ ଖେଳି ନଂ-୪ରେ ବ୍ୟାଟିଂ କରିଥିବା ଋତୁରାଜ ୧୦୫ ରନ୍ କରିଥିଲେ।

ବ୍ୟାଟିଂରେ ଗିଲ ଓ ଆୟରଙ୍କ ବ୍ୟତୀତ ଦୁଇ ବରିଷ୍ଠ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି, ଯଶସ୍ୱୀ ଜୟସ୍ୱାଲ, ଓ ଦୁଇ ୱିକେଟକିପର ରାହୁଲ ଓ ପନ୍ତ୍ ରହିଛନ୍ତି। ଦଳରେ ୩ଜଣ ଅଲରାଉଣ୍ଡର ଯଥା ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର (ଉଭୟ ସ୍ପିନର) ଓ ନୀତୀଶ କୁମାର ରେଡ୍ଡୀ (ମିଡିୟମ ପେସ୍‌ର) ରହିଛନ୍ତି। କୁଲଦୀପ ଏକମାତ୍ର ସ୍ପେଶାଲିଷ୍ଟ ସ୍ପିନ୍‌ର ଭାବେ ସ୍ଥାନ ପାଇଛନ୍ତି।

### ଖେଳାଳି ଦଳ

**ଭାରତ :** ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା, ଶୁବମନ ଗିଲ୍ (ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ ଓ ଋଷଭ ପନ୍ତ୍ (ଉଭୟ ୱିକେଟରକ୍ଷକ), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ହର୍ଷିତ ରାଣା, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା ଓ ନୀତୀଶ କୁମାର ରେଡ୍ଡୀ।

**ନ୍ୟୁଜିଲାଣ୍ଡ :** ହେନରୀ ନିକୋଲସ, ୱିଲ ୟଙ୍ଗ୍, ଡେଭନ କନୱେ ଓ ମିଚେଲ ହେ' (ଉଭୟେ ୱିକେଟରକ୍ଷକ), ମାଇକେଲ ବ୍ରେସ୍‌ୱେଲ (ଅଧିନାୟକ), ଜୋଶ କ୍ଲାର୍କସନ, ନିକ୍ କେଲୀ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ଜାକାରୀ ଫୌକ୍ସ, ଜେଡେନ ଲେନ୍ନକ୍ସ, ଆଦିତ୍ୟ ଅଶୋକ, କାଏଲ ଜାମିସନ, କ୍ରିଷ୍ଟିଆନ କ୍ଲାର୍କ, ମାଇକେଲ ରେ'।

# ୧୮ ରୁ ରାୟଗଡ଼ାରେ ରାଜ୍ୟ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍

ଭୁବନେଶ୍ୱର, ୩।୧ (ସମିସ): ରାଜ୍ୟ ବାଳକ ଓ ବାଳିକା ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍‌ର ୩୧ତମ ସଂସ୍କରଣ ଚଳିତ ମାସ ୧୮ ରୁ ରାୟଗଡ଼ାରେ ଆରମ୍ଭ ହେବ। ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ୩ ଦିନ ଧରି ରାୟଗଡ଼ା ଜିଲ୍ଲାର ବିଷମକଟକଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ସମଗ୍ର ଓଡ଼ିଶାରୁ ୨୦ଟି ଲେଖାଏ ବାଳକ ଓ ବାଳିକା ଦଳର ପାଖାପାଖି ୮୦୦ ଖେଳାଳି ଅଂଶଗ୍ରହଣ କରିବେ ବୋଲି ରାଜ୍ୟ ହ୍ୟାଣ୍ଡବଲ୍ ସଂଘର ସମ୍ପାଦକ ଇଂ ମାନସ କୁମାର ସିଂ ଜଣାଇଛନ୍ତି। ଅଧିକ ଯୋଗାଯୋଗ ଲାଗି କୋର୍ଡିନେଟର ଗୌରୀଶଙ୍କର ମିଶ୍ର ଓ ରାୟଗଡ଼ା ଜିଲ୍ଲା ସମ୍ପାଦକ ଶୁଭେନ୍ଦୁ ଚୌଧୁରୀଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଏହି ପ୍ରତିଯୋଗୀତାରୁ ଜାତୀୟ ଟୁର୍ଣ୍ଣାମେଣ୍ଟ ଲାଗି ଖେଳାଳି ଚୟନ କରାଯିବ।

# ପାଣ୍ଡ୍ୟା-ପଟେଲଙ୍କ ପ୍ରଥମ ଲିଷ୍ଟ-ଏ ଶତକ

ବେଙ୍ଗାଲୁରୁ, ୩।୧ (ଏଜେନ୍ସି): ଚଳିତ ବିଜୟ ହଜାରେ ଟ୍ରଫିର ୫ମ ରାଉଣ୍ଡ ମୁକାବିଲାରେ ଦୁଇ ତାରକା ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ଶତକୀୟ ପାଳି ଖେଳିଛନ୍ତି। ଲିଷ୍ଟ-ଏ କ୍ରିକେଟ୍‌ରେ ଉଭୟ ଖେଳାଳିଙ୍କ ଏହା ପ୍ରଥମ ଶତକ ଥିଲା। ଆଲୁରରେ ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚରେ ଅକ୍ଷରଙ୍କ ଶତକ ବଳରେ ଗୁଜରାଟ ୭ ରନରେ ଆନ୍ଧ୍ର ପ୍ରଦେଶକୁ ହରାଇଦେଇଛି। ଅକ୍ଷର ୧୧୧ ବଲରେ ୧୦ ଚୌକା ଓ ୫ ଛକା ସହାୟତାରେ ୧୩୦ ରନ କରିଥିଲେ। ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ୯ ୱିକେଟ୍ ହରାଇ ୩୧୮ ରନ କରିଥିଲା। ଜବାବରେ ଓପନର୍ ସିଆର୍ ଗଣେଶ୍ୱରନଙ୍କ ୧୦୨ ରନ ସତ୍ତ୍ୱେ ଆନ୍ଧ୍ର ୭ ୱିକେଟ୍‌ରେ ୩୧୧ ରନ କରି ପରାସ୍ତ ହୋଇଥିଲା। ପୂର୍ବରୁ ଅକ୍ଷର ଲିଷ୍ଟ-ଏ'ରେ ୧୨୪ଟି ପାଳି ଖେଳିଥିଲେ ମଧ୍ୟ ୯୮ ତାଙ୍କର ସର୍ବୋଚ୍ଚ ସ୍କୋର ରହିଥିଲା। ଅପରପକ୍ଷରେ ରାଜକୋଟରେ ଅନୁଷ୍ଠିତ ଏକ ମ୍ୟାଚରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଶତକ ସତ୍ତ୍ୱେ ବରୋଦା ୯ ୱିକେଟ୍‌ରେ ବିଦର୍ଭଠାରୁ ହାରିଯାଇଛି। ୧୧ ଛକା ଓ ୮ ଚୌକା ବଳରେ ୯୨ ବଲରୁ ପାଣ୍ଡ୍ୟା ୧୩୩ ରନର ଦ୍ରୁତ ଶତକୀୟ ପାଳି ଖେଳିଥିଲେ। ଏପରିକି ବାମହାତୀ ସ୍ପିନର ପାର୍ଥ ରେଖାଡେଙ୍କ ଏକ ଓଭରରୁ ସେ ୩୪ ରନ ସଂଗ୍ରହ କରିଥିଲେ। ପାଣ୍ଡ୍ୟା ଏଥିପୂର୍ବରୁ ଲିଷ୍ଟ-ଏ'ରେ ୧୧୯ଟି ମ୍ୟାଚ୍ ଖେଳିଥିଲେ ମଧ୍ୟ ଶତକ ମାରିପାରି ନ ଥିଲେ।

## ଶେଷ ୨ଟି ମ୍ୟାଚ୍ ଖେଳିବେ ଆୟର

ଜୟପୁର, ୩।୧ (ଏଜେନ୍ସି): ଫିଟ୍‌ନେସ ପ୍ରମାଣ ଦେବାର ସର୍ତ୍ତରେ ଶ୍ରେୟସ ଆୟରଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଲାଗି ଭାରତୀୟ ଦଳରେ ସାମିଲ କରାଯାଇଛି। ଏହା ଫଳରେ ସେ ମୁମ୍ବଇ ଖେଳିବାକୁ ଥିବା ଜାନୁଆର ୬ ଓ ୮ରେ ଦୁଇଟିଯାକ ମ୍ୟାଚ୍ ଖେଳିବେ ବୋଲି ମୁମ୍ବଇର ମୁଖ୍ୟ ଚୟନକର୍ତ୍ତା ସଞ୍ଜୟ ପାଟିଲ କହିଛନ୍ତି। ଏହି ମ୍ୟାଚ୍ ଦ୍ୱୟରେ ଭାରତୀୟ ଦଳର ଉପଅଧିନାୟକ ଆୟର ମ୍ୟାଚ୍ ଫିଟ୍‌ନେସ ପରୀକ୍ଷା ଦେଲେ ତାଙ୍କୁ ସାମିଲ କରାଯିବ। ସେହିପରି ଅସୁସ୍ଥତା ହେତୁ ଅଧିନାୟକ ଶୁବମନ ଗିଲ୍ ଆଜି ସିକ୍କିମ ବିପକ୍ଷ ମ୍ୟାଚ୍‌ରେ ଖେଳି ନ ଥିଲେ। ସେ ସେ ୬ରେ ହେବାକୁ ଥିବା ଗୋଆ ବିପକ୍ଷ ମ୍ୟାଚ୍‌ରେ ଖେଳିବେ ବୋଲି କୋଚ୍ ସନ୍ଦୀପ ଶର୍ମା କହିଛନ୍ତି। ଜାନୁଆରୀ ୭ରେ ମନୋନୀତ ଖେଳାଳିମାନେ ବରୋଦାରେ ଏକତ୍ର ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଆୟର ଫିଟ୍ ହେଲେ ୯ କିମ୍ବା ୧୦ରେ ଦଳ ସହ ଯୋଗଦେବେ। ବରୋଦାରେ ୧୧ ତାରିଖରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

■ ପୁରୁଷ ହକି ଇଣ୍ଡିଆ ଲିଗ୍

# ସୁଟ୍‌ଆଉଟ୍‌ରେ ଜିତିଲା ତାମିଲନାଡୁ ଡ୍ରାଗନ୍ସ

ଚେନ୍ନଇ, ୩।୧ (ଏଜେନ୍ସି): ରୋମାଞ୍ଚକ ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ମୁକାବିଲାରୁ ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ପୁରୁଷ ହକି ଇଣ୍ଡିଆ ଲିଗ୍। ଏହି ଲିଗ୍‌ର ଉଦ୍‌ଘାଟନୀ ମୁକାବିଲାରେ ତାମିଲନାଡୁ ଡ୍ରାଗନ୍ସ ୪-୨ ପେନାଲ୍ଟି ସୁଟ୍‌ଆଉଟରେ ହାଇଦ୍ରାବାଦ୍ ତୁଫାନ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ସମୟରେ ଖେଳ ୩-୩ ଗୋଲରେ ସମାନସ୍ତରରେ ରହିଥିଲା। ଫଳରେ ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଅମିତ ରୋହିଦାସଙ୍କ ନେତୃତ୍ୱରେ ଖେଳୁଥିବା ତାମିଲନାଡୁ ଡ୍ରାଗନ୍ସ ୩ଟି ଓ ଶିଳାନନ୍ଦ ଲାକ୍ରାଙ୍କ ହାଇଦ୍ରାବାଦ୍ ତୁଫାନ୍ସ ୨ଟି ଗୋଲ ସ୍କୋର କରିବାରେ ସମର୍ଥ ହୋଇଥିଲା। ତାମିଲନାଡୁର ଗୋଲ ରକ୍ଷକ ଡେଭିଡ୍ ହାର୍ଟେ ଚମତ୍କାର ଖେଳ ପ୍ରଦର୍ଶନ କରି ଦଳକୁ ମ୍ୟାଚ୍ ଜିତାଇଥିଲେ। ଖେଳର ନିର୍ଦ୍ଧାରିତ ସମୟରେ ହାଇଦ୍ରାବାଦ୍ ପକ୍ଷରୁ ଅମନଦୀପ ଲାକ୍ରା ୨ଟି, ଆର୍ଥର ଡି ସ୍ଲୁଭର, ତାମିଲନାଡୁ ପକ୍ଷରୁ କାର୍ଥୀ ସେଲଭାମ୍, ଉତ୍ତମ ସିଂ ଓ ଥୋମାସ ସୋର୍ସବୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଆସନ୍ତାକାଲି ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳ ସହ ପ୍ରଥମ ମ୍ୟାଚ୍ ଖେଳିବ।



ମହିଳା ହକି ଇଣ୍ଡିଆ ଲିଗ୍

# ପାଇପର୍ସ ବିଜୟୀ

ରାଞ୍ଚି,୩।୧(ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍‌ର ଏକ ରୋମାଞ୍ଚକ ମ୍ୟାଚ୍‌ରେ ଏସ୍‌ଜି ପାଇପର୍ସ ୩-୧ ଗୋଲରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ୍‌କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଲୋଲା ରିଏରା, ଜ୍ୟୋତି ସିଂ ଓ ଓଡ଼ିଆ ଖେଳାଳି ସୁନେଲିତା ଟପ୍ପୋ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ସୁରମା ପକ୍ଷରୁ ପେନି ସ୍କ୍ୱିବ୍ ପେନାଲ୍ଟି କର୍ଣ୍ଣରରୁ ଏକମାତ୍ର ଗୋଲ ଦେଇଥିଲେ।

# ଆଇଏସଏଲ୍ ବଞ୍ଚିଗଲା

ନୂଆଦିଲ୍ଲୀ, ୩।୧ (ଏଜେନ୍ସି): ମାସ ମାସର ଅନିଶ୍ଚିତତା ପରେ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଆୟୋଜନ ନେଇ ସବୁଜ ସଙ୍କେତ ମିଳିଛି। ଆଇଏସ୍‌ଏଲ୍ ଆରମ୍ଭ କରାଯିବା ନେଇ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫଏଫ୍) ପକ୍ଷରୁ ନିଶ୍ଚିତ କରାଯାଇଛି। ଆସନ୍ତା ସପ୍ତାହରେ ଆଗାମୀ ସିଜନ ଲାଗି ତାରିଖ ଘୋଷଣା କରାଯିବ। ଏଆଇଏଫ୍‌ଏଫ୍ ଜରୁରୀକାଳୀନ କମିଟିର ବୈଠକରେ ଏଆଇଏଫଏଫ୍-ଆଇଏସଏଲ୍ ସମନ୍ୱୟ କମିଟି ଦ୍ୱାରା ଦାଖଲ ହୋଇଥିବା ରିପୋର୍ଟକୁ ସମୀକ୍ଷା ପରେ ଆୟୋଜନ ନେଇ ସ୍ୱୀକୃତି ଦିଆଯାଇଥିଲା।

**ବିଜୟ ହଜାରେ ଟ୍ରଫି** | **ସାମଲଙ୍କ ଶତକ ବ୍ୟର୍ଥ**

# ଓଡ଼ିଶାକୁ ହରାଇଲେ ପାର୍ଥ-ଅନୁଜ

ଭୁବନେଶ୍ୱର,୩।୧(ସମିସ):

ଦୁଇ ଯୁବ ଖେଳାଳି ପାର୍ଥ ଭାଟ୍ସ ଓ ଅନୁଜ ଠାକରାଲଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ବେଙ୍ଗାଲୁରୁର ଅଲୁର ଷ୍ଟାଡିୟମ୍‌ରେ ଆଜି ଅନୁଷ୍ଠିତ ବିଜୟ ହଜାରେ ଗ୍ରୁପ୍-ଡି'ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ହରିୟାଣା ୪ ୱିକେଟରେ ଓଡ଼ିଶାକୁ ପରାସ୍ତ କରିଛି। ଏହା ଫଳରେ ୫ମ ରାଉଣ୍ଡ ଖେଳ ଶେଷପରେ ଦିଲ୍ଲୀ ଓ ହରିୟାଣା ୪ଟି ଲେଖାଏଁ ବିଜୟ ସହ ଗ୍ରୁପ୍-ଡି' ପଏଣ୍ଟ ଟେବଲର ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଛି। ଓଡ଼ିଶା ୫ମ ମୁକାବିଲାରୁ ଦ୍ୱିତୀୟ ପରାଜୟ ପରେ ରେଳବାଇ ଓ ସୌରାଷ୍ଟ୍ର ସହ ସମାନ ୧୨ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛି। କିନ୍ତୁ ଉନ୍ନତ ନେଟ୍‌ରନ୍‌ରେଟ୍ ଯୋଗୁଁ ଦଳ ତୃତୀୟ ସ୍ଥାନରେ ରହିଛି। ଏହି ଗ୍ରୁପ୍‌ରେ ଓଡ଼ିଶା ତାହାର ଶେଷ ଦୁଇଟି ଲିଗ୍ ମ୍ୟାଚ୍ ଜାନୁଆରୀ ୬ରେ ଶକ୍ତିଶାଳୀ ଗୁଜରାଟ ଓ ୮ରେ ରେଳବାଇ ସହ ଖେଳିବ। ଏହି ମ୍ୟାଚ୍ ଦୁଇଟିରେ ଦଳ ବିଜୟୀ ହେଲେ ପରବର୍ତ୍ତୀ ପର୍ଯ୍ୟାୟକୁ ଯିବାର ସମ୍ଭାବନା ରହିପାରେ।



ସ୍ୱସ୍ତିକ ସାମଲ



ଗୋବିନ୍ଦ ପୋଦ୍ଦାର

ଅଲୁରଠାରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ହରିୟାଣା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ଲାଗି ଓଡ଼ିଶାକୁ ଆମନ୍ତ୍ରଣ କରିଥିଲା। ଦଳ ଯୁବ ଖେଳାଳି ସ୍ୱସ୍ତିକ ସାମଲ (୧୦୧ରନ୍, ୧୦୨ ବଲ୍, ୧୦ ଚୌକା, ୩ଛକା)ଙ୍କ ଶତକ ଏବଂ ଦୁଇ ସିନିଅର ଖେଳାଳି ଗୋବିନ୍ଦ ପୋଦ୍ଦାରଙ୍କ ୮୨ବଲରୁ ୭୭ ଓ ବିପ୍ଳବ ସାମନ୍ତରାୟଙ୍କ ୩୯ ବଲରୁ ୪୭ ରନ୍ ସହାୟତାରେ ଓଡ଼ିଶା ୯ ୱିକେଟରେ ୩୦୫ ରନ୍ କରିଥିଲା। ଜବାବରେ ୩୦୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ହରିୟାଣା ୮ଟି ବଲ ଓ ୪ ୱିକେଟ ବାକିଥାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଦଳ ୩୦.୧ ଓଭରରେ ୬ ୱିକେଟ ହରାଇ ୧୩୩ ରନ୍ କରିଥିବାବେଳେ ଓଡ଼ିଶାର ଖେଳାଳିମାନେ ହାଲ୍‌କା ହୋଇଯାଇଥିଲେ। ଫଳରେ ଦୁଇ ଯୁବ ଖେଳାଳି ଯଥା ୨୨ ବର୍ଷୀୟ ପାର୍ଥ ଭାଟ୍ସ ଓ ୨୩ ବର୍ଷୀୟ ପେସ୍ ବୋଲିଂ ଅଲରାଉଣ୍ଡର ଅନୁଜ ଠାକ୍‌ରାଲ ଅବିଭକ୍ତ ୭ମ ୱିକେଟ ଯୋଡ଼ିରୁ ୧୧୧ ବଲ୍‌ରେ ୧୭୬ ରନ୍ ଉଠାଇ ୪୮.୪ ଓଭରରେ ୬ ୱିକେଟ ହରାଇ ଓଡ଼ିଶାକୁ ହରାଇଦେଇଥିଲେ। ଦଳ ମ୍ୟାଚ୍ ଜିତିଲାବେଳକୁ ପାର୍ଥ ୧୩୬ ବଲ୍‌ର ସାମ୍ନା କରି ୧୩ ଚୌକା ଓ ୫ଛକା ସହ ୧୫୭ ଓ ଅନୁଜ ୪୮ ବଲ୍‌ରୁ ୩ଟି ଲେଖାଏଁ ଚୌକା ଓ ଛକା ସହ ୫୯ ରନ୍‌ରେ ଅପରାଜିତ ରହିଥିଲେ। ନୂଆ ଆତ୍ମବିଶ୍ୱାସର ସହ ଖେଳୁଥିବା ବିପ୍ଳବ ସାମନ୍ତରାୟଙ୍କ ଓଡ଼ିଶା ଦଳ ଏହି ପାର୍ଟନରସିପ୍‌କୁ ଭାଙ୍ଗି ନପାରିବା ଫଳରେ ଦଳର ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହେବା ଆଶଙ୍କା ମଧ୍ୟକୁ ଚାଲିଯାଇଛି। ସେହିପରି ଦଳ ପ୍ରଥମ ମ୍ୟାଚ୍‌ରେ ୩୪୫ ରନ୍ କରି ମଧ୍ୟ ସୌରାଷ୍ଟ୍ର ନିକଟରୁ ହାରିଯାଇଥିଲା। ସଂଯୋଗ ବଶତଃ ଏହି ମ୍ୟାଚ୍‌ରେ ସ୍ୱସ୍ତିକ ସାମଲ ରାଜ୍ୟ ପକ୍ଷରୁ ପ୍ରଥମ ଦ୍ୱିଶତକ ସହ ୨୧୨ ରନ୍ କରିଥିଲେ। ବିପ୍ଳବଙ୍କ ବ୍ୟାଟରୁ ଶତକୀୟ ଇନିଂସ ମଧ୍ୟ ଦେଖିବାକୁ ମିଳିଥିଲା।

# ଅନିମେଶଙ୍କୁ ଭାଙ୍ଗିବାକୁ ପଡ଼ିବ ନିଜ ରେକର୍ଡ

ନୂଆଦିଲ୍ଲୀ, ୩।୧ (ଏଜେନ୍ସି): ଏସୀୟ କ୍ରୀଡ଼ାର ୨୦ତମ ସଂସ୍କରଣ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଜାପାନରେ ଅନୁଷ୍ଠିତ ହେବ। ଏସିଆ ମହାଦେଶର ଏହି ସର୍ବଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତା ଲାଗି ଶନିବାର ଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍‌ଆଇ) ପକ୍ଷରୁ ଆଥ୍‌ଲେଟ୍‌ଙ୍କ ଲାଗି ଯୋଗ୍ୟତା ମାନଦଣ୍ଡ ଜାରି କରାଯାଇଛି। ଏହିକ୍ରମରେ ପୁରୁଷ ଓ ମହିଳା ୧୦୦ ମିଟର ରେସ୍ ଲାଗି ଯଥାକ୍ରମେ ୧୦.୧୬ ଓ ୧୧.୫୪ ସେକେଣ୍ଡ ସମୟ ଧାର୍ଯ୍ୟ କରାଯାଇଛି। ଏହି ଟାଇମିଂକୁ ଦେଖିଲେ ବର୍ତ୍ତମାନ ପୁରୁଷ ୧୦୦ ମିଟରରେ ଜାତୀୟ ରେକର୍ଡର ଅଧିକାରୀ ରହିଥିବା ଅନିମେଶ କୁଜୁରଙ୍କ ଶ୍ରେଷ୍ଠ ଟାଇମିଂ ୧୦.୧୮ ସେକେଣ୍ଡ ରହିଛି। ଅର୍ଥାତ୍ ଏସୀୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିବାକୁ ହେଲେ ଅନିମେଶଙ୍କୁ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଆଗାମୀ ଦିନରେ ଭାଙ୍ଗିବାକୁ ପଡ଼ିବ। ସେହିଭଳି ପୁରୁଷ ଜାଭେଲିନ୍ ଥ୍ରୋ'ରେ ଯୋଗ୍ୟତା ମାନଦଣ୍ଡ ୭୭.୮୭ ମିଟର ରହିଛି।

**ଏସୀୟ କ୍ରୀଡ଼ା ଯୋଗ୍ୟତା ମାନଦଣ୍ଡ**

ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍

# ସେମିରେ ବାପୁଜୀ କ୍ଲବ୍



ଯାଜପୁର,୩।୧(ସମିସ): ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବର୍ଣ୍ଣ କ୍ରିକେଟ୍ କ୍ଲବ ଯାଜପୁରର ମିଳିତ ଉଦ୍ୟମରେ କୁସୁମା ନିକଟସ୍ଥ ଷ୍ଟାଡିୟମରେ ଅନୁଷ୍ଠିତ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ ମ୍ୟାଚରେ ଭୁବନେଶ୍ୱରର ବାପୁଜୀ କ୍ଲବ୍ ସେମିଫାଇନାଲ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛି।

ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବନାରସ କ୍ରିକେଟ୍ କ୍ଲବ ୨୩.୪ ଓଭରରେ ୧୩୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବେଦ ପ୍ରକାଶ ସର୍ବାଧିକ ୪୭ରନ୍ ସଂଗ୍ରହ କରିଥିଲେ। ବାପୁଜୀ କ୍ଲବ ଭୁବନେଶ୍ୱରର ବୋଲର କ୍ଷମା ସାଗର ୫ଓଭରରେ ୨୦ରନ୍ ଦେଇ ୩ଟି ଓ ସୟଦ ଜାକି ୨୪ରନ୍ ଦେଇ ୩ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ବାପୁଜୀ କ୍ଲବ ୧୪ଓଭରରେ ୩ ୱିକେଟ୍ ହରାଇ ୧୩୯ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିକାଶ ଦୀକ୍ଷିତ ସର୍ବାଧିକ ୬୯ ଓ ଜୟନ୍ତ କାୱତ୍ ୫୨ରନ୍ ସଂଗ୍ରହ କରିଥିଲେ। ଆଜିର ମ୍ୟାଚରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିକାଶ ଦୀକ୍ଷିତଙ୍କୁ ଯାଜପୁର ସହରର ବରିଷ୍ଠ ବ୍ୟବସାୟୀ ତଥା ସମାଜସେବୀ ମନୋଜ କୁମାର ସାହୁ ପୁରସ୍କୃତ କରିଥିଲେ। ଅମ୍ପାୟାର୍ ରଞ୍ଜନ ମହାନ୍ତି, ଆଶୁତୋଷ ପାଣି ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି, ବିଶ୍ୱଜିତ୍ ଦାସ ଦାୟିତ୍ୱ ତୁଲାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS